RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-18 ◆SATURDAY ◆12 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୮ ◆ଶନିବାର ◆୧୨ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ମଲାଲା ଦିବସ
▸ପୃଷ୍ଠା ୧୧ ଦେଖନ୍ତୁ...

# ବୁଢ଼ା ହେଉଛି ଭାରତ

## ବଢୁଛି ଆୟୁଷ; କମୁଛି ପ୍ରଜନନ ହାର

■ **ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି):** କମି ଚାଲିଛି ଦେଶର ଯୁବଶକ୍ତି। ଲୋକଙ୍କ ହାରାହାରି ଆୟୁଷ ବୃଦ୍ଧି, ପ୍ରଜନନ ହାର ହ୍ରାସ ଯୋଗୁଁ ଭାରତ ଦ୍ରୁତଗତିରେ ବୟସ୍କଙ୍କ ଦେଶ ପାଲଟୁଛି। ଚଳିତ ବର୍ଷ ଶେଷ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ଏକ ଚତୁର୍ଥାଂଶ ଅର୍ଥାତ ପ୍ରାୟ ୩୫ କୋଟିଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ଯାହା ଦେଶ ଓ ଅର୍ଥନୀତି ପାଇଁ ସବୁଠାରୁ ବଡ଼ ବିପଦ ଭାବରେ ଉଭା ହେବ ବୋଲି ଆକଳନ କରାଯାଉଛି। ବ୍ଲୁମ୍‌ବର୍ଗ ରିପୋର୍ଟରେ ପ୍ରକାଶିତ ହୋଇଛି ଏପରି ଏକ ସ୍ପର୍ଶକାତର ତଥ୍ୟ।

ଯୁବବର୍ଗ ଭାରତର ସବୁଠୁ ବଡ଼ ଶକ୍ତି ବୋଲି କୁହାଯାଏ। ବହୁ ବର୍ଷ ହେଲା ବିଶ୍ୱରେ ଭାରତର ଯୁବ ଜନସଂଖ୍ୟା ଏକ ପ୍ରମୁଖ ଶକ୍ତିକେନ୍ଦ୍ର ଭାବରେ ପରିଚିତ ହୋଇ ଆସିଛି। ଦେଶର ଜନସଂଖ୍ୟାର ପ୍ରାୟ ୬୫% ଲୋକଙ୍କ ବୟସ ୩୫ ବର୍ଷରୁ କମ୍ ହୋଇଥିବାରୁ ଏହାକୁ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବିନିଯୋଗ କରାଯାଉଥିଲା। ମାତ୍ର ଏବେ ଜନସଂଖ୍ୟାର ପରିସଂଖ୍ୟାନ ଏକ ନୂଆ ଓ ଚିନ୍ତାଜନକ ଚିତ୍ର ଦେଖାଇଛି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ବା ଧନୀ ରାଷ୍ଟ୍ରରେ ପରିଣତ ହେବା ପୂର୍ବରୁ ଏକ ବୁଢ଼ା ଦେଶରେ ପରିଣତ ହୋଇଯିବ ବୋଲି ଏବେ ଆଶଙ୍କା ପ୍ରକାଶ ପାଇଛି।

ଭାରତରେ ଲୋକଙ୍କ ପ୍ରଜନନ ହାର ହ୍ରାସ, ହାରାହାରି ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧି କେବଳ ସାମାଜିକ ନୁହେଁ, ବରଂ ଦେଶ ପାଇଁ ଆର୍ଥିକ କ୍ଷେତ୍ର ପାଇଁ ବିପଦ ସୃଷ୍ଟି କରିଛି।

ଭାରତ ଗତ ଅନେକ ବର୍ଷ ହେଲା ନିଜ ଯୁବ ଜନସଂଖ୍ୟାକୁ ଦୁନିଆ ଆଗରେ ନିଜର ଶକ୍ତି ରୂପେ ଉପସ୍ଥାପନ କରିଆସୁଛି। ୬୫ ପ୍ରତିଶତ ଜନସଂଖ୍ୟାର ବୟସ ୩୫ ବର୍ଷରୁ କମ ରହିବା ଦ୍ୱାରା ଦେଶକୁ ଡେମୋଗ୍ରାଫିକ୍ ଡିଭିଡେଣ୍ଟ ବା 'ଜନସଂଖ୍ୟାଗତ ଲାଭ' ମିଳୁଥିବା କୁହାଯାଉଛି। ଦେଶରେ ଅଧିକ କାମ କରୁଥିବା ଜନସଂଖ୍ୟା, ଅଧିକ ଉତ୍ପାଦନ ଓ ଦ୍ରୁତ ବିକାଶରେ ସହାୟକ ହୋଇଥାଏ। ମାତ୍ର ବ୍ଲୁମ୍‌ବର୍ଗରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ଜନସଂଖ୍ୟା ବୃଦ୍ଧିର ଗତି ମନ୍ଥର ହେବାରେ ଲାଗିଛି। ଅନ୍ୟପକ୍ଷରେ ଲୋକଙ୍କ ଜୀବନକାଳ ମଧ୍ୟ ବୃଦ୍ଧି ପାଇଛି। ଏହାର ପରିଣାମସ୍ୱରୂପ ଭାରତ ଦ୍ରୁତ ଗତିରେ ବୟସ୍କଙ୍କ ଦେଶ ଦିଗରେ ଅଗ୍ରସର ହେଉଛି। ଜନସଂଖ୍ୟାକୁ ଆର୍ଥିକ ପ୍ରଗତିର ଅଗ୍ରଦୂତ କରାଇବା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ସହରୀକରଣ, ଭିତ୍ତିଭୂମି, ଦକ୍ଷତା ବିକାଶ ସହ ଶ୍ରମଶକ୍ତିର ବିସ୍ତାର ଓ ବିନିର୍ମାଣ କ୍ଷେତ୍ର ଉପରେ ଧ୍ୟାନ ନ ଦେଲେ ପରିସ୍ଥିତି ବିଷମୟ ▸ପୃଷ୍ଠା-୭



**୩୫ କୋଟି ଛୁଇଁବ ୬୦ରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା**

**ଜାତି ସମାଜର କଙ୍ଗାରୁ କୋର୍ଟ**

# ପ୍ରେମୀଯୁଗଳଙ୍କୁ ହଳ ବୁଲାଇଲେ



■ **କଲ୍ୟାଣସିଂହପୁର, ୧୧।୭ (ସମିସ):** ଗୋଟିଏ ବଂଶର ହୋଇ ପରସ୍ପରକୁ ଭଲ ପାଇ ବିବାହ କରିବା ପ୍ରେମୀଯୁଗଳଙ୍କୁ ମହଙ୍ଗାପଡ଼ିଛି। ଜାତି ସମାଜର କଙ୍ଗାରୁ କୋର୍ଟରେ ଉଭୟ ଦଣ୍ଡିତ ହୋଇଛନ୍ତି। ଦଣ୍ଡ ସ୍ୱରୂପ କ୍ଷେତରେ ବଦଳ ସାଜି ଉଭୟେ ହଳ କରିଛନ୍ତି। ସେତିକରେ ସମାଜର ପଦାଧିକାରୀଙ୍କ ମନ ଶାନ୍ତି ହୋଇନାହିଁ। ଉଭୟଙ୍କୁ ଗାଁରୁ ତଡ଼ି ଦିଆଯାଇଛି। ଏଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ କଞ୍ଚାମଯୋଡ଼ି ଗାଁରେ। ସୋସିଆଲ ମିଡିଆରେ ଏ

**ଗାଁରୁ ନିର୍ବାସିତ ଜୀବନ ବିତାଉଛନ୍ତି**

ନେଇ ଏକ ଭିଡିଓ ଭାଇରାଲ୍ ହେବା ପରେ ଏହି ଘଟଣା ପଦାକୁ ଆସିଛି। ପ୍ରେମୀଯୁଗଳଙ୍କ ଭୁଲ ଥିଲା ଉଭୟ ଗୋଟିଏ ବଂଶର। ସମ୍ପର୍କରେ ଆତା (ପିଉସୀ ନାନୀ) ଓ ପୁତୁରା ଅଟନ୍ତି। ଆଦିବାସୀ ପରମ୍ପରା ଅନୁଯାୟୀ ଗୋଟିଏ ବଂଶର ହୋଇଥିଲେ ରକ୍ତ ସମ୍ପର୍କ କାରଣରୁ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରିବେ ନାହିଁ। କିନ୍ତୁ କଞ୍ଚାମଯୋଡ଼ି ଗ୍ରାମର ମୁଗି ସାରାକଙ୍କ ବଡ଼ପୁଅ କାଡ଼ିଆ ସାରକାଙ୍କ ସହ ବେତକଲାଙ୍ଗରେ ରହୁଥିବା ମୁଗୀଙ୍କ ଭଉଣୀ ଲାକ ସାରକାଙ୍କ ପ୍ରେମ ସମ୍ପର୍କ ରହିଥିଲା। ଦିନେ ଉଭୟଙ୍କ ଏକତ୍ରିତ ଥିବା ଗାଁ ଲୋକେ ▸ପୃଷ୍ଠା-୭

## 'ସମ୍ବିଧାନ ବଞ୍ଚାଅ' ସମାବେଶରେ ଗର୍ଜିଲେ ରାହୁଲ

# ଗରିବଙ୍କୁ ଲୁଟୁଛି ବିଜେପି ସରକାର

■ **ଭୁବନେଶ୍ୱର, ୧୧।୭ (ସମିସ):** 'ସମ୍ବିଧାନ ବଞ୍ଚାଅ' ସମାବେଶରେ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ। ସାଧାରଣ ନିର୍ବାଚନର ବର୍ଷକ ପରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ରାହୁଲ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆରେ କର୍ମୀଙ୍କ ମନରେ ଉତ୍ସାହ ଭରିଛନ୍ତି ରାହୁଲ। ଏହା ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ଭର୍ତ୍ସନା କରି ରାଜ୍ୟରେ କମ୍ପାନୀ ସରକାର ଚାଲିଛି ବୋଲି କଟାକ୍ଷ କରିଛନ୍ତି ।

ବରମୁଣ୍ଡାରେ ଏକ ସମାବେଶରେ ରାହୁଲ କହିଛନ୍ତି ଯେ ଓଡ଼ିଶା ସରକାର ଏବେ ରାଜ୍ୟର ଗରିବ, ଦଳିତ, ପଛୁଆବର୍ଗ, ଆଦିବାସୀଙ୍କ ସମ୍ପତ୍ତି ଚୋରି କରୁଛନ୍ତି। ଗୋଟିଏ ପଟେ ରାଜ୍ୟର ଗରିବ ଏବଂ ଅନ୍ୟପଟେ ଦେଶର ୫-୬ ଜଣ ଅରବପତି ଓ ବିଜେପି ସରକାର ଅଛନ୍ତି। ଏଠାରେ ଆଦିବାସୀଙ୍କୁ ତାଙ୍କ ଜମିରୁ ହଟାଇ ଦିଆଯାଉଛି। ପେସା ଆଇନ ଲାଗୁ କରାଯାଉନାହିଁ। ଆଦିବାସୀମାନଙ୍କ ଉପରେ ଅତ୍ୟାଚାର ବଢୁଛି ଏବଂ ସେମାନଙ୍କର ସମ୍ପତ୍ତି ଲୁଟ ହେଉଛି । ମାତ୍ର କଂଗ୍ରେସ ଏହା ବିରୋଧରେ ସଂଗ୍ରାମ ଜାରି ରଖିବ; ଓଡ଼ିଶାର ଜଳ, ଜଙ୍ଗଲ

**ଓଡ଼ିଶାର ଜଳ, ଜଙ୍ଗଲ ଓ ଜମି ଏବେ ଅସୁରକ୍ଷିତ**

**ଆଦିବାସୀଙ୍କ ଜମି ହଡ଼ପ କରୁଛନ୍ତି ରାଜ୍ୟ ସରକାର**

**ବିଜେପି ପାଇଁ କାମ କରୁଛନ୍ତି ନିର୍ବାଚନ କମିଶନ**

**ରାଜ୍ୟରେ କମିଶନଖୋର୍ ଶାସନ ଚାଲିଛି: ଖଡ୍‌ଗେ**

**ବିଜେପି ଗୁଣ୍ଡାଙ୍କ ବିରୋଧରେ ଏକାଠି ଲଢ଼ିବାକୁ ଆହ୍ୱାନ**



ଓ ଜମି ଆଦିବାସୀଙ୍କର, ଏହା ଆଦିବାସୀଙ୍କର ହିଁ ରହିବ। ଓଡ଼ିଶାରେ ଦୈନିକ ୧୫ ମହିଳାଙ୍କ ଦୁଷ୍କର୍ମ ହେଉଛି। ସରକାର ୨୪ ଘଣ୍ଟା ଲୋକଙ୍କ ରକ୍ତ ଶୋଷଣ କରୁଛି। ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ବୋଲି ରାହୁଲ କହିଛନ୍ତି।

ସେ କହିଛନ୍ତି ଯେଦେଶରେ ନରେନ୍ଦ୍ର ମୋଦୀ ସରକାର ଚାଷୀମାନଙ୍କ କ୍ଷତି ଭରଣା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆଣିଥିଲେ। ହେଲେ ଏହି ଯୋଜନାରେ ଗରିବ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ ଟଙ୍କା ନେଇ ବିଜେପି ୩-୪ଟି ବଡ଼ କମ୍ପାନୀକୁ ଦେଇ ଦେଇଛି। ଚାଷୀଙ୍କୁ କ୍ଷତିପୂରଣ ମିଳୁନାହିଁ; ଓଡ଼ିଶାରେ ମଧ୍ୟ ସବୁ ଚାଷୀଙ୍କୁ ଟଙ୍କା ମିଳିନାହିଁ। ସମ୍ବିଧାନ ଗରିବଙ୍କୁ ରକ୍ଷା କରୁଛି। ଏ ଦେଶ ଅଦାନୀ ଅମ୍ବାନୀଙ୍କର ନୁହେଁ, ଏ ଦେଶ ଗରିବ ଲୋକଙ୍କର। ପୁରୀରେ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଲକ୍ଷ ଲକ୍ଷ ଲୋକ ଥିଲେ; କିନ୍ତୁ ଅଦାନୀ ଓତାଙ୍କ ପରିବାର ପାଇଁ ଗୋଟିଏ ଦିନ ରଥ ଅଟକାଇ ଦିଆଗଲା। ଏଥିରୁ ସ୍ପଷ୍ଟ ଯେ ରାଜ୍ୟରେ ବିଜେପି ସରକାର ଲୋକଙ୍କର ନୁହେଁ, ଆଦାନୀଙ୍କ ସରକାର ବୋଲି ରାହୁଲ କହିଛନ୍ତି।

ନିର୍ବାଚନ କମିସନଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇବା ସହ ରାହୁଲ କହିଛନ୍ତି ଯେ ବିଜେପି ସାରା ଦେଶରେ ସମ୍ବିଧାନ ଉପରେ ଆକ୍ରମଣ କରୁଛି। ମହାରାଷ୍ଟ୍ର ଭଳି ବିହାରରେ ମଧ୍ୟ 'ଭୋଟ ଓ ନିର୍ବାଚନ ଚୋରି' ପାଇଁ ଉଦ୍ୟମ ହେଉଛି। ନିର୍ବାଚନ କମିଶନ ନିଜ କାମ ଛାଡ଼ି ବିଜେପି ପାଇଁ କାମ କରୁଛନ୍ତି। ମହାରାଷ୍ଟ୍ରରେ ଲୋକସଭା ଓ ବିଧାନସଭା ନିର୍ବାଚନ ମଧ୍ୟରେ ୧ କୋଟି ଭୋଟର ବଢିଥିଲେ। ଏବେ ବିହାରରେ ମଧ୍ୟ ମହାରାଷ୍ଟ୍ର ପରି ଭୋଟ ଚୋରି ଉଦ୍ୟମ ହେଉଛି। ତେଲଙ୍ଗାନାରେ ଜାତି ଜନଗଣନା ମାଧ୍ୟମରେ କାହା ପାଖରେ କେତେ ▸ପୃଷ୍ଠା-୭

# ଡାକ୍ତରଙ୍କୁ ପୁଲିସର ଥାର୍ଡ ଡିଗ୍ରୀ

## ଆନ୍ଦୋଳନ ଚେତାବନୀ ଦେଲା ଓମ୍‌ସା

■ **ଭୁବନେଶ୍ୱର, ୧୧।୭ (ସମିସ):** ପ୍ରଶାସନ ଉପରୁ ନିୟନ୍ତ୍ରଣ ହରାଉଛନ୍ତି ସରକାର। ଚାରିଆଡ଼େ ଅରାଜକତା ମାଡ଼ି ଚାଲିଛି। ଖୋଦ୍ ପୁଲିସ ଏବେ ଗୁଣ୍ଡାଙ୍କ ପରି ଆଚରଣ କରୁଛି। ରାୟଗଡ଼ାରେ ଜଣେ ଡାକ୍ତରଙ୍କୁ ଉଠାଇ ନେଇ ୧୮ ଘଣ୍ଟା ଅଟକ ରଖି ନିର୍ଯାତନା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏପରିକି ତାଙ୍କଠାରୁ ୧୦ ଲକ୍ଷ ଟଙ୍କା ଦାବି କରି ୨ ଲକ୍ଷ ଟଙ୍କା ନେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଯାହାକୁ ନେଇ ରାଜ୍ୟ ଡ଼ାକ୍ତର ସଂଘ ଖପ୍ପା। ଘଟଣାରେ ଯଦି ନ୍ୟାୟ ନ ମିଳେ ଓ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ ନ କରନ୍ତି, ତାହେଲେ ପ୍ରଥମେ ରାୟଗଡା ଏବଂ ପରେ ରାଜ୍ୟବ୍ୟାପୀ ଡାକ୍ତରମାନେ କାର୍ଯ୍ୟବନ୍ଦ କରିବେ ବୋଲି ସଂଘ ଚରମବାଣୀ ଶୁଣାଇଛି। ରାଜ୍ୟରେ ବର୍ତ୍ତମାନ ଡ୍ରାଇଭର ମହାସଂଘର ଆନ୍ଦୋଳନ ଯୋଗୁଁ ସାଧାରଣ ଲୋକେ ନାହିଁ ନଥିବା

**ପ୍ରଶାସନ ଉପରୁ ନିୟନ୍ତ୍ରଣ ହରାଉଛନ୍ତି ସରକାର**

**୧୮ ଘଣ୍ଟା ଅଟକ ରଖି ପୁଲିସ ୧୦ ଲକ୍ଷ ଲାଞ୍ଚ ମାଗିଥିବା ଅଭିଯୋଗ**

ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଡାକ୍ତରଙ୍କ ଚେତାବନୀ ସ୍ଥିତିକୁ ଆହୁରି ଖରାପ କରିବ ବୋଲି ଆଶଙ୍କାପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ ରାୟଗଡା ଜିଲ୍ଲାରେ ଡାକ୍ତର ସୁମୀରନ ରାଉତଙ୍କୁ ପୁଲିସର ଅତ୍ୟାଚାର ବିରୋଧରେ ଡାକ୍ତର ସଂଘ ଏକାଠି ହୋଇଛନ୍ତି। ଏକ ଟ୍ରେନ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଡାକ୍ତର ରାଉତଙ୍କୁ ସ୍ଥାନୀୟ ଚାନ୍ଦିଲି ପୁଲିସ ୧୮ ଘଣ୍ଟା ଅଟକ ରଖିଥିବା ଅଭିଯୋଗ ହୋଇଛି। ସେହିପରି ପୁଲିସ ସମ୍ପୃକ୍ତ ଡାକ୍ତରଙ୍କୁ ଛାଡ଼ିବା ପାଇଁ ୧୦ ଲକ୍ଷ ଟଙ୍କା ଦାବି କରିଥିଲା; ମାତ୍ର ଦୁଇ ଲକ୍ଷ ଟଙ୍କା ଓ ସାଦା କାଗଜରେ ଦସ୍ତଖତ ନେଇ ଡାକ୍ତରଙ୍କୁ ପୁଲିସ ଛାଡ଼ିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ନିରବ ଥିବାବେଳେ 'ଓମସା' ଏହି ପ୍ରସଙ୍ଗକୁ ନେଇ ସ୍ୱାସ୍ଥ୍ୟ ସଚିବ, ଗୃହ ସଚିବ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଛି। ରାଜ୍ୟରେ ଡାକ୍ତର ସୁରକ୍ଷିତ ନୁହନ୍ତି; ଏଭଳି ସ୍ଥିତିରେ ଯନ୍ତ୍ରଣା ମଧ୍ୟରେ ଯୁବ ଡାକ୍ତର କାର୍ଯ୍ୟ ▸ପୃଷ୍ଠା-୭

# ହଇଜାରେ ପୁଣି ଜଣେ ଶିଶୁ ମୃତ

■ **ଦିଗପହଣ୍ଡି, ୧୧।୭ (ସମିସ):** ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଦୁର୍ଗମ ଉସ୍ତପଲ୍ଲୀ ଗ୍ରାମରେ ବ୍ୟାପିଥିବା ହଇଜାରେ ପୁଣି ଜଣେ ଶିଶୁ ଶୁକ୍ରବାର ମୃତ୍ୟୁବରଣ କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗୁରୁବାର ସେ

**ଉସ୍ତପଲ୍ଲୀରେ ମୃତ୍ୟୁସଂଖ୍ୟା ୩ ଛୁଇଁଲା**

**ମୁହଁ ଖୋଲିଲେ ସାମାଜିକ ବାସନ୍ଦ ଧମକ**

ବ୍ରହ୍ମପୁର ବଡ଼ ମେଡିକାଲରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ମୃତକ ଜଣକ ହେଲେ ଉସ୍ତପଲ୍ଲୀ ଗ୍ରାମର ରଘୁନାଥ ଶବରଙ୍କ ଦେଢ ବର୍ଷର ପୁଅ ବାବୁଲି ଶବର। ଶିଶୁଙ୍କ ମୃତ୍ୟୁ ପରେ ଉସ୍ତପଲି ହଇଜା ମୃତ୍ୟୁ ସଂଖ୍ୟା ୩ ରେ ପହଞ୍ଚିଛି। ପୂର୍ବରୁ ଗ୍ରାମର ଦାସ ଶବର ଓ ପ୍ରକାଶ ରଇତଙ୍କ ମୃତ୍ୟୁ ହୋଇଥିଲା। ତେବେ ପ୍ରଶାସନ ପକ୍ଷରୁ ହଇଜା ମୃତ୍ୟୁକୁ ଅସ୍ୱୀକାର କରାଯାଇ ଅପମିଶ୍ରିତ ଖାଦ୍ୟ ଭକ୍ଷଣ ଯୋଗୁ ପେଟ ▸ପୃଷ୍ଠା-୭

## ଡ୍ରାଇଭର୍‌ଙ୍କୁ ମହଙ୍ଗା ପଡ଼ିଲା କଂଗ୍ରେସ ପ୍ରତି କୋହଳ ମନୋଭାବ

# ସଂଘ ଏକଘରକିଆ; ଆଜିଠୁ ଗଡ଼ିବ ବସ୍

■ **ଭୁବନେଶ୍ୱର/ପୁରୀ, ୧୧।୭ (ସମିସ):** ଆଜି ଚତୁର୍ଥ ଦିନରେ ମଧ୍ୟ ଡ୍ରାଇଭର୍ ମହାସଂଘର କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ଧର୍ମଘଟ ଜାରି ରଖିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗାଡ଼ି ନ ଚଳାଇବା ପାଇଁ ମହାସଂଘ ଅଡ଼ି ବସିଛି । ମାତ୍ର କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ସମାବେଶ ପ୍ରତି କୋହଳ ମନୋଭାବ ଡ୍ରାଇଭର ମହାସଂଘକୁ ମହଙ୍ଗା ପଡ଼ିଛି। ରାଜ୍ୟ ସରକାର ଓ ବିଜେପି ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇ ତାଙ୍କୁ ଖଳନାୟକ ଭାବେ ଚିତ୍ରଣ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଘରୋଇ ବସ୍ ମାଲିକଙ୍କୁ ଅସ୍ତ୍ର କରି ସରକାର ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଯୋଜନା କରିଥିବା ଡ୍ରାଇଭର ମହାସଂଘ ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ଶନିବାରଠାରୁ ରାଜ୍ୟରେ ପୁଣି ଥରେ ଘରୋଇ ବସ୍ ଚଳାଚଳ କରିବ ବୋଲି ମାଲିକ ସଂଘ ସୂଚନା ଦେଇଛି। ସେମାନଙ୍କ ସହିତ ଅନେକ ଡ୍ରାଇଭର ଅଛନ୍ତି। ସେମାନେ ବସ୍ ଚଳାଇବେ, ତେବେ ସରକାର ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ଆବଶ୍ୟକ ବୋଲି ସଂଘ ପକ୍ଷରୁ କୁହାଯାଇଛି।

**ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ: ଡ୍ରାଇଭର ସଂଘ**

ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା କହିଛନ୍ତି ଯେ ଆନ୍ଦୋଳନ କରୁଥିବା ଡ୍ରାଇଭର ମହାସଂଘର ସମସ୍ତ ଦାବିକୁ ସରକାର ଶୁଣିଛନ୍ତି। ଏ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି, ତେଣୁ ଆଉ ଆନ୍ଦୋଳନର ଆବଶ୍ୟକତା ନାହିଁ। ସରଳ ଡ୍ରାଇଭରମାନଙ୍କୁ ଡ୍ରାଇଭର ସଂଘର ନେତା ଆନ୍ଦୋଳନ ନାମରେ ଭ୍ରମିତ କରନ୍ତୁ ନାହିଁ ବୋଲି ମଧ୍ୟ ପରାମର୍ଶ ଦେଇଛନ୍ତି ।

ଅନ୍ୟପକ୍ଷରେ ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି ଯେ ଆରମ୍ଭ ହୋଇଥିବା ଆନ୍ଦୋଳନ ବନ୍ଦ ହେବାର ପ୍ରଶ୍ନ ଉଠୁନାହିଁ। ଯେ ପର୍ଯ୍ୟନ୍ତ ସରକାର ଲିଖିତ ପ୍ରତିଶ୍ରୁତି ଦେଇ ନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ। ରାଜ୍ୟର ସବୁ ଜିଲ୍ଲାର ▸ପୃଷ୍ଠା-୭

# ଓଡ଼ିଶାରେ ୩୦୦୦ ବଙ୍ଗଳାଭାଷୀ ଅଟକ

■ **ଭୁବନେଶ୍ୱର, ୧୧।୭ (ସମିସ):** ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆରମ୍ଭ ହୋଇଛି ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା। ବେଆଇନ ଅନୁପ୍ରବେଶ ଅଭିଯୋଗରେ ଏଯାଏ ୩୦୦୦ ଲୋକଙ୍କୁ ଅଟକ ରଖାଯାଇଛି। ସେମାନେ ଭାରତର ନାଗରିକ କି ନୁହନ୍ତି, ତାହାର କଡ଼ାକଡ଼ି ଯାଞ୍ଚ କରାଯାଉଛି। ତେବେ ଅଧିକାଂଶ ବାଂଲାଭାଷୀଙ୍କ ନିକଟରେ ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ରାସନକାର୍ଡ ରହିଥିବାରୁ ସେମାନଙ୍କୁ ଚିହ୍ନଟରେ ସରକାର ଅଡ଼ୁଆରେ ପଡ଼ିଛନ୍ତି। ସେମାନେ ଭାରତୀୟ ବୋଲି ପ୍ରମାଣିତ କରିବା ନିମନ୍ତେ ଅଧିକ ପ୍ରମାଣ ଲୋଡ଼ିଛି ପୁଲିସ ।

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଯେଉଁ ୩ ହଜାର ବଙ୍ଗଳାଭାଷୀଙ୍କୁ ସନ୍ଦେହରେ

**ଜବାବ ଲୋଡ଼ିଲେ କୋଲକାତା ହାଇକୋର୍ଟ**

**ଓଡ଼ିଶା ସହ ଯୋଗାଯୋଗ କରିବାକୁ ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ**

**ଅଟକ ପ୍ରକ୍ରିୟାକୁ ନେଇ ଅଡୁଆରେ ରାଜ୍ୟ ପୁଲିସ**



ଅଟକାଯାଇଛି, ସେମାନଙ୍କ ମଧ୍ୟରେ କେବଳ ଝାରସୁଗୁଡ଼ାରେ ୪୪୪ ଜଣ ରହିଛନ୍ତି। ଏମାନେ ପଶ୍ଚିମବଙ୍ଗ ବାସିନ୍ଦା ଓ ସେମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ବୋଲି ପଶ୍ଚିମବଙ୍ଗର ସାଂସଦ ଓ ବିଧାୟକ ଦାବି କରିଛନ୍ତି। କଲିକତା ହାଇକୋର୍ଟ ମଧ୍ୟ ଏହି ମାମଲାରେ ହସ୍ତକ୍ଷେପ କରି ସରକାରଙ୍କ ଠାରୁ ଜବାବ ତଲବ କରିଛନ୍ତି। ବଙ୍ଗଳା ଭାଷୀ ଏହି ଶ୍ରମିକମାନଙ୍କୁ କାହିଁକି ଓ କେଉଁ ଆଧାରରେ ଅଟକ ରଖାଯାଇଛି, ସେସଂପର୍କରେ ସୋମବାର ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଏହି ଶ୍ରମିକଙ୍କୁ ଫେରାଇ ଆଣିବା ଲାଗି ଓଡ଼ିଶା ସରକାର ସହିତ ପଶ୍ଚିମବଙ୍ଗ ସରକାର କଥାବାର୍ତ୍ତା କରନ୍ତୁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷରେ ଚିହ୍ନଟ ପ୍ରକ୍ରିୟାକୁ ନେଇ ପୁଲିସ ମଧ୍ୟ ଅଡୁଆରେ ପଡ଼ିଛି। ପୁଲିସ ଉଠାଇ ନେଇଥିବା ଅଧିକାଂଶ ଲୋକଙ୍କ ପାଖରେ ଆଧାରକାର୍ଡ ଓ ଭୋଟରକାର୍ଡ ରହିଛି। ତେଣୁ ସେମାନେ ବାଂଲାଦେଶୀ ବୋଲି ପ୍ରମାଣ କରିବା ପୁଲିସ ପାଇଁ କଷ୍ଟସାଧ ହେଉଛି। ଯେଉଁମାନଙ୍କ ପାଖରେ ଭାରତର କୌଣସି ପରିଚୟପତ୍ର ନାହିଁ ସେମାନେ ବାଂଲାଦେଶୀ ବୋଲି ଚିହ୍ନଟ କରିପାରୁଛି। ମାତ୍ର ଓଡ଼ିଶା ଓ ପଶ୍ଚିମବଙ୍ଗରେ ଦୀର୍ଘଦିନ ହେଲା ରହି ଆଧାରକାର୍ଡ ଓ ଭୋଟରକାର୍ଡ ହାତେଇଥିବା ଲୋକଙ୍କୁ କିପରି ବାଂଲାଦେଶୀ ପ୍ରମାଣିତ ▸ପୃଷ୍ଠା-୭

## ବଢ଼ିଲା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା

# ତାଲିକା ଧରି ଦିଲ୍ଲୀରେ ମନ-ମୋହନ

■ **ଭୁବନେଶ୍ୱର, ୧୧।୭ (ସମିସ):** ରାଜ୍ୟ ବିଜେପି ସଭାପତି ଭାବରେ ମନମୋହନ ସାମଲଙ୍କ ପୁନଃନିଯୁକ୍ତି ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଜୋର ଧରିଛି। ସବୁ କିଛି ଠିକ୍ ରହିଲେ ଚଳିତ ମାସ ଶେଷ ସୁଦ୍ଧା ମନ୍ତ୍ରିମଣ୍ଡଳ ଚେହେରା ବଦଳିବ। ଏହା ସହିତ ପ୍ରଥମ ପର୍ଯ୍ୟାୟରେ କିଛି ନେତାଙ୍କୁ ନିଗମ ଓ ବୋର୍ଡରେ ଥଇଥାନ କରାଯିବ। ଏ ସଂକ୍ରାନ୍ତ ସୂଚୀ ଚୂଡ଼ାନ୍ତ ନିମନ୍ତେ ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଯଦିଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସ୍ୱର୍ଗତଃ ପିତା ଦୌଲାଲ ବୈଷ୍ଣବଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେବାକୁ ଉଭୟ ଦିଲ୍ଲୀ ଯାଇଥିବା ସରକାରୀ ଭାବରେ କୁହାଯାଉଛି, ମାତ୍ର ଏହା ପଛରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗ ଜଡ଼ିତ ଥିବା ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ବି ଏଲ୍ ସନ୍ତୋଷ ଏବଂ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ସାକ୍ଷାତ ଏହି ଆଲୋଚନାକୁ ଅଧିକ ବଳ ଯୋଗାଇଛି।

ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମନ୍ତ୍ରିମଣ୍ଡଳର ସମ୍ଭାବ୍ୟ ସ୍ୱରୂପ ପ୍ରାୟତଃ ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ରାଜ୍ୟର ଜଣେ ଦୁଇଜଣ ଟାଣୁଆ ନେତା ଏଥିରେ କେଁ

**ନିଗମ ଓ ବୋର୍ଡରେ ହେବ ଥଇଥାନ**

**ଶୀର୍ଷ ନେତୃତ୍ୱଙ୍କ ମୋହରକୁ ଅପେକ୍ଷା**

ପୂରାଇଛନ୍ତି। ସେହିପରି ବାଦ ସୂଚୀରେ ସ୍ଥାନ ପାଇଥିବା କିଛି ମନ୍ତ୍ରୀଙ୍କ ସମ୍ପର୍କରେ ସହମତି ହୋଇ ପାରିନାହିଁ। ପୁନଶ୍ଚ ଏକାଧିକ ବିଭାଗ ଦାୟିତ୍ୱରେ ଥାଇ କିଛି ବିବାଦୀୟ ହୋଇଥିବା ଦୁଇଜଣ ମନ୍ତ୍ରୀଙ୍କ ସମ୍ପର୍କରେ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇ ପାରିନାହିଁ । ଗୋଟିଏ ସପ୍ତାହ ପୂର୍ବରୁ ମୋହନ ନିଜର କିଛି ଅନୁଗତଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବାକୁ ଚାହୁଁଥିଲେ, ▸ପୃଷ୍ଠା-୭

'ଏକ ରାଷ୍ଟ୍ର, ଏକ ନିର୍ବାଚନ'କୁ ନେଇ ଜେପିସି ବୈଠକ

## 'ଇସିଙ୍କୁ ଅବାଧ ଶକ୍ତି ପ୍ରଦାନ କରିବା ଅନୁଚିତ'

ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ପାଇଁ ୧୨୯ ତମ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଶୁକ୍ରବାର ସଂସଦ ଭବନରେ ଯୁଗ୍ମ ସଂସଦୀୟ କମିଟି (ଜେପିସି)ର ବୈଠକ ବସିଛି। ଏହି ବୈଠକରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଭଦ୍ରା, ବିଜେପି ସାଂସଦ ଅନୁରାଗ ଠାକୁରଙ୍କ ସମେତ ଅନ୍ୟ ସଦସ୍ୟ ସାମିଲ ହୋଇଛନ୍ତି। ସୁପ୍ରିମକୋର୍ଟର ଦୁଇ ପୂର୍ବତନ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଏବଂ ଜେଏସ୍ ଖେହର ଏଠାରେ ଉପସ୍ଥିତ ହୋଇ ଏହି ପ୍ରକ୍ରିୟା କାର୍ଯ୍ୟକାରିତା ଲାଗି ନିର୍ବାଚନ କମିଶନକୁ ଅବାଧ ଶକ୍ତି ପ୍ରଦାନ କରିବା ଅନୁଚିତ ବୋଲି କହିଛନ୍ତି। ଉଭୟେ ଏକ ରାଷ୍ଟ୍ର, ଏକ ନିର୍ବାଚନକୁ ନେଇ ନିଜ ମତ ରଖି ଏକ ପ୍ରସ୍ତୁତି ଉପସ୍ଥାପନ କରିଥିବା ସୂଚନା ମିଳିଛି। ବିଜେପି ସାଂସଦ ପିପି ଚୌଧୁରୀଙ୍କ ନେତୃତ୍ୱାଧୀନ ଜେପିସି କମିଟି ଦେଶରେ ଏକକାଳୀନ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଏହି ବିଲ୍ ଉପରେ ନିଜ ସୁପାରିସ ଦେବା ପାଇଁ ଆଇନ ବିଶେଷଜ୍ଞଙ୍କ ମତ ନେଉଛନ୍ତି। ଏଥିରେ ସାମିଲ ହୋଇଛି ଇସିଙ୍କୁ ଅବାଧ କ୍ଷମତା ଦେବାକୁ ବିରୋଧ କରିବା ସହିତ ଯାଞ୍ଚ ଏବଂ ସନ୍ତୁଳନ ବ୍ୟବସ୍ଥା ଉପରେ ପ୍ରସ୍ତାବ ଦେଇଛନ୍ତି।

## ପ୍ରବଳ ବର୍ଷା: ହିମାଚଳରେ ୨୧ ଦିନରେ ୯୧ ମୃତ

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଜୁନ୍ ୨୦ରେ ହିମାଚଳ ପ୍ରଦେଶରେ ମୌସୁମୀ ପ୍ରବେଶ କରିଥିଲା। ଏହାପରଠାରୁ ଗତ ୨୧ ଦିନ ମଧ୍ୟରେ ବର୍ଷା ଜନିତ ଘଟଣା ଅର୍ଥାତ ବନ୍ୟା, ଭୂସ୍ଖଳନ ଓ ସଡ଼କ ଦୁର୍ଘଟଣାରେ ଏହି ପାହାଡି ରାଜ୍ୟରେ ୯୧ ଜଣ ମୃତ୍ୟୁବରଣ କରିଛନ୍ତି। ରାଜ୍ୟରେ ଏବେ ୨୦୦ରୁ ଊର୍ଦ୍ଧ୍ୱ ସଡ଼କକୁ ବନ୍ଦ କରାଯାଇଛି। ସେହିପରି ଉତ୍ତରପ୍ରଦେଶର ଏକାଧିକ ଜିଲ୍ଲାରେ ଶୁକ୍ରବାର ପ୍ରବଳ ବର୍ଷା ହୋଇଛି। ମଧ୍ୟପ୍ରଦେଶରେ ମଣ୍ଡଲାରେ ଆସିଥିବା ବନ୍ୟାରେ ୭ ଜଣ ମୃତ୍ୟୁବରଣ କରିଥିବା ବେଳେ ୨ ଜଣ ନିଖୋଜ ଅଛନ୍ତି। ୩୦୦ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ୩୦୦ରୁ ଊର୍ଦ୍ଧ୍ୱ ଲୋକ ୭ଟି ରିଲିଫ୍ କ୍ୟାମ୍ପରେ ରହୁଛନ୍ତି। ଅନ୍ୟପଟେ ରାଜସ୍ଥାନରେ ୧୧ଟି ଜିଲ୍ଲାରେ ଶୁକ୍ରବାର ସକାଳୁ ବର୍ଷା ହେଉଛି। ୨୭ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଇ ଦିଆଯାଇଛି। ସାରା ଦେଶରେ ମୌସୁମୀ ସକ୍ରିୟ ରହିଛି ଏବଂ ସବୁଠାର ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଉଛି।

## ଆମେରିକା ବିଦେଶ ମନ୍ତ୍ରଣାଳୟରୁ ଛଟେଇ ହେବେ ୧୩୦୦ କର୍ମଚାରୀ

ୱାସିଂଟନ, ୧୧।୭(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଆମେରିକା ବିଦେଶ ମନ୍ତ୍ରଣାଳୟର ପୁନର୍ଗଠନ ହେବ। ଏଥିପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରୁ ୧୩୦୦ କର୍ମଚାରୀଙ୍କୁ ଛଟେଇ କରାଯିବ ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ସିଭିଲ ଓ ଫରେନ ସର୍ଭିସ୍ ବିଭାଗରେ କାର୍ଯ୍ୟକରୁଥିବା ଅଧିକାରୀମାନେ ଛଟେଇ ହେବେ। ତେବେ ଟ୍ରମ୍ପଙ୍କର ଏହି ଅଜବ ନୀତିକୁ ପୂର୍ବତନ କୂଟନୀତିଜ୍ଞ ଏବଂ ବୈଦେଶିକ ନୀତି ବିଶେଷଜ୍ଞ କଡ଼ା ସମାଲୋଚନା କରିଛନ୍ତି। ଏହା ଦ୍ୱାରା ବିଶ୍ୱରେ ଆମେରିକାର ଚାଲିଥିବା ନେତୃତ୍ୱ ଓ ପତିଆରା କ୍ଷୁର୍ଣ୍ଣ ହେବ ବୋଲି ଏମାନେ ସତର୍କ କରାଇଦେଇଛନ୍ତି।

## ଗୋଟିଏ ସପ୍ତାହରେ ଦିଲ୍ଲୀରେ ଦ୍ୱିତୀୟ ଭୂକମ୍ପ

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଦିଲ୍ଲୀ ଓ ନ୍ୟାସନାଲ କ୍ୟାପିଟାଲ ରିଜିଅନ (ଏନସିଆର)ରେ ଗୋଟିଏ ସପ୍ତାହରେ ଦ୍ୱିତୀୟଥର ପାଇଁ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଶୁକ୍ରବାର ସନ୍ଧ୍ୟା ୭.୩୦ରେ ୩.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ନ୍ୟାସନାଲ ସେଣ୍ଟର ଅଫ୍ ସିସମୋଲୋଜୀ (ଏନ୍‌ସିଏସ୍) ଏକ୍ସରେ ପୋଷ୍ଟ କରି ଏହି ସୂଚନା ଦେଇଛି। ଏହାର କେନ୍ଦ୍ରସ୍ଥଳ ହରିୟାଣାର ଝାଝର ଥିଲା। ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଗୁରୁବାର ସକାଳେ ମଧ୍ୟ ଦିଲ୍ଲୀ ଓ ଏନ୍‌ସିଆରରେ ଭୂକମ୍ପ ଝଟ୍‌କା ଦେଖିବାକୁ ମିଳିଥିଲା। ଏହାର ତୀବ୍ରତା ୪.୪ ଥିଲା।

## ଏଫବିଆଇ ଅଧିକାରୀଙ୍କ ସଚ୍ଚୋଟତା ଯାଞ୍ଚ କରୁଛି ମିଛଧରା ମେସିନ

ୱାସିଂଟନ, ୧୧।୭ (ଏଜେନ୍ସି): ବିଶ୍ୱର ପ୍ରମୁଖ ଯାଞ୍ଚ ଏଜେନ୍ସି ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ (ଏଫ୍‌ବିଆଇ) ନିଜ ଅଧିକାରୀଙ୍କୁ ବିଶ୍ୱାସ କରିପାରୁ ନାହିଁ। ଏଥିପାଇଁ ବରିଷ୍ଠ ଅଧିକାରୀଙ୍କ ସଚ୍ଚୋଟତା ଯାଞ୍ଚ କରାଯାଉଛି। ଏହି ଜାଣିବା ଲାଗି ପଲିଗ୍ରାଫ ଟେଷ୍ଟ ତଥା ମିଛଧରା ମେସିନର ବ୍ୟବହାର କରାଯାଉଛି। ଅଧିକାରୀଙ୍କୁ ଏଫ୍‌ବିଆଇର ନିର୍ଦ୍ଦେଶକ କାଶ୍ ପଟେଲଙ୍କ ବିରୋଧରେ କୌଣସି ନକରାତ୍ମକ ବୟାନ ଦେଇଥିଲେ କି ନାହିଁ ତାହା ମଧ୍ୟ ପଚରା ଯାଉଛି। ଏହା ପୂର୍ବରୁ ଦେଶଦ୍ରୋହ କିମ୍ବା ଗୋପନୀୟ ସୂଚନା ପ୍ରଘଟ କରୁଥିବା କର୍ମଚାରୀଙ୍କର ଏଭଳି ପରୀକ୍ଷା କରାଯାଉଥିଲା। କିନ୍ତୁ କାଶ୍ ପଟେଲ ନିର୍ଦ୍ଦେଶକ ହେବା ପରେ ଏହି ମେସିନର ବ୍ୟବହାର ଅନେକ ଗୁଣ ବୃଦ୍ଧି ପାଇଛି। ଏବେ ଏହା ବ୍ୟକ୍ତିଗତ ନିଷ୍ଠା ଯାଞ୍ଚର ଅସ୍ତ୍ର ପାଲଟି ଯାଇଛି। ସୂଚନା ଅନୁଯାୟୀ କାଶ୍ ପଟେଲଙ୍କ ସର୍ଭିସ ୱିପୋନ (ଅସ୍ତ୍ରଶସ୍ତ୍ର) ମାଗୁଥିବାର ଖବର କିଏ ଗଣମାଧ୍ୟମକୁ ଦେଇଥିଲା ତାହା ଜାଣିବା ପାଇଁ ଏହି ଯାଞ୍ଚ କରାଯାଉଛି। କାଶ୍ ଏଫ୍‌ବିଆଇ ଏଜେଣ୍ଟ ହୋଇ ନ ଥିବାରୁ ତାଙ୍କୁ ସର୍ଭିସ ୱିପନ ଦେବାର ନିୟମ ନାହିଁ। ଏଫ୍‌ବିଆଇର ପୂର୍ବତନ ଅଧିକାରୀଙ୍କ ଅନୁଯାୟୀ ଏହା ଏକ ରାଜନୈତିକ ଏଜେଣ୍ଡା ଜନିତ ଅଭିଯାନ।

# ଆୟକର ନୋଟିସର ଦିନକ ପରେ ଟଙ୍କା ଭର୍ତ୍ତି ବ୍ୟାଗ୍ ସହ ଦେଖାଗଲେ ମହାରାଷ୍ଟ୍ର ମନ୍ତ୍ରୀ

ମୁମ୍ବାଇ, ୧୧।୭ (ଏଜେନ୍ସି): ମହାରାଷ୍ଟ୍ର କ୍ୟାବିନେଟ ମନ୍ତ୍ରୀ ତଥା ଔରଙ୍ଗାବାଦ ପଶ୍ଚିମ ଆସନର ଶିବସେନା (ସିନ୍ଦେ ଗୋଷ୍ଠୀ) ବିଧାୟକ ସଞ୍ଜୟ ସିରସାତକୁ ନେଇ ରାଜ୍ୟର ରାଜନୀତି ସରଗରମ ହୋଇ ଉଠିଛି। ଟଙ୍କା ଭର୍ତ୍ତି ବ୍ୟାଗ ସହ ତାଙ୍କର ଏକ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଆୟକର ନୋଟିସ ମିଳିବାର ଦିନକ ପରେ ସାମାଜିକ ନ୍ୟାୟ ମନ୍ତ୍ରୀ ସଞ୍ଜୟଙ୍କ ଏହି ଭିଡିଓ ସାମ୍ନାକୁ ଆସିଛି। ଏହି ଆୟକର ନୋଟିସରେ ୨୦୧୯ରୁ ୨୦୨୪ ମଧ୍ୟରେ ତାଙ୍କ ସମ୍ପତ୍ତିରେ ଉଲ୍ଲେଖନୀୟ ବୃଦ୍ଧି ହୋଇଥିବା କୁହାଯାଇଛି। ଏହି ବିଷୟରେ ବିସ୍ତୃତ ସୂଚନା ଦେବାକୁ ମନ୍ତ୍ରୀଙ୍କୁ କୁହାଯାଇଥିଲା।

ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ସଞ୍ଜୟ ରାଉତ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ମନ୍ତ୍ରୀଙ୍କ ଏହି ଭିଡିଓ ସେୟାର କରିଛନ୍ତି। ଏଥିରେ ଦେଖାଯାଉଛି ଯେ ସଞ୍ଜୟ ଏକ ପ୍ରକୋଷ୍ଠରେ ବସି ସିଗାରେଟ ଟାଣୁଛନ୍ତି। ତାଙ୍କ ନିକଟରେ ଏକ ଟଙ୍କା ଭର୍ତ୍ତି ବ୍ୟାଗ୍ ରହିଛି। ପ୍ରକୋଷ୍ଠରେ ଏକ କୁକୁର ଥିବା ମଧ୍ୟ ଦେଖାଯାଉଛି। ଏହା ବ୍ୟତୀତ ଆଉ ଏକ ବନ୍ଦ ସୁଟ୍‌କେସ୍ ରହିଛି। ତେବେ ଏହି ଭିଡିଓ କେବେକାର ଏବଂ କେଉଁଠାର ତାହାର କୌଣସି ସୂଚନା ଦିଆଯାଇ ନାହିଁ। ଭିଡିଓ ସେୟାର କରି ରାଉତ ଲେଖିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କ ଉପରେ ଦୟା ଆସୁଛି। ସେ ଆଉ କେତେ ଥର ନିଜ ସମ୍ମାନ ତଳେ ପଡୁଥିବା ଦେଖିବେ? ଅସହାୟଙ୍କ ଅନ୍ୟ ନାମ ହେଉଛି ଫଡନାଭୀସ। ସେହିପରି ଉଦ୍ଧବ ଠାକ୍‌ରେଙ୍କ ପୁଅ ଆଦିତ୍ୟ ଠାକରେ କହିଛନ୍ତି ଯେ ଏହା ୫୦ ଖୋକା ନେଉଥିବା ସରକାର ବୋଲି ଆମେ ପୂର୍ବରୁ କହିଛୁ। ପ୍ରଥମେ ଖୋକା ଦେଖାଯାଉଛି।



ଦିନକ ତଳେ ମନ୍ତ୍ରୀ ସଞ୍ଜୟ କହିଥିଲେ ଯେ ତାଙ୍କୁ ଆୟକର ନୋଟିସ୍ ମିଳିଛି। ଗତ ଦୁଇ ନିର୍ବାଚନରେ ସମ୍ପତ୍ତି ୩ କୋଟିରୁ ବଢ଼ି ୨୪ କୋଟି କେମିତି ହୋଇଗଲା ତାହାର ଜବାବ ମଗାଯାଇଛି। ଏହି ଭିଡିଓ ସାମ୍ନାକୁ ଆସିବା ପରେ ମନ୍ତ୍ରୀ କହିଛନ୍ତି ଯେ ସେ ଯାତ୍ରା କରି ଆସିଥିଲେ। ପୋଷାକ ବାହାର କରି ଘରେ ଖଟ ଉପରେ ବସିଥିଲେ। ବ୍ୟାଗ୍ ସେଠାରେ ରଖି ଦେଇଥିଲେ। ଲୁଚିଛପି କ୍ୟାମେରା ଲଗାଇବା କିଛି ଲୋକଙ୍କ ଧନ୍ଦା ପାଲଟି ଯାଇଛି। ୫-୨୫ ଲକ୍ଷ ଟଙ୍କାର ଭିଡିଓ ଦେଖାଇଲେ କ'ଣ ହେବ। ଲୋକଙ୍କ ଘର ସେହିଥିରୁ ଚଳୁଥିବ। ଏଥିରୁ କିଛି ମିଳିବ ନାହିଁ। ଖାଲି ତାଙ୍କୁ ବଦନାମ କରିବାକୁ ପ୍ରୟାସ କରାଯାଉଛି। ତେବେ ଏହି ଭିଡିଓ ଏଆଇ ଦ୍ୱାରା ପ୍ରସ୍ତୁତ କି ବୋଲି ପଚାରିବାରୁ ସେ କିଛି ଜାଣି ନ ଥିବା କହିଥିଲେ। ଏହା ପୂର୍ବରୁ ସଞ୍ଜୟ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଛନ୍ତି ବୋଲି ଏଆଇଏମଆଇଏମ ନେତା ତଥା ପୂର୍ବତନ ସାଂସଦ ଇମ୍‌ତିଆଜ ଜଲିଲ ଅଭିଯୋଗ ଲଗାଇ ଥିଲେ।

# ଡ୍ୟାମ୍ ନା ଟାଇମ୍ ବମ୍?



ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଅରୁଣାଚଳ ପ୍ରଦେଶର ସୀମାଠାରୁ ୫୦ କିମି ଦୂରରେ ଚୀନ୍ ବିଶ୍ୱର ସର୍ବବୃହତ୍ ହାଇଡ୍ରୋପାୱାର ନଦୀ ବନ୍ଧ ନିର୍ମାଣ ଯୋଜନା କରୁଛି। ବ୍ରହ୍ମପୁତ୍ର (ଚୀନ୍‌ରେ ୟାରଲଙ୍ଗ୍ ସାଙ୍ଗପୋ ନାମରେ ପରିଚିତ) ନଦୀରେ ଏହି ଡ୍ୟାମ୍ ନିର୍ମାଣ କରିବ। ଏହା ଅରୁଣାଚଳ ପ୍ରଦେଶ ତଥା ଭାରତ ପାଇଁ ବଡ଼ ବିପଦ ସୃଷ୍ଟି କରିଛି ବୋଲି ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ କହିଛନ୍ତି। ଚୀନ୍ ଏହି ଡ୍ୟାମକୁ ଅସ୍ତ୍ର ଭଳି ବ୍ୟବହାର କରିବ। ଏହା ଭାରତ ପାଇଁ ଟିକ୍‌ଟିକ୍ କରୁଥିବା ଟାଇମ ବମ୍ ସହ ସମାନ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହି ମେଗା ଡ୍ୟାମ୍‌କୁ ବ୍ୟବହାର କରି ଚୀନ୍ ଭାରତକୁ ବହୁ ପରିମାଣରେ ପାଣି ଛାଡିବ। ଏହା ଦ୍ୱାରା ବଡ଼ ବନ୍ୟା ସୃଷ୍ଟି କରିବ। ଏହି ଡ୍ୟାମ୍ ଭାରତ ପାଇଁ ୱାଟର ବମ୍ ସଦୃଶ ହୋଇଛି ବୋଲି ସେ ସତର୍କ କରାଇ ଦେଇଛନ୍ତି। ଏହି ଡ୍ୟାମ୍ ଦ୍ୱାରା ସୀମାବର୍ତ୍ତୀ ଅଞ୍ଚଳରେ ରହୁଥିବା ଆଦିବାସୀଙ୍କ ଜୀବନ, ଭୂମି ଓ ସମ୍ବଳକୁ ଧ୍ୱଂସ କରିବାର ଆଶଙ୍କାର ରହିଛି ବୋଲି ସେ କହିଛନ୍ତି।

**ବ୍ରହ୍ମପୁତ୍ରରେ ଚୀନ ନିର୍ମାଣ କରୁଛି ବିଶ୍ୱର ବୃହତ୍ ବନ୍ଧ**

**ଉତ୍ତର-ପୂର୍ବ ଭାରତରେ ରଚାଇବ ଧ୍ୱଂସଲୀଳା**

ଅରୁଣାଚଳ ଓ ତିବ୍ବତ ମଧ୍ୟରେ ୧, ୨୦୦ କିମିର ସୀମା ରହିଛି। ଚୀନ୍ ୧୯୫୦ରୁ ତିବ୍ବତକୁ ଦଖଲ କରି ରଖିଛି। ୧.୧୪ ଲକ୍ଷ କୋଟି ଟଙ୍କା ବିନିମୟରେ ଚୀନ୍ ବ୍ରହ୍ମପୁତ୍ର ଡ୍ୟାମ୍ ନିର୍ମାଣ କରିବ। ତେବେ ଏହି ବନ୍ଧକୁ ଚୀନ୍ ଅନେକ ସୂଚନା ଗୋପନୀୟ ରଖିଛି। ଏହା ଆଞ୍ଚଳିକ ସ୍ତରରେ ଉତ୍ତେଜନାକୁ ବୃଦ୍ଧି କରିଛି। ଏହି ବନ୍ଧ ଅରୁଣାଚଳ ପ୍ରତି ବଡ଼ ବିପଦ ସୃଷ୍ଟି କରୁଛି। ଚୀନ୍ ଅନ୍ତର୍ଜାତୀୟ ଜଳ ଚୁକ୍ତିରେ ସ୍ୱାକ୍ଷର କରି ନ ଥିବାରୁ ପରିବେଶ ଏବଂ ଭୂରାଜନୈତିକ ସ୍ଥିତି ଉପରେ ଏହି ବନ୍ଧର ପ୍ରଭାବକୁ ନେଇ ଗଭୀର ଚିନ୍ତା ପ୍ରକାଶ ପାଇଛି।

ପଶ୍ଚିମ ତିବ୍ବତର ଅଙ୍ଗସି ହିମପ୍ରବାହରୁ ଏହି ନଦୀର ଉତ୍ପତ୍ତି ହୋଇଛି। ଭାରତ ମଧ୍ୟ ଏଭଳି ସମ୍ଭାବ୍ୟ ସ୍ଥିତିକୁ ସାମ୍ନା କରିବାକୁ ଏକ ବହୁମୁଖୀ ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା କରିଛି। ଏହି ପ୍ରକଳ୍ପ ହେଲେ ଚୀନ୍ ପାଣି ଛାଡିଲେ ଭାରତ ଏହି ପାଣିକୁ ରୋକିବାରେ ସମର୍ଥ ହେବ। ଭାରତ ଏଥିପାଇଁ ଜଳ ଭଣ୍ଡାର କରିବା ସହ ସମ୍ଭାବ୍ୟ ବନ୍ୟାକୁ ରୋକିବା ପାଇଁ ତା'ର ନିୟନ୍ତ୍ରଣ କ୍ଷମତାକୁ ବୃଦ୍ଧି କରିବ। ତିବ୍ବତ ଭାରତର ଉତ୍ତରରେ ଓ ଅପେକ୍ଷାକୃତ ଉଚ୍ଚରେ ଅବସ୍ଥିତ। ତେଣୁ ସେଠାରୁ ଦକ୍ଷିଣକୁ ଆସୁଥିବା ନଦୀଗୁଡିକ ଉପରେ ଚୀନ୍‌ର ନିୟନ୍ତ୍ରଣ ରହୁଛି। ଫଳରେ ଚୀନ୍ ଏକାଧିକ ନଦୀବନ୍ଧ ନିର୍ମାଣ କରି କେବଳ ଭାରତ ନୁହେଁ, ବାଂଲାଦେଶ ପାଇଁ ମଧ୍ୟ ବିପଦ ସୃଷ୍ଟି କରିଛି। ସମ୍ଭାବ୍ୟ ବିପଦ ଓ ବନ୍ୟାସ୍ଥିତି ପାଇଁ ଭାରତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

**ଅହମଦାବାଦ ବିମାନ ଦୁର୍ଘଟଣା ମାମଲା**

# ବିମାନ ଇନ୍ଧନ ସ୍ୱିଚ୍ ବନ୍ଦ ଥିଲା!

ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ଯାଞ୍ଚରେ ବୋଇଂର ୭୮୭ ଡ୍ରିମ୍‌ଲାଇନରରେ କୌଣସି ଯାନ୍ତ୍ରିକ ତ୍ରୁଟି ଥିବା ଜଣାପଡ଼ି ନାହିଁ। 'ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ରିପୋର୍ଟରେ ଏହି ଦାବି କରାଯାଇଛି। ରିପୋର୍ଟ ଅନୁଯାୟୀ ବିମାନର ଉଭୟ ଇଞ୍ଜିନକୁ ଇନ୍ଧନ ଯୋଗାଣ ନିୟନ୍ତ୍ରଣ କରୁଥିବା ସ୍ୱିଚ୍ ବନ୍ଦ କରିଦିଆ ଯାଇଥିଲା। ଏଥିଯୋଗୁଁ ଉଡ଼ାଣ ପରେ ଇଞ୍ଜିନକୁ ଶକ୍ତି (ଥ୍ରଷ୍ଟ) ଯୋଗାଣ ବନ୍ଦ ହୋଇ ଯାଇଥିଲା। ସାଧାରଣତଃ ଇଞ୍ଜିନ ଚାଲୁ କିମ୍ବା ବନ୍ଦ କରିବା, କୌଣସି ଜରୁରୀକାଳୀନ ସ୍ଥିତିରେ ରିସେଟ୍ କରିବା ପାଇଁ ପାଇଲଟ୍ ଏହି ସ୍ୱିଚ୍‌କୁ ବ୍ୟବହାର କରିଥାନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଦୁର୍ଘଟଣାର ପ୍ରାଥମିକ ତଦନ୍ତ ରିପୋର୍ଟକୁ ଖୁବ୍‌ଶୀଘ୍ର ସାର୍ବଜନୀନ କରିପାରନ୍ତି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଏହି ମାମଲାର ତଦନ୍ତ କରୁଛି। ନିୟମ ଅନୁଯାୟୀ ଦୁର୍ଘଟଣାର ୩୦ ଦିନ ଭିତରେ ଏହି ରିପୋର୍ଟ ଅପଲୋଡ କରିବାକୁ ପଡ଼ିଥାଏ। ସୂଚନାଯୋଗ୍ୟ ଯେ



**ଜରୁରୀ ଯାନ୍ତ୍ରିକ ସ୍ଥିତି ସୃଷ୍ଟି ହେଲେ ପାଇଲଟ୍ ସ୍ୱିଚ୍ ମାରନ୍ତି: ବିଶେଷଜ୍ଞ**

ଜୁନ୍ ୧୨ ତାରିଖରେ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଉଡ଼ାଣର କିଛି ସେକେଣ୍ଡ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୭୫ ଜଣଙ୍କ ମୃତ୍ୟୁ ହୋଇଥିଲା।

ଆମେରିକା ଆଭିଏସନ ୱେବସାଇଟ 'ଦି ଏୟାର କଣ୍ଟ୍ରୋଲ'ର ରିପୋର୍ଟ ଅନୁଯାୟୀ ବ୍ଲାକବକ୍ସର ପ୍ରାରମ୍ଭିକ ତଥ୍ୟରୁ ଉଭୟ ଇଞ୍ଜିନର ଫୁଏଲ ସ୍ୱିଚ୍ ପରିଚାଳନା (ମୁଭମେଣ୍ଟ)ର ସୂଚନା ଦିଆଯାଇଛି। ତେବେ ପାଇଲଟଙ୍କ ଭୁଲ୍‌ରୁ ଏପରି ହୋଇଥିଲା କି ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି କାରଣରୁ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଆମେରିକା ବିଶେଷଜ୍ଞ ଜନ୍ କାକ୍ସଙ୍କ ଅନୁଯାୟୀ ଏହି ସ୍ୱିଚ୍ ଏତେ ସମ୍ବେଦନଶୀଳ ନୁହେଁ ଯେ ଭୁଲ୍‌ରେ ହାତ ବାଜିଗଲେ ଚାଲୁ ହୋଇଯିବ। ଏହାକୁ ତଳେ ହିଁ ଅନ୍ କିମ୍ବା ଅଫ୍ କରାଯାଇଥାଏ। ଡ୍ରିମ୍‌ଲାଇନର ବିମାନର ଦୁଇ ଇଞ୍ଜିନରେ ରନ୍ ଏବଂ କଟ୍‌ଅଫ୍ ନାମରେ ଦୁଇଟି ପୋଜିସନ ଥାଏ। ବିମାନ ଆକାଶରେ ରହି ସ୍ୱିଚ କଟ୍‌ଅଫ୍‌ରେ ଥିଲେ ଇଞ୍ଜିନକୁ ଇନ୍ଧନ ମିଳିବା ବନ୍ଦ ହୋଇଯାଏ। ଏହା ଦ୍ୱାରା ଶକ୍ତି ମିଳେନାହିଁ ଏବଂ ବିଦ୍ୟୁତ ଯୋଗାଣ ମଧ୍ୟ ବନ୍ଦ ହୋଇପାରେ। ଏଥିପାଇଁ କକ୍‌ପିଟ୍‌ର ଅନେକ ଉପକରଣ ବି ବନ୍ଦ ହୋଇପାରେ। ଅନ୍ୟଜଣେ ବିଶେଷଜ୍ଞଙ୍କ ଅନୁଯାୟୀ କୌଣସି ପାଇଲଟ ବିମାନକୁ ଆସି ସ୍ୱିଚ୍ ସହ ଖେଳନ୍ତି ନାହିଁ। ଯଦି ଏପରି ହୋଇଛି ତେବେ ଜରୁରୀ ଯାନ୍ତ୍ରିକ ତ୍ରୁଟି ସୃଷ୍ଟି ହୋଇଥିବ।

## ୯ ମାସ ପରେ ପାକ୍ ଅଭିନେତ୍ରୀଙ୍କ ମୃତଦେହ ଉଦ୍ଧାର



କରାଚୀ, ୧୧।୭(ଏଜେନ୍ସି): ପାକିସ୍ତାନ ଅଭିନେତ୍ରୀ ହୁମେରା ଅସଗରଙ୍କ ମୃତ୍ୟୁ ରହସ୍ୟ ଘନେଇବାରେ ଲାଗିଛି। ୩୨ ବର୍ଷୀୟ ଏହି ଅଭିନେତ୍ରୀ କେବେ ମୃତ୍ୟୁବରଣ କରିଛନ୍ତି ସେ ନେଇ ଏବେ ସ୍ପଷ୍ଟ କରାଯାଇଛି। ପ୍ରଥମେ ସେ ୨ ମାସ ତଳେ ମୃତ୍ୟୁବରଣ କରିଥିଲେ ବୋଲି କୁହାଯାଉଥିଲା। କିନ୍ତୁ ଡିଜିଟାଲ ଓ ଫରେନସିକ୍ ପ୍ରମାଣକୁ ଭିତ୍ତିକରି ଏବେ ନୂଆ ତଥ୍ୟ ପ୍ରଦାନ କରାଯାଇଛି। ୯ ମାସ ତଳେ ଅର୍ଥାତ ଗତ ଅକ୍ଟୋବରରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି କୁହାଯାଇଛି। ତାଙ୍କର ମୃତଦେହ କରାଚୀର ଏକ ଫ୍ଲାଟ୍‌ରୁ ମିଳିଥିଲା। ଗତ ସେପ୍ଟେମ୍ବରରୁ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ କୌଣସି ପୋଷ୍ଟ ହୋଇ ନ ଥିଲା। ପଡ଼ୋଶୀ ତାଙ୍କୁ ଗତ ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଶେଷଥର ପାଇଁ ଦେଖିଥିଲେ ବୋଲି କହିଛନ୍ତି। ତାଙ୍କ ମୃତଦେହ ସମ୍ପୂର୍ଣ୍ଣ ଭାବେ ସଡିଯାଇଛି। ୨୦୨୪ ସେପ୍ଟେମ୍ବର ୧୧ରେ ସେ ଶେଷଥର ପାଇଁ ଫେସ୍‌ବୁକ୍‌ରେ ଓ ସେପ୍ଟେମ୍ବର ୩୦ରେ ଇନଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିଲେ। ପ୍ରଥମେ ମୃତଦେହ ନେବାକୁ ତାଙ୍କ ପରିବାର ମନା କରିଥିଲେ। କିନ୍ତୁ ଏବେ ତାଙ୍କ ଭାଇ ମୃତଦେହ ନେବା ପାଇଁ ପ୍ରକ୍ରିୟା ପୂରା କରିଛନ୍ତି। ହୁମେରା ତାଙ୍କ ପରିବାର ସହ କୌଣସି ସମ୍ପର୍କ ରଖିନଥିଲେ। ହୁମେରା କ୍ୟାରିଅରରେ ଏକାଧିକ ସଫଳ ସିନେମାରେ ଅଭିନୟ କରିବା ସହ ଟେଲିଭିଜନ ଶୋ'ରେ ମଧ୍ୟ ନିଜର ପ୍ରତିଭା ପ୍ରଦର୍ଶନ କରିବାରେ ସଫଳ ହୋଇଥିଲେ। ତେବେ ସେ କିପରି ଓ କେଉଁ ଭଳି ସ୍ଥିତିରେ ଜୀବନ ହରାଇଛନ୍ତି ତାହା ଏବେ ମଧ୍ୟ ରହସ୍ୟ ହୋଇ ରହିଛି।

# ବିଦେଶୀ ଗଣମାଧ୍ୟମଙ୍କୁ ଅଜିତ ଡୋଭାଲଙ୍କ ଚ୍ୟାଲେଞ୍ଜ



ଚେନ୍ନଇ, ୧୧।୭ (ଏଜେନ୍ସି): 'ଅପରେସନ ସିନ୍ଦୂର' ଭାରତ ପାଇଁ ଗର୍ବର କ୍ଷଣ ଥିଲା। ଏହି ଅଭିଯାନରେ ଭାରତର କୌଣସି କ୍ଷୟକ୍ଷତି ହୋଇନାହିଁ। ବିଦେଶୀ ଗଣମାଧ୍ୟମର ଦାବିକୁ ଖାରଜ କରି ଏନଏସଏ ଅଜିତ ଡୋଭାଲ ଶୁକ୍ରବାର ଏହି ମନ୍ତବ୍ୟ ଦେଇଛନ୍ତି। କିଛି ବିଦେଶୀ ଗଣମାଧ୍ୟମ ପାକିସ୍ତାନ ଉପରେ ଭାରତର କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଇ ଥିଲେ। ଭାରତର କ୍ଷୟକ୍ଷତି ହୋଇଥିବା ନେଇ ଦାବି କରିଥିଲେ। ଏହାକୁ ନେଇ ଡୋଭାଲ ସମାଲୋଚକଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତ କ୍ଷୟକ୍ଷତିର ଗୋଟିଏ ବି ଫଟୋ ଅଛି ଯଦି ଦେଖାଇବାକୁ ଆହ୍ୱାନ ଦେଇଛନ୍ତି। ଗୋଟିଏ କାଚ ଯଦି ବି ଭାଙ୍ଗିଛି ତେବେ ଦେଖାଅ ବୋଲି କହିଛନ୍ତି। ଆଇଆଇଟି ମାଡ୍ରାସର ୬୨ତମ ଦୀକ୍ଷାନ୍ତ ସମାରୋହରେ ସାମିଲ ହୋଇ ଡୋଭାଲ ଏହି ଟିପ୍ପଣୀ ଦେଇଛନ୍ତି।

ଏନଏସ୍ଏ କହିଛନ୍ତି ଯେ ପାକିସ୍ତାନ ଏଇଟା କଲା ସେଇଟା କଲା ଖାଲି କହୁଛନ୍ତି। କିନ୍ତୁ, ବିଦେଶୀ ଗଣମାଧ୍ୟମ କୌଣସି ଫଟୋ କିମ୍ବା ଉପଗ୍ରହ ଚିତ୍ର ଦେଖାଇ ପାରି ନାହିଁ। କ'ଣ କ୍ଷତି ହୋଇଛି ମଧ୍ୟ କହିପାରି ନାହିଁ। ଭାରତ କୌଣସି ତ୍ରୁଟି କରିନାହିଁ। ସମ୍ପୂର୍ଣ୍ଣ ସଠିକ୍ ଲକ୍ଷ୍ୟଭେଦ କରାଯାଇଥିଲା। କିଏ କେଉଁଠି ଥିଲା ତାହା ଭାରତ ଜାଣିଥିଲା। ଜ୍ଞାନକୌଶଳ ଏବଂ ୱାରଫେୟାର ମଧ୍ୟରେ ସମ୍ବନ୍ଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। 'ଅପରେସନ ସିନ୍ଦୂର'ରେ ବ୍ରହ୍ମୋସଠାରୁ ନେଇ ରାଡାର ପର୍ଯ୍ୟନ୍ତ ସବୁ କିଛି ସ୍ୱଦେଶୀ ଥିଲା। ପାକିସ୍ତାନରେ ଆଖପାଖରେ ଥିବା ୯ଟି ଆତଙ୍କବାଦୀ ଶିବିରକୁ ନିଶାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହା ସୀମା ଅଞ୍ଚଳରେ ନ ଥିଲା। ଏହା ବ୍ୟତୀତ ଭାରତ ଆଉ କୌଣସି ଠିକଣାକୁ ନିଶାଣ କରି ନ ଥିଲା। ଭାରତ ସଠିକ୍ ଲକ୍ଷ୍ୟଭେଦ କରି ଏଗୁଡିକୁ ଧ୍ୱଂସ କରିଥିଲା। ଏଭଳି ଏକ ସଭ୍ୟତା ସହ ଆମେ ସମ୍ପର୍କ ରହିଛି ଯିଏ ହଜାର ବର୍ଷ ପର୍ଯ୍ୟନ୍ତ ସଙ୍କଟଗ୍ରସ୍ତ ଏବଂ ଲହୁ ଲୁହାଣ ଥିଲା। ଆମେ ପୂର୍ବଜମାନେ ବହୁତ କିଛି ସହିଥିଲେ। ରାଷ୍ଟ୍ରର ଏହି ଧାରଣାକୁ ଜୀବନ୍ତ ରଖିବା ପାଇଁ କେତେ ଅପମାନ ଏବଂ କଷ୍ଟ ସହିଥିବା ତାହା କହିହେବନି। ରାଷ୍ଟ୍ର, ରାଜ୍ୟଠାରୁ ଅଲଗା ହୋଇଥାଏ। ଏକ ରାଷ୍ଟ୍ର ଭାବେ ଭାରତ ହଜାର ହଜାର ବର୍ଷ ହେଲା ଅସ୍ତିତ୍ୱରେ ରହିଛି।

**■ 'ଅପରେସନ ସିନ୍ଦୂର' ରେ ଭାରତ କ୍ଷୟକ୍ଷତିର ଗୋଟିଏ ଫଟୋ ଦେଖାଅ**

## ମିଆଁମାରର ବୌଦ୍ଧ ମଠ ଉପରେ ଏୟାର ଷ୍ଟ୍ରାଇକ୍; ୨୩ ମୃତ

ନାପିତ୍ୟ, ୧୧।୭(ଏଜେନ୍ସି): ମିଆଁମାରର ସାଗାଇଙ୍ଗ ଅଞ୍ଚଳରେ ଥିବା ଏକ ବୌଦ୍ଧ ମଠ ଉପରେ ଏୟାର ଷ୍ଟ୍ରାଇକ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ହୋଇଥିବା ଏହି ଆକ୍ରମଣରେ ୨୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୩୦ଜଣ ଆହତ ହୋଇଛନ୍ତି। ଲିନ୍ ତା ଶୁ ଗାଁରେ ଘଟିଥିବା ଏହି ଘଟଣାରେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୧୫୦ରୁ ଊର୍ଦ୍ଧ୍ୱ ଲୋକ ଏହି ମଠରେ ଶରଣ ନେବାକୁ ଆସିଥିଲେ। ମୃତକଙ୍କ ମଧ୍ୟରେ ୪ ଛୋଟପିଲା ସାମିଲ ରହିଛନ୍ତି। ରାତି ୧ଟାରେ ଏକ ଲଢୁଆ ବିମାନ ମଠ ଉପରେ ବୋମା ପକାଇଥିଲା। ତେବେ କିଏ ବା କେଉଁ ସଂଗଠନ ଏହି ଆକ୍ରମଣ କରିଛି ତାହା ଏ ପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ଉଲ୍ଲେଖଥାଉ କି, ୨୦୨୧ରେ ମିଆଁମାରରେ ଗୃହଯୁଦ୍ଧ ଚାଲିଛି। ସେନାବାହିନୀ ନିର୍ବାଚିତ ସରକାରଙ୍କୁ ଶାସନରୁ ହଟାଇବର ପରେ ଏହି ଗୃହଯୁଦ୍ଧ ଆରମ୍ଭ ହୋଇଛି। ଏହି ଗୃହଯୁଦ୍ଧରେ ଏପର୍ଯ୍ୟନ୍ତ ମୋଟ୍ ଉପରେ ୭୫ ହଜାର ଲୋକ ମୃତ୍ୟୁବରଣ କଲେଣି। ଏକଦା ମିଆଁମାର ଭାରତର ଅଂଶ ରହିଥିଲା। ୧୯୩୭ରେ ମିଆଁମାର ଅର୍ଥାତ ସେତେବେଳର ବର୍ମାକୁ ବ୍ରିଟିଶ ସରକାର ଭାରତ ଏକ ରାଜ୍ୟ ଭାବେ ଘୋଷଣା କରିଥିଲା। ମାତ୍ର ୧୯୪୮ ଜାନୁଆରୀ ୪ରେ ବର୍ମାକୁ ସ୍ୱାଧୀନତା ମିଳିଥିଲା।



ଜାଗୁଆର ବିମାନ ଦୁର୍ଘଟଣା

## ୧୨୦୦ ପରିବାରକୁ ବଞ୍ଚାଇଦେଲେ ପାଇଲଟ୍

ଜୟପୁର, ୧୧।୭ (ଏଜେନ୍ସି): ରାଜସ୍ଥାନ ଚୁରୁରେ ବୁଧବାର ଭାରତୀୟ ବାୟୁସେନାର ଏକ ଜାଗୁଆର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨ ପାଇଲଟ ହରିୟାଣା ରୋହତକର ସ୍କ୍ୱାଡ୍ରନ ଲିଡର ଲୋକେନ୍ଦ୍ର ସିଂହ ସାନ୍ଧୁ (୪୪) ଏବଂ ପାଲିର ଖିମ୍ବାଦୀ ଗ୍ରାମର ଫ୍ଲାଇଟ ଲେଫ୍ଟନାଣ୍ଟ ଋଷିରାଜ ( ୨୩) ପ୍ରାଣ ହରାଇ ଥିଲେ। ଦୁଇ ପାଇଲଟ ସହିଦ ହୋଇ ଗାଁର ୧୨୦୦ ପରିବାରକୁ ବଞ୍ଚାଇ ଦେଇଥିଲେ। ଉଭୟେ ଶେଷ ସମୟ ଯାଏଁ ନିଜ ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ଭୁଲି ନ ଥିଲେ। ଭାନୁଦା ଗ୍ରାମର ଗ୍ରାମବାସୀ ଏହି କହିଛନ୍ତି। ଏହି ଗାଁ ଲୋକେ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବାର କରୁଣ ଦୃଶ୍ୟ ଦେଖିଥିଲେ। ବୁଧବାର ଦ୍ୱିପହର ୧୨ଟା ୪୦ରେ ଗାଁଠୁ ଦୁଇ କିମି ଦୂର ଶୂନଶାନ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରୁ ଦୁଇ ପାଇଲଟଙ୍କ ମୃତଦେହର ଖଣ୍ଡ ବିଖଣ୍ଡିତ ଅଂଶ ଉଦ୍ଧାର କରାଯାଇଥିଲା। ସୂଚନା ଅନୁଯାୟୀ ଭାନୁଦା ବିଦାବତାନ ଏବଂ ଭାନୁଦା ଚାରନାନ ଗ୍ରାମରେ ପ୍ରାୟ ୧୨୦୦ ପରିବାର ରହୁନ୍ତି। ଏହି ବିମାନ ଆକାଶରେ ନିୟନ୍ତ୍ରଣ ହରାଇ ଏକ ଗଛ ସହ ଧକ୍କା ହୋଇଥିଲା। ତଳେ ପଡ଼ିବା ପରେ ବୋମା ଫାଟିବା ପରି ଶବ୍ଦ ଶୁଭିଥିଲା। ଏହା ଶହେ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ହୋଇ ଯାଇଥିଲା। ଏଥିଯୋଗୁଁ ନିଆଁ ଲାଗି ଯାଇଥିଲା। ଏହି ବିସ୍ଫୋରଣ ଶବ୍ଦ ଶୁଣି ଗାଁରେ ଭୟର ବାତାବରଣ ଖେଳି ଯାଇଥିଲା। ପ୍ରତ୍ୟକ୍ଷଦର୍ଶୀ ମୋହିତ ଶର୍ମାଙ୍କ ଅନୁଯାୟୀ ଦୁଇ ପାଇଲଟ ନିଜ ଜୀବନ ଦେଇ ଦୁଇ ଗାଁର ଲୋକଙ୍କୁ ନୂଆ ଜୀବନ ଦେଇଥିଲେ। ଯଦି ବିମାନ ଏହି ଦୁଇ ଗାଁ ଉପରେ ପଡ଼ିଥାନ୍ତା ତେବେ ଅଧିକ ଲୋକ ମୃତାହତ ହୋଇଥାନ୍ତେ। ଉଭୟ ପାଇଲଟ ଶେଷ ସମୟ ପର୍ଯ୍ୟନ୍ତ ବିମାନକୁ ଗାଁରେ ପଡ଼ିବାକୁ ଦେଇ ନ ଥିଲେ। ଏଥିପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ।



## କଂଗ୍ରେସ ଭବନରେ ରାଜନୈତିକ ବ୍ୟାପାର କମିଟି ବୈଠକରେ ଯୋଗଦେଲେ ରାହୁଲ

# ସରକାରଙ୍କୁ ଘେରିବା ଲାଗି ଲକ୍ଷ୍ୟଭେଦୀ ରଣନୀତି




ଭୁବନେଶ୍ୱର,୧୧।୭ (ସମିସ): ଓଡ଼ିଶା ଗସ୍ତରେ ଆସିଥିବା କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ବିରୋଧୀଦଳ ନେତା ରାହୁଲ

**ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ଶେଷ ପର୍ଯ୍ୟନ୍ତ ଅନୁଧାବନ ପରାମର୍ଶ**

**୩ ମାସ ମଧ୍ୟରେ ଗଠନ ହେବ ବ୍ଲକ୍ ଓ ଜୋନ୍ କମିଟି**

**ଜଣ ଜଣ କରି ସମସ୍ତ ବିଧାୟକମାନଙ୍କ ସହ ଆଲୋଚନା**

ଗାନ୍ଧୀ ଓ ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ କଂଗ୍ରେସ ଭବନରେ ଦଳର ନେତା ଓ ବିଧାୟକମାନଙ୍କୁ ଦେଇଛନ୍ତି ସଂଗଠନ ଶକ୍ତି ବୃଦ୍ଧିର ମନ୍ତ୍ର। ସରକାରଙ୍କୁ ଘେରିବାକୁ ଲକ୍ଷ୍ୟଭେଦୀ ରଣନୀତି ପ୍ରସ୍ତୁତ ସହ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ଶେଷ ପର୍ଯ୍ୟନ୍ତ ଅନୁଧାବନ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଏହା ସହ ୩ ମାସ ମଧ୍ୟରେ ସମଗ୍ର ରାଜ୍ୟରେ ବ୍ଲକ୍ ଓ ଜୋନ୍ କମିଟି ଗଠନ ନିମନ୍ତେ ଏଆଇସିସି ସଭାପତି ଶ୍ରୀ ଖଡ଼୍‌ଗେ ଓ ରାହୁଲ ଗାନ୍ଧୀ ମଧ୍ୟ ଦଳର ନେତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଯେମିତି ଦଳ ଉତ୍ତମ ପ୍ରଦର୍ଶନ କରି ଅଧିକରୁ ଅଧିକ ଆସନ ଜିତିବ, ସେଥିପାଇଁ ଏବେଠୁ ରଣନୀତି ପ୍ରସ୍ତୁତ କରିବା ପାଇଁ ଶୀର୍ଷ ନେତୃତ୍ୱ ପରାମର୍ଶ ଦେଇଛନ୍ତି।

ବରମୁଣ୍ଡା ପଡ଼ିଆରେ 'ସମ୍ବିଧାନ ବଞ୍ଚାଅ ସମାବେଶ' ପରେ ରାହୁଲ ଗାନ୍ଧୀଙ୍କ ସହ ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ କେସି ବେଣୁଗୋପାଳ ଅପରାହ୍ଣରେ କଂଗ୍ରେସ ଭବନରେ ଦଳର ରାଜନୈତିକ ବ୍ୟାପାର କମିଟି ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ୩ ମାସରେ ବ୍ଲକ୍ ଓ ଜୋନ୍‌ସ୍ତରୀୟ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେବା ସହ ମହିଳା ହିଂସା, ଆଦିବାସୀଙ୍କ ଉପରେ ଅତ୍ୟାଚାର ଓ କମ୍ପାନୀ ପ୍ରୀତି ପାଇଁ ହେଉଥିବା ବିସ୍ଥାପନ ବିରୋଧରେ ଲଢ଼େଇ ଜୋରଦାର କରିବାକୁ ପରାମର୍ଶ ଦେଇଥିଲେ।

ରାହୁଲ ଗାନ୍ଧୀ କହିଥିଲେ, ଯେକୌଣସି ପ୍ରସଙ୍ଗରେ ଶେଷ ପର୍ଯ୍ୟନ୍ତ ଲଢ଼େଇର ଆବଶ୍ୟକତା ରହିଛି। ଏଥିପାଇଁ ଆନ୍ଦୋଳନ ଓ ଧାରଣା ଦେବା ସହ ଜନଜାଗରଣ କରାଯିବା ଆବଶ୍ୟକ। ଦଳ ଯେତେବେଳେ ଚାହିଁବ, ସେ ଓଡ଼ିଶାରେ ଆସି ପହଞ୍ଚିବେ। ସେହିପରି ଶ୍ରୀ ବେଣୁଗୋପାଳ କହିଥିଲେ ଯେ ସରକାର ଗଠନ ପାଇଁ ସମସ୍ତେ ଏକ୍ ହୋଇ ଲଢ଼େଇ କରିବାକୁ ହେବ, ମାତ୍ର ଏ କ୍ଷେତ୍ରରେ ବିଶୃଙ୍ଖଳାକୁ କୌଣସି ପ୍ରକାର ବରଦାସ୍ତ କରାଯିବ ନାହିଁ। ପରେ ତିନି ନେତା କଂଗ୍ରେସ ପକ୍ଷରୁ ଗଠିତ ବିଭିନ୍ନ କମିଟିର ଅଧ୍ୟକ୍ଷମାନଙ୍କୁ ଭେଟିବା ସହ ସେମାନେ ଗସ୍ତ କରି ବିଭିନ୍ନ ଜିଲ୍ଲାରୁ ସଂଗ୍ରହ କରିଥିବା ରିପୋର୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଦଳର ସମସ୍ତ ବିଧାୟକମାନଙ୍କ ସହ ଜଣଜଣ କରି ଆଲୋଚନା କରିଥିଲେ। କଂଗ୍ରେସ ଦଳ ଗରିବ, ଦଳିତ ଓ ପଛୁଆ ବର୍ଗ ଓ ଆଦିବାସୀମାନଙ୍କର ଦଳ ବୋଲି ଲୋକଙ୍କୁ ବୁଝାଇବା ସହ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୋଧରେ ଲଢ଼ିବାକୁ ପରାମର୍ଶ ଦେଇଥିଲେ।

# ଆସୁଛି ଲଘୁଚାପ; ୧୬ ଯାଏଁ ବଡ଼ ବର୍ଷା

ଭୁବନେଶ୍ୱର/ସମ୍ବଲପୁର,୧୧।୭ (ସମିସ): ଉତ୍ତର ବଙ୍ଗୋପସାଗରରେ ଆସନ୍ତା ୧୩ କିମ୍ବା ୧୪ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୧୬ ତାରିଖ ଯାଏଁ ପ୍ରବଳ ବର୍ଷାର ଆଶଙ୍କା ରହିଛି। ଏଥିସହିତ ୨୩ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଅପରପକ୍ଷରେ ମହାନଦୀର ଉପରମୁଣ୍ଡରେ ବର୍ଷା କମିବା ଫଳରେ ହୀରାକୁଦ ଜଳଭଣ୍ଡାରକୁ ବନ୍ୟା ଜଳ ପ୍ରବେଶ କମିଛି। ଯାହାକୁ ନଜରରେ ରଖି ହୀରାକୁଦ କର୍ତ୍ତୃପକ୍ଷ ଶୁକ୍ରବାର ସନ୍ଧ୍ୟାରେ ୨ଟି ଗେଟ୍ ବନ୍ଦ କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଜଳଭଣ୍ଡାରର ଜଳପତ୍ତନ ୬୦୫. ୧୯ ଫୁଟ୍ ଥିବା ବେଳେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୧୧ ହଜାର ୭୫୯ ଘନଫୁଟ ଜଳ ପ୍ରବେଶ କରୁଛି। ମୋଟ୍ ୧୬ଟି ସ୍ଲୁଇସ୍ ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୨ ଲକ୍ଷ ୬୭ ହଜାର ୫୨୫ ଘନଫୁଟ ଜଳ ନିଷ୍କାସିତ ହେଉଛି।

**ହୀରାକୁଦର ୧୪ ଗେଟ୍ ଖୋଲା**

# ବିଶ୍ୱବିଦ୍ୟାଳୟ ପରିଚାଳନା କରିବେ ସରକାର!

## ପୁଲିସ୍ ହାଉସିଂ ବୋର୍ଡ ମାଧ୍ୟମରେ ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ ଯୋଜନା

ଭୁବନେଶ୍ୱର, ୧୧।୭ (ସମିସ): ସରକାରୀ ମହାବିଦ୍ୟାଳୟ ପରି ବିଶ୍ୱବିଦ୍ୟାଳୟକୁ ମଧ୍ୟ ପରିଚାଳନା କରିବେ ସରକାର। କୁଳପତିଙ୍କ ସମେତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀଙ୍କ ବେତନ ସରକାର ସିଧାସଳଖ ପ୍ରଦାନ କରିବେ। ଏହା ସହ ପ୍ରଶାସନିକ କ୍ଷେତ୍ରରେ ନିଷ୍ପତ୍ତି ମଧ୍ୟ ସରକାର ନେବେ। ସରକାରୀସ୍ତରରେ ଏପରି ବିଚାରବିମର୍ଶ ହୋଇଛି, ମାତ୍ର ଆଗକୁ ଛାତ୍ରସଂସଦ ନିର୍ବାଚନ ଯୋଜନା ଥିବାରୁ ବର୍ତ୍ତମାନ ପାଇଁ ଏହି ନିଷ୍ପତ୍ତି କାର୍ଯ୍ୟାନ୍ୱୟନ ନିଷ୍ପତ୍ତି ସ୍ଥଗିତ ରଖାଯାଇଛି।

ସୂଚନା ଅନୁଯାୟୀ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଅନୁଷ୍ଠିତ ବୈଠକରେ ବ୍ୟାପକ ଆଲୋଚନା ପରେ ସରକାରୀସ୍ତରରେ ସହମତି ହୋଇଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ପ୍ରଶାସନ ଉପରୁ ଚାପ କମିବା ସହ ନିରପେକ୍ଷ ଭାବେ ଦରମା ପ୍ରଦାନ କରାଯାଇ ପାରିବ ବୋଲି ଯୁକ୍ତି ଦର୍ଶାଯାଇଛି। ସେହିପରି ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଉନ୍ନତିକରଣ ଏବଂ ରକ୍ଷଣାବେକ୍ଷଣ ଭାର ମଧ୍ୟ ସରକାର ନିଜ ହାତକୁ ଦେବାକୁ ବିଚାର କରୁଛନ୍ତି। ଏପରି ହେଲେ ବିଶ୍ୱବିଦ୍ୟାଳୟକୁ ଆଉ କୌଣସି ଅନୁଦାନ ମିଳିବ ନାହିଁ। ରାଜ୍ୟ ପୁଲିସ୍ ହାଉସିଂ ବୋର୍ଡ ମାଧ୍ୟମରେ ଉନ୍ନତିକରଣ କରାଯିବ। ନୂତନ କୋଠା ସମେତ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ସେହି ସଂସ୍ଥା କରିବ; ଫଳରେ ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା ହ୍ରାସ ପାଇବ।

ଆଗକୁ ଛାତ୍ରସଂସଦ ନିର୍ବାଚନ ଓ ମନ୍ତ୍ରିମଣ୍ଡଳ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତିକୁ ଆପାତତଃ ସ୍ଥଗିତ ରଖାଯାଇଛି। କୁଳପତି ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବାବେଳେ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପରି ସ୍ଥିତିରେ ଟିକିଏ ଏପଟସେପଟ ହେଲେ ମନ୍ତ୍ରୀ ପଦ ଯିବାର ଆଶଙ୍କା ବଢ଼ିଯିବ। ଏଣୁ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀଙ୍କୁ ସିଧାସଳଖ ଦରମା ପ୍ରଦାନ କରିବା ନିଷ୍ପତ୍ତିରେ ଉଚ୍ଚଶିକ୍ଷା ମନ୍ତ୍ରୀ ମୋହର ମାରିବା ବଦଳରେ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି।

**କମିବ ବିଶ୍ୱବିଦ୍ୟାଳୟ ସ୍ୱାୟତ୍ତତା; ବିରୋଧ ଆଶଙ୍କାରେ ନିଷ୍ପତ୍ତି ବିଳମ୍ବ**

**ପୁଲିସକୁ ଫସାଇ ଦେଲା ଅଭିଯୁକ୍ତ**

# ଅପହରଣକାରୀ ଭାବି ପିଟିଲେ ଗ୍ରାମବାସୀ



ବାଲିଗୁଡ଼ା,୧୧।୭ (ସମିସ): ଅଭିଯୁକ୍ତକୁ ଧରିବାକୁ ଆସିଥିବା ପୁଲିସକୁ ଫସାଇ ଦେଲା ଅଭିଯୁକ୍ତ। ତାକୁ ଅପହରଣ କରିବାକୁ କେତେକ ଲୋକ ଆସିଥିବା ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ କିଛି ନବୁଝି ସାଦା ପୋଷାକରେ ଥିବା ପୁଲିସକୁ ନିସ୍ତୁକ ମାଡ଼ ମାରିଛନ୍ତି। ଏଭଳି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳରେ। ମାଡ଼ ଖାଇଥିବା କଳାହାଣ୍ଡିର ୩ ପୁଲିସଙ୍କୁ ତୁମୁଡ଼ିବନ୍ଧ ପୁଲିସ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରିଥିଲା।

ପ୍ରକାଶ ଯେ, କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ପୁସାଙ୍ଗିଆକୁ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଜଣେ ଅଭିଯୁକ୍ତକୁ ଧରିବାକୁ ଆସିଥିଲା କଳାହାଣ୍ଡି ପୁଲିସ। କିନ୍ତୁ ଅଭିଯୁକ୍ତ ଜଣକ ପୁଲିସ ହାତରୁ ଖସିଯାଇଥିଲା। ପରେ ପୁଲିସକୁ ଫସାଇବା ପାଇଁ ଫୋନ୍ ଯୋଗେ ତାର ସହକର୍ମୀ ଓ ଗ୍ରାମବାସୀଙ୍କୁ ମିଛ ଖବର ଦେଇଥିଲା ଯେ, ତାକୁ ଏକ କାର୍‌ରେ କିଛି କଳାହାଣ୍ଡି ଲୋକ ଅପହରଣ କରିବାକୁ ଆସିଛନ୍ତି ଏବଂ ସେମାନଙ୍କ ହାବୁଡ଼ରୁ ସେ ଖସି ଆସି ଜଙ୍ଗଲରେ ଲୁଚିଛି। ଏହାପରେ ଗ୍ରାମବାସୀ ଓ ତାଙ୍କ ସହକର୍ମୀ ପିଛାକରି କଳାହାଣ୍ଡିରୁ ଆସିଥିବା ପୁଲିସ ଗାଡ଼ିକୁ କୃତ୍ତମଗଡ ଟୋଲ୍‌ଗେଟ୍ ନିକଟରେ ଅଟକାଇ କର୍ମଚାରୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ସେମାନେ ପୁଲିସ ପରିଚୟ ଦେଇଥିଲେ ମଧ୍ୟ ଶୁଣିନଥିଲେ ଅଞ୍ଚଳବାସୀ। ବହୁ ସମୟ ପରେ ତୁମୁଡ଼ିବନ୍ଧ ପୁଲିସ ପହଞ୍ଚିବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଘଟଣା ସ୍ଥଳରେ ତୁମୁଡ଼ିବନ୍ଧ ଥାନା ଅଧିକାରୀ ଆଶୁତୋଷ ଜେନା ପହଞ୍ଚି ସାଦା ପୋଷାକରେ କଳାହାଣ୍ଡିର ତିନି ପୁଲିସ ଅଧିକାରୀକୁ ମୁକୁଳାଇ ଥାନାକୁ ଆଣିଥିଲେ। ଘଟଣାରେ ସମ୍ପୃକ୍ତ ଗ୍ରାମବାସୀଙ୍କୁ ଅଟକ ରଖି ପୁଲିସ ଅଧିକ ତଦନ୍ତ ଚଳାଇଛି।

## ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ପୁଲିସକୁ ବଡ଼ ସଫଳତା

# ସରଣ୍ଡା ଜଙ୍ଗଲରୁ ୧୮ ଆଇଇଡି ଜବତ



ରାଉରକେଲା,୧୧।୭ (ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ଝାଡ଼ଖଣ୍ଡ ପୁଲିସକୁ ମିଳିଛି ବଡ଼ ସଫଳତା। ଝାଡ଼ଖଣ୍ଡ ରାଜ୍ୟର ସରଣ୍ଡା ଜଙ୍ଗଲରେ ନକ୍ସଲଙ୍କ ଏକ ବଡ଼ଧରଣର ଯୋଜନାକୁ ପଣ୍ଡ କରିଛନ୍ତି ସୁରକ୍ଷା ବାହିନୀ। ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲରୁ ମାଓବାଦୀମାନେ ଖଞ୍ଜିଥିବା ୧୮ଟି ଆଇଇଡିକୁ ବମ୍ବସ୍କ୍ୱାଡ୍ ଦ୍ୱାରା ନିଷ୍କ୍ରିୟ କରାଯାଇଛି। ଏକ ସପ୍ତାହ ମଧ୍ୟରେ ଝାଡ଼ଖଣ୍ଡ ପୁଲିସ ଦ୍ୱାରା ୬୪ଟି ଆଇଇଡି ଉଦ୍ଧାର ହୋଇଥିବା ସୂଚନା ମିଳିଛି। ସରଣ୍ଡା ଜଙ୍ଗଲରେ କମ୍ବିଂ କରୁଥିବା ସୁରକ୍ଷା ଯବାନଙ୍କ ଜୀବନପ୍ରତି ହାନୀ ପହଞ୍ଚାଇବା ପାଇଁ ମାଓବାଦୀମାନେ ବିଭିନ୍ନସ୍ଥାନରେ ଆଇଇଡି ପୋତିଥିବା କୁହାଯାଉଛି।

ସୂଚନା ଅନୁସାରେ ଝାଡ଼ଖଣ୍ଡ ରାଜ୍ୟ ଚାଇବାସା ଓ ଖୁଣ୍ଟି ଜିଲ୍ଲା ସୀମାରେ ଥିବା ସରଣ୍ଡାର କୋଲହାନ ନିକଟ କୋଚାଙ୍ଗ ଜଙ୍ଗଲରୁ ଗୁରୁବାର ରାତିରେ ସୁରକ୍ଷା ଯବାନମାନେ କମ୍ବିଂ କଲାବେଳେ ୧୮ଟି

**ବମ୍ବସ୍କ୍ୱାଡ୍ ଦ୍ୱାରା ନିଷ୍କ୍ରିୟ; ସପ୍ତାହରେ ୬୪ଟି ଆଇଇଡି ଉଦ୍ଧାର**

ଆଇଇଡିକୁ ମାଟିତଳେ ପୋତା ଯାଇଥିବା ଅବସ୍ଥାରେ ଜବତ କରିଛନ୍ତି। ପ୍ରତ୍ୟେକର ଓଜନ ୩ କେଜି ରହିଥିବା ସୂଚନା ମିଳିଛି। ସୁରକ୍ଷା ବାହିନୀଙ୍କୁ ଟାର୍ଗେଟ କରି ଏହି ଲ୍ୟାଣ୍ଡମାଇନ ବିଛାଯାଇଥିବା ସ୍ପଷ୍ଟ ହୋଇଛି। ଝାଡ଼ଖଣ୍ଡ ଜାଗୁଆର ଏବଂ ସିଆରପିଏଫ ଯବାନ ସହ ଚାଇବାସା ଏବଂ ଖୁଣ୍ଟି ପୁଲିସ ମିଳିତ ଭାବେ ସର୍ଚ୍ଚ ଅପରେସନ ଚାଲିଥିବାବେଳେ ଏହି ସଫଳତା ମିଳିଛି।

ସେହିପରି ଗତ ୭ ତାରିଖ ରାତିରେ ଓଡିଶା - ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଟୋକଲ ଥାନା ଅଧୀନ ସରଣ୍ଡା ଜଙ୍ଗଲରୁ ୧୬ଟି ଆଇଇଡିକୁ ସୁରକ୍ଷା ଯବାନମାନେ ଜବତ କରିଥିଲେ। ପ୍ରତ୍ୟେକ ଆଇଇଡିର ଓଜନ ୨ କେଜି ଥିଲା ବୋଲି ସୂଚନା ମିଳିଛି। ଝାଡ଼ଖଣ୍ଡ ଓଡ଼ିଶା ସୀମା ଚାଇବାସା ଟୋକଲ ଥାନା ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀଙ୍କୁ ଟାର୍ଗେଟ କରି ଖଞ୍ଜା ଯାଇଥିବା ଏହି ୧୬ଟି ଆଇଇଡି ଟିଫିନ ବୋମାକୁ ଉଦ୍ଧାର କରି ଏହାକୁ ନିଷ୍କ୍ରିୟ କରାଯାଇଥିଲା। ସେହିପରି ଗତ ୪ ତାରିଖରେ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଚାଇବାସା ଜିଲ୍ଲା ଟୋକଲ ଥାନା ଅଧୀନ ଦଲଭଙ୍ଗା ସରଣ୍ଡା ଜଙ୍ଗଲରୁ ୩୦ ଟିଫିନ ଆଇଇଡି ସୁରକ୍ଷା ଯବାନମାନେ ଜବତ କରିଥିଲେ। ପ୍ରତ୍ୟେକ ଆଇଇଡିର ଓଜନ ୨ କେଜି ହେବ ବୋଲି ଜଣାପିଡ଼ିଥିଲା। ସୁରକ୍ଷା ବାହିନୀଙ୍କୁ ଟାର୍ଗେଟକରି ଖଞ୍ଜା ଯାଇଥିବା ଏହି ଆଇଇଡି ବୋମାଗୁଡିକୁ ଉଦ୍ଧାର କରାଯାଇଥିଲା। ସୂଚନାଯୋଗ୍ୟ ଟପ୍ ମାଓନେତା ଅସୀମ ମଣ୍ଡଳ ସହ ମିସିର, ମୋଛୁ, ଅନମୋଲ ବର୍ତ୍ତମାନ ସରଣ୍ଡା ଜଙ୍ଗଲରେ ସକ୍ରିୟ ରହିଥିବାରୁ ଝାଡ଼ଖଣ୍ଡ ପୁଲିସ ପକ୍ଷରୁ ଏହି ସର୍ଚ୍ଚ ଅପରେଶନ ଜାରି ରହିଛି।

# ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶ

ଅନୁଗୋଳ, ୧୧।୭ (ସମିସ): ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡିତ ବ୍ୟକ୍ତି ହେଲେ ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ମାଳିବ୍ରାହ୍ମଣୀ ଗ୍ରାମର ସନାତନ ନାଏକ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ମାର୍ଚ୍ଚ ୭ ମଧ୍ୟାହ୍ନରେ ସନାତନ ସେହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ପୀଡ଼ିତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ସନାତନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ସ୍ୱତନ୍ତ୍ର ପୋକ୍ସୋ ଜଜ୍ ସୌମ୍ୟା ଶୁଭଦର୍ଶିନୀ ଏହି ମାମଲାର ଶୁଣାଣି କରି ୧୬ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ସନାତନଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସରୋଜ କୁମାର ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।


PARADEEP PARIVAHAN LIMITED

**PARADEEP PARIVAHAN LIMITED**

(CIN: L63090OR2000PLC006379)

**Regd Office:** Room no.204, Above OBC, Bank Street, Port Town, Paradeep, Jagatsinghpur-754142, Odisha, India

Phone no. 06722-223416, 0674-2590169, Mail: **ho@paradeepparivahan.com**

**Corporate Office:** A-29, Pallaspalli, Near AirPort, Bhubaneswar, Pin- 751020, Odisha, India

**Tel/ Fax- 0674-2590169, Mail:info@paradeepparivahan.com**

**Web Site: www.paradeepparivahan.com**

**NOTICE OF POSTAL BALLOT**

Members are hereby informed that pursuant to the provisions of Section 108 and 110, and other applicable provisions of the Companies Act, 2013, as amended ("the Act"), read together with the Companies (Management and Administration) Rules, 2014, as amended ("the Management Rules"), General Circular No. 09/2024 dated September 19, 2024, issued by the Ministry of Corporate Affairs, Government of India and Circular - SEBI/HO/CFD/CFD-PoD-2/P/CIR/2024/133 dated October 3, 2024 issued by the Securities and Exchange Board of India ("SEBI") (hereinafter collectively referred to as "the Circulars"), Secretarial Standard on General Meetings issued by the Institute of Company Secretaries of India ("SS-2"), Regulation 44 of the SEBI (Listing Obligations and Disclosure Requirements) Regulations, 2015, as amended ("the LODR Regulations") and any other applicable law, rules, circulars, notifications and regulations (including any statutory modification(s) or re-enactment(s) thereof, for the time being in force), for seeking the approval of the Members of the Company to transact the Business as set out below and as contained in the Postal Ballot Notice dated July 09, 2025 by passing the said resolutions through Postal Ballot, only by way of remote e-voting process.

| Sr. No. | Description of Resolutions |
|---|---|
| 1 | Alteration of Memorandum of Association for additions of new business activities under the main object clause. |

Pursuant to the Circulars, the Company has completed the dispatch of the Postal Ballot Notice along with the explanatory statement on **Friday, July 11, 2025**, through electronic mode to those Members whose email addresses are registered with the Company / depository participant(s) and whose names are recorded in the Register of Members/Register of Beneficial Owners maintained by the Depositories as on **Friday, July 04, 2025** ("Cut-off Date"). The communication of assent/dissent of the members will only take place through remote e-voting system. A person who is not a member as on the Cut-Off date should treat this Notice for information purposes only.

The Company has engaged the services of Bigshare Services Private Limited to provide e-voting facility. The remote e-voting period commences from **Monday, July 14, 2025 at 09.00 A.M. (IST)** and end on **Tuesday, August 12, 2025 at 05.00 P.M. (IST).** The e-voting module will be blocked by Bigshare Services Private Limited thereafter.

CS Jyotirmoy Mishra (FCS-6556, CP No-6022), Practicing Company Secretaries, of 'Sunita Jyotirmoy & Associates, Company Secretaries' has been appointed as the Scrutinizer to scrutinize the Postal Ballot e-voting process in a fair and transparent manner.

The Notice is also available on the website of the Company at www.paradeepparivahan.com, on the website of stock exchanges i.e. BSE Limited at **www.bseindia.com** respectively and on the website of the of e-voting agency i.e. Bigshare Services Pvt Ltd at **https://ivote.bigshareonline.com.**

In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at **https://ivote.bigshareonline.com.** under download section or you can email us to ivote@bigshareonline.com or call us at: 022-62638338. The result of e-voting shall be intimated to BSE Limited, where the Company's equity shares are listed, within a period of 2 working days from the conclusion of the e-voting. The results would also be uploaded on the website of Company at **www.paradeepparivahan.com**, the stock exchanges at **www.bseindia.com.**

**Place: Bhubaneswar**
**Date: July 09, 2025**

**For Paradeep Parivahan Limited**
**Sd/- Khalid Khan**
**Managing Director**
**DIN: 06432054**


# ରୋଗୀଙ୍କ ପାଇଁ ଅଭିଶାପ ପାଲଟିଛି 'ଆୟୁଷ୍ମାନ'


## ଝିଅର ମୃତ୍ୟୁ ହେଲେ ଦାୟୀ ରହିବେ ସରକାର: ପରିବାର

ଭୁବନେଶ୍ୱର, ୧୧।୭ (ସମିସ): ଆୟୁଷ୍ମାନ କାର୍ଡକୁ ନେଇ ପ୍ରତିଦିନ ବଢ଼ିବାରେ ଲାଗିଛି ଅଭିଯୋଗ। ପୂର୍ବରୁ ବିଏସ୍‌କେୱାଇରେ ବିନା ଦ୍ୱିଧାରେ ଚିକିତ୍ସା ପାଉଥିବା ଗରିବ ରୋଗୀମାନଙ୍କ ପାଇଁ ବିଜେପି ସରକାରଙ୍କ 'ଆୟୁଷ୍ମାନ' ଅଭିଶାପ ପାଲଟିଛି। ଚିକିତ୍ସା ସୁବିଧାସୁଯୋଗରୁ ବଞ୍ଚିତ ରୋଗୀମାନେ ଏବେ ନବୀନ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଏସ୍‌କେୱାଇକୁ ଝୁରୁଛନ୍ତି। କୋରାପୁଟ, ରାୟଗଡ଼ାର ରୋଗୀମାନେ ବିଶାଖାପାଟଣାରେ ଚିକିତ୍ସା ନ ପାଇ ହନ୍ତସନ୍ତ ହୋଇଥିବାବେଳେ ଏବେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଅନୁରୂପ ଘଟଣା ଦେଖିବାକୁ ମିଳିଛି। ବିଏସ୍‌କେୱାଇରେ ବିନା ମୂଲ୍ୟରେ ହୃଦରୋଗର ଚିକିତ୍ସା କରିଥିବା ଗରିବ ଝିଅଟି ଏବେ ଅନ୍ୟଏକ ବ୍ୟାଧିରେ ମୃତ୍ୟୁସହ ସଂଘର୍ଷ କରୁଥିଲେ ହେଁ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ସୁଯୋଗ ପାଇପାରୁ ନାହିଁ। ଯାହାକୁ ନେଇ ପରିବାର ଲୋକମାନେ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ଆୟୁଷ୍ମାନ କାର୍ଡ ସେମାନଙ୍କ ଚିକିତ୍ସାରେ ଲାଗି ପାରୁ ନ ଥିବା ଅଭିଯୋଗ କରି ଯଦି ତାଙ୍କ ଝିଅର କିଛି ହୋଇଯାଏ ତେବେ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ପରିବାର ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

ସାଲିଆ ସାହିର ଝିଅ ରାଧିକା (ଛଦ୍ମନାମ)ର ପରିବାର ଅତ୍ୟନ୍ତ ଗରିବ। ପୂର୍ବରୁ ବିଏସ୍‌କେୱାଇରେ ନିଜର ହୃଦ୍‌ରୋଗର ଚିକିତ୍ସା କରି ସୁସ୍ଥ ହୋଇଥିଲେ। ମାତ୍ର ଏବେ ସେ ଆଉଏକ ଦୂରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଓ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ମାତ୍ର ପୂର୍ବରୁ ବିଏସ୍‌କେୱାଇରେ ସେ ଘରୋଇ ହସ୍ପିଟାଲ୍‌ରେ ଯେଉଁ ଚିକିତ୍ସା ସେବା ପାଇଥିଲେ, ଏବେ

**ନବୀନଙ୍କ ବିଏସ୍‌କେୱାଇକୁ ଝୁରୁଛନ୍ତି ରାଜ୍ୟବାସୀ**

ଆୟୁଷ୍ମାନ୍‌ର ତାହା ପାଉନାହାନ୍ତି। ତେଣୁ ଝିଅଟି ଏବେ ଜୀବନ-ମରଣ ସହ ସଂଘର୍ଷ କରୁଛି। ତାଙ୍କ ପରିବାର ମଧ୍ୟ ଏହାକୁ ନେଇ ବେଶ୍ ଚିନ୍ତିତ। ଆୟୁଷ୍ମାନ କାର୍ଡ ତାଙ୍କ ପାଇ ଅଭିଶାପ ପାଲଟିଛି ବୋଲି ଉଲ୍ଲେଖ କରି ସରକାରଙ୍କୁ ନିନ୍ଦା କରିଛନ୍ତି। ଚିକିତ୍ସା ନ ପାଇ ତାଙ୍କ ଝିଅ ଯଦି ମୃତ୍ୟୁବରଣ କରେ ତେବେ ସରକାର ଦାୟୀ ରହିବେ ବୋଲି ରାଧିକାର ବାପା କହିଛନ୍ତି। ଆୟୁଷ୍ମାନ ଯୋଜନାରେ ବିଭିନ୍ନ ରୋଗ ପାଇଁ ଅପେକ୍ଷାକୃତ କମ୍ ଅର୍ଥ ବରାଦ ଯୋଗୁଁ ଚିକିତ୍ସା ସେବା ବ୍ୟାହତ ହେଉଛି। ଏତେ କମ୍ ଅର୍ଥ ବରାଦରେ ବଡ଼ ରୋଗର ଚିକିତ୍ସା କରାଯାଇ ପାରିବ ନାହିଁ ବୋଲି ଘରୋଇ ଡାକ୍ତରଖାନା ଗୁଡ଼ିକ ସଫା ସଫା ଶୁଣାଇ ଦେଇଛନ୍ତି। ଯାହାକୁ ନେଇ ଅକଳରେ ପଡ଼ିଛନ୍ତି ରାଜ୍ୟ ସରକାର। ଏ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ମଧ୍ୟ କୌଣସି ସ୍ପଷ୍ଟ ଉତ୍ତର ଦେଇପାରୁନାହାନ୍ତି। ସାରା ଦେଶରେ ଆୟୁଷ୍ମାନ ଭାରତର ଗୋଟିଏ ପ୍ୟାକେଜ୍ ଲାଗୁ




କରାଯାଇଛି। ବିଏସ୍‌କେୱାଇ ପ୍ୟାକେଜ୍ ଓ ସାମ୍ପ୍ରତିକ ବଜାର ଚିକିତ୍ସା ମୂଲ୍ୟ ତୁଳନାରେ ଆୟୁଷ୍ମାନ ଭାରତର ଚିକିତ୍ସା ପ୍ୟାକେଜ୍ ବହୁତ କମ୍ ରହିଛି। ବିଏସ୍‌କେୱାଇରେ ସରକାର ଦେଉଥିବା ଚିକିତ୍ସା ପ୍ୟାକେଜ୍‌କୁ ନେଇ ଘରୋଇ ଡାକ୍ତରଖାନା କେବେ ଅଭିଯୋଗ ଆଣି ନ ଥିଲେ। ବଜାର ମୂଲ୍ୟ ବୃଦ୍ଧି ହେତୁ ପ୍ୟାକେଜ୍ ଗୁଡିକରେ ଅନ୍ୟୂନ ୨୦ ପ୍ରତିଶତ ବୃଦ୍ଧି କରାଯାଉ ବୋଲି ସ୍ୱାସ୍ଥ୍ୟ ବିଭାଗ ପାଖରେ ଦାବି କରୁଥିଲେ; କିନ୍ତୁ ଆୟୁଷ୍ମାନ ଭାରତରେ ଶତାଧିକ ରୋଗକୁ ଚିକିତ୍ସା ତାଲିକାରୁ ବାଦ୍ ଦିଆଯାଇ ଥିବା ବେଳେ ପ୍ୟାକେଜ୍ ୫୦ ପ୍ରତିଶତକୁ ଖସି ଆସିଛି।

କିଛି ରୋଗର ପ୍ୟାକେଜ୍ ୭୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ସିଟି ସ୍କାନ, ଏମ୍‌ଆରଆଇ, ପିଏଫ୍‌ଟି, ଏନ୍‌ସିଭି, ଇଏମ୍‌ଜି ଭଳି ବ୍ୟୟବହୁଳ ନିଦାନ ବ୍ୟବସ୍ଥା ଚିକିତ୍ସା ପ୍ୟାକେଜରେ ନାହିଁ। ହୃଦରୋଗୀଙ୍କ ଜୀବନ ରକ୍ଷା ପାଇଁ ପ୍ରତିରୋପଣ ହେଉଥିବା ପେସ୍‌ମେକର୍ ଦାମ୍ ଦେଢ଼ ଲକ୍ଷ ଟଙ୍କା। ମାତ୍ର ଆୟୁଷ୍ମାନରେ ମାତ୍ର ୭୫ ହଜାର ଟଙ୍କା ଦିଆଯାଉଛି। ସେହିପରି କାର୍ଡିଓଟୋକୋଗ୍ରାଫୀ (ସିଟିଜି), ମେରୁଦଣ୍ଡ ଚିକିତ୍ସା, ମସ୍ତିଷ୍କ ରୋଗ, କିଡ୍‌ନୀ ରୋଗ, ସ୍ନାୟୁ ରୋଗ, ବିଭିନ୍ନ ପ୍ରକାର ଅସ୍ତ୍ରୋପଚାର ଭଳି ଗୁରୁତର ମାମଲାରେ ଚିକିତ୍ସା ଖର୍ଚ୍ଚ ବହୁତ କମ୍ ରହିଛି। ଗୋଟିଏପଟେ ଆୟୁଷ୍ମାନ ପ୍ୟାକେଜ୍ ବୃଦ୍ଧି କରାଯାଇ ପାରୁନି। ଅନ୍ୟପକ୍ଷରେ ରୋଗୀଙ୍କ ପାଇଁ ଆବଶ୍ୟକ ଅତିରିକ୍ତ ଖର୍ଚ୍ଚକୁ ରାଜ୍ୟ ସରକାର ବହନ କରିବାକୁ ଚାହୁନାହାନ୍ତି। ଏଥିରେ କେବଳ ସାଧାରଣ ଗରିବ ରୋଗୀ ଦହଗଞ୍ଜ ହେଉଛି। ଗତ କିଛି ବର୍ଷ ହେଲା ରାଜ୍ୟବାସୀ ମାଗଣା ସ୍ୱାସ୍ଥ୍ୟ ସେବା ପାଇଁ ବେଶ ଉପକୃତ ହେଉଥିବାବେଳେ ଏବେ ଚିକିତ୍ସା ପାଇଁ ସେମାନଙ୍କୁ ଜମି ଘର ବିକିବାକୁ ପଡ଼ୁଛି।

● ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା

# ଧୋଯାଅଞ୍ଚଳର ତିନୋଟି ଗ୍ରାମ ଜଳବନ୍ଦୀ



ଗୋବିନ୍ଦପୁର, ୧୧।୭ (ସମିସ): ଲଗାଣ ବର୍ଷା ଯୋଗୁଁ ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଜଳ ପ୍ରବେଶ କରିଛି। କାଣୀ ନଦୀରେ ବନ୍ୟା ଯୋଗୁଁ ଆଳି ବ୍ଲକ ଅନ୍ତର୍ଗତ ଧୋଯା ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଛି। ବନ୍ୟା ପ୍ରଭାବରେ ପେଡପଡ଼ା, ଠାକୁରପାଟଣା, ଫସିଆ ଆଦି ତିନୋଟି ଗ୍ରାମ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଛି। ଲୋକେ ଜଳବନ୍ଦୀ ଥିବାରୁ ଘରୁ ବାହାରି ପାରୁନାହାନ୍ତି। ଯାତାୟାତ ଠପ୍ ହୋଇଯାଇଛି। ଗ୍ରାମ ମୁଖ୍ୟ ରାସ୍ତାରେ ୫ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି। ଗୃହପାଳିତ ପଶୁ ଦୁଇଦିନ ଧରି ଗୁହାଳେ ବନ୍ଧା ହୋଇରହିଛନ୍ତି। ପାନୀୟଜଳ ପାଇଁ ଲୋକେ ହାନ୍ତସନ୍ତ ଭୋଗୁଛନ୍ତି। ଧାନ ତଳି ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି।

ବ୍ରାହ୍ମଣୀ ନଦୀରେ ବନ୍ୟା

# ପାଣିରେ ବୁଡ଼ିଛି ପରିବା ଫସଲ, ରାସ୍ତାରେ ପାଣି

ପଟ୍ଟାମୁଣ୍ଡାଇ, ୧୧।୭ (ସମିସ): ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଫଳରେ ଧୋଯାଅଞ୍ଚଳର ଚାଷଜମି ଜଳମଗ୍ନ ହେବା ସହିତ ଗାଁ ରାସ୍ତା ବୁଡ଼ିଯାଇ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି। ୩/୪ ଦିନ ଧରି ଧୋଯାଅଞ୍ଚଳର ବିଭିନ୍ନ ତକିଆ ଅଞ୍ଚଳ ଚାଷଜମି ଓ ଗାଁ ରାସ୍ତା ବୁଡି ରହିଛି। ପଟ୍ଟାମୁଣ୍ଡାଇ ବ୍ଲକର ସବୁଠୁ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଞ୍ଚାୟତ ବନ୍ୟା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର ରାଉଳିଆଡିଆ, ପାଣିଘାଇଁଆ ଆଦି ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଛି। କୃଷ୍ଣଦାସପୁର - ସିଂହଗାଁ ମୁଖ୍ୟ ରାସ୍ତା ବନ୍ୟା ପାଣିରେ ବୁଡ଼ିଯାଇଛି।





ସେହିପରି ତରଡ଼ିପାଳ ପଞ୍ଚାୟତ ତରଡ଼ିପାଳ ଗାଁ ରାସ୍ତା, ଗୋପାଳପୁର ଗାଁ ରାସ୍ତା ଓ ପୋଖରୀକୂଳ ଗାଁ ରାସ୍ତା ବୁଡ଼ିଯାଇଛି। ଅଳପୁଆ ପଞ୍ଚାୟତ ଗୋଳିଆଶଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ଶାସନ, ସେଠୀସାହି, ଜେନାସାହି, ପାହାଡ଼ାସିଂହ ସାହି, ତରଡ଼ିପାଳ ପଞ୍ଚାୟତର ଜେନାସାହି, ବିଶାଳ ସାହି, ନାଥସାହି, ମଲିକସାହି, ଘାଗରାଡିଆ, ପେଷପାଳ ପଞ୍ଚାୟତର କୁଳସାହି, କୋଳଅଥା, ବାଲିକିଲା, ଦାଣ୍ଡିସାହି, ଅଖରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡ଼ା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ପୁଲପାଟଣା ଆଦି ଅଞ୍ଚଳର ଶହ ଶହ ଏକର ଚାଷଜମିରେ ବନ୍ୟା ପାଣି ମାଡ଼ିଯିବା ଫଳରେ ଫସଲହାନୀ ଆଶଙ୍କା ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛଡ଼ା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଚାଷଜମିରେ ବନ୍ୟା ଜଳ ମାଡ଼ିଯାଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, କଣ୍ଠଦେଈ, ତଳବାଲିପଡ଼ା, ସିଦ୍ଧପାଟଣା, ବଲଦେବକରଣ, ତନ୍ତୁପୁର, ନନ୍ଦିନୀଗରେ, କାକୁଡ଼ିପାଲି, ନୂଆଗାଁ ଅଳତା, ଖଣ୍ଡପଲ୍ଲୀ ଆଦି ଅଞ୍ଚଳର ଚାଷ ଜମିରେ ବନ୍ୟା ଜଳ ମାଡି ଯିବା ଫଳରେ ବିଭିନ୍ନ ଫସଲ ପାଣିରେ ବୁଡି ଯାଇଛି। ୩/୪ ଦିନ ଧରି ବିଭିନ୍ନ ଚାଷଜମି ବନ୍ୟା ପାଣିରେ ବୁଡି ରହିବା ଫଳରେ ପନିପରିବା ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। ବନ୍ୟା ପାଣିରେ ଭେଣ୍ଡି, ପୋଇ, କଲରା ଓ ଟମାଟୋ ଆଦି ପନି ରିବା ପତି ଭାସୁଛି। ବନ୍ୟା ପାଣି ଘେରରେ ଥିବା ପନିପରିବା ସମ୍ପୂର୍ଣ୍ଣ ନଷ୍ଟ ହେବା ଆଶଙ୍କାରେ ଚାଷୀ ପରିବା ତୋଳି ଅଦର ଦରରେ ବିକ୍ରି କରୁଛନ୍ତି। ଗୃହପାଳିତ ପଶୁ ଚରିବାକୁ ଯାଇ ନ ପାରି ଅସୁବିଧାରେ ଅଛନ୍ତି। ଫସଲ ହାନୀ ଆଶଙ୍କାରେ ଚାଷୀ ଚିନ୍ତିତ ଥିବାବେଳେ କ୍ଷୁଦ୍ରଚାଷୀ ପରିବାର ଲୋକେ ବନ୍ୟାପାଣିରେ ପଶି ଯାତାୟାତ କରିବାକୁ ଉଭୟ କରୁଛନ୍ତି। ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା କରିବା ପାଇଁ ସାଧାରଣରେ ଦାବି ହେଉଛି।

# ରାଜକନିକା ବ୍ଲକ୍‌ରେ ବନ୍ୟା; ଧାନ ତଳି ନଷ୍ଟ



ରାଜକନିକା, ୧୧।୭ (ସମିସ): ଲଗାଣ ବର୍ଷା ପରେ ଧାନ ତଳି ପକାଇବାକୁ ଚାଷୀ ନାକେଦମ ହେବା ପରେ ଏବେ ଦୁଇଦିନ ଧରି ଧାନ ତଳିରେ ବନ୍ୟା ପାଣି ଲହଡ଼ି ମାରୁଛି। ଫଳରେ ରାଜକନିକା ବ୍ଲକର ଭାରିଗଦା, ବରୁଣା, ପାରିନୁଆପଡ଼ା, ବରୁଣାଡିହା, ସିଙ୍ଗା, କୋଇନ୍ଦ ଆଦି ଧୋଯା ପଞ୍ଚାୟତର ଚଳିତ ବର୍ଷର ପ୍ରଥମ ବନ୍ୟା ଚାଷୀଙ୍କୁ ଚାଷ ଆରମ୍ଭରୁ କ୍ଷତି ପହଞ୍ଚାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚାଷୀ କ୍ଷତିରେ ଥିବାବେଳେ ବ୍ଲକର କୃଷି ଅଧିକାରୀ ଓ କ୍ଷେତ୍ର କର୍ମଚାରୀ କ୍ଷତି ଆକଳନ କରିବା ହେଉ କିମ୍ବା ଚାଷୀଙ୍କୁ ଭେଟି ସମବେଦନା ଦେବାକୁ ଉଚିତ ମଣୁ ନ ଥିବାରୁ ଚାଷୀ ଚିନ୍ତାରେ ରହିଛି। ଏହି ୬ ପଞ୍ଚାୟତର ହଜାର ହଜାର ଏକର ଜମିର ଶାରଦ ଧାନ ଫସଲ ସମ୍ପୂର୍ଣ୍ଣ ପ୍ରଭାବିତ ହେବାକୁ ଯାଉଥିବାବେଳେ ସରକାର ଏହି ବନ୍ୟା ପ୍ରଭାବିତ ଚାଷୀଙ୍କୁ କ୍ଷତି ଆକଳନ ପାଇଁ ତତ୍ପର ହେବାକୁ ଦାବି କରାଯାଉଛି।

# ପଞ୍ଚାୟତ ଉନ୍ନତିକରଣ ସୂଚକାଙ୍କ ୨.୦ କର୍ମଶାଳା ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ, ୧୧।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକରେ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ କରି ତୃଣମୂଳ ସ୍ତରରେ ଥିବା ହିତାଧିକାରୀଙ୍କୁ ଯୋଜନାର ସୁଫଳ ପହଞ୍ଚାଇବା ସହିତ ପଞ୍ଚାୟତ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପଞ୍ଚାୟତ ଉନ୍ନତିକରଣ ସୂଚକାଙ୍କ ୨.୦ କର୍ମଶାଳା ଦୁଇଦିନ ଧରି ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବିଡିଓ ଅଶୋକ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଯୋଗଦେଇ କହିଲେ, ପଞ୍ଚାୟତ ସ୍ତରରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ସାମାଜିକ ସୁରକ୍ଷା, ଉତ୍ତମ ପରିବେଶ ଯୋଗାଇ ଦେବାକୁ ସରକାର ବିଭିନ୍ନ ଜନକଲ୍ୟାଣ ଯୋଜନା ପ୍ରଣୟନ କରିଛନ୍ତି। ଏସବୁର ସୁଫଳ ପ୍ରତ୍ୟେକ ଲୋକଙ୍କୁ ଯୋଗାଇ ଦେବା ଜନପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ଦାୟିତ୍ୱ ହୋଇଥିବାରୁ ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ବେଳେ ମହିଳା ଓ ଶିଶୁଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ।



ଏହି କର୍ମଶାଳାରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ଜିପିଡିଓ ରଞ୍ଜିତ ପରିଡ଼ା, ସିପି ପ୍ରିୟରଞ୍ଜନ ସ୍ୱାଇଁ ଯୋଗ ଦେଇ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏସଆଇଆରଡି ତାଲିମପ୍ରାପ୍ତ ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଓ ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡ଼ା ବିଭିନ୍ନ ବିଭାଗର ସୂଚକାଙ୍କ ପୂରଣ କରି ଶ୍ରେଷ୍ଠ ପଞ୍ଚାୟତ ଓ ୱାର୍ଡ ଗଠନ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଗଙ୍ଗାରାମପୁର ସରପଞ୍ଚ ସରୋଜିନୀ ଜେନା, ଅରଡ଼ପଲ୍ଲୀ ସରପଞ୍ଚ ବୃନ୍ଦିରାମ ବେହେରା, ସାନକନିଆ ସରପଞ୍ଚ ନିରାକାର ନାୟକ, ସିଂହଗାଁ ସରପଞ୍ଚ ଗଣେଶ ଦାସ, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ଅଖରା ସରପଞ୍ଚ କଳ୍ପନା ଜେନା, ବଲୁରିଆ ସରପଞ୍ଚ ଦେବକୀ ମଲିକ, ଖଡିଅଡ଼ା ସରପଞ୍ଚ ଜୀବନକୃଷ୍ଣ ରାୟ, କାଖରୁଣୀ ସରପଞ୍ଚ ରମେଶ ମଲ୍ଲିକ, ଫସାରପାଳ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ବୋଉଁଆ ସରପଞ୍ଚ ସୁନିରେଖା ସ୍ୱାଇଁ, ଓଉପଡା ସରପଞ୍ଚ ମମତା ସାମଲ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ନିର୍ବାହୀ ଅଧିକାରୀ, ଏଡିଇଓ, ଜିଆରଏସ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ସମସ୍ତ ଲାଇନ ଡିପାର୍ଟମେଣ୍ଟର କ୍ଷେତ୍ରୀୟ କର୍ମଚାରୀ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଯୋଗ ଦେଇଥିବା ରିସୋର୍ସ ପର୍ସନ ବିଭିନ୍ନ ଇଣ୍ଡେକ୍ସ ଉପରେ ଆଲୋଚନା କରିଥିଲେ। କର୍ମଶାଳାକୁ ପିଇଓ ପ୍ରଭାତ ମଲ୍ଲିକ, ସର୍ବେଶ୍ୱର ବରାଳ, ଅନନ୍ତ ବିଶାଳ ପ୍ରମୁଖ ପରିଚାଳନା କରିଥିଲେ।

# ଅମଲା ସଂଘର ଆନ୍ଦୋଳନ

ରାଜନଗର, ୧୧।୭ (ସମିସ): ରାଜନଗର ତହସିଲର ଅମଲା ସଂଘର ଆନ୍ଦୋଳନ ଜାରି ରହିଛି। ଠାକୁର ଚାନ୍ଦ ହେମ୍ବ୍ରମ, ପ୍ରଶାନ୍ତ ସାହୁ, ପରେଶ ମଲିକ, ଅମୂଲ୍ୟ ରାଉତ, ପ୍ରଦୀପ ରାଉତ, ଅଶୋକ ଦାସ, ସତ୍ୟବ୍ରତ ଗିରି, ରବୀନ୍ଦ୍ର ବାସ୍କେ ଓ ଅନୀତା ସାହାଣୀ ପ୍ରମୁଖ କଳା ବ୍ୟାଜ୍ ପିନ୍ଧି କାମ କରୁଛନ୍ତି। ଦାବି ପୂରଣ ନ ହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

# ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ରାଜନଗର, ୧୧।୭ (ସମିସ): ଭାରତମାତା କୋଚିଂ ସେଣ୍ଟର ପରିସରରେ ମେରା ଯୁବା ଭାରତ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡାକ୍ତର ଆଦିତ୍ୟ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସଞ୍ଜୟ ବାଗ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ବୋଲଗୋବିନ୍ଦ ଜେନା, ଜଗନ୍ନାଥ ଦାସ ଯୋଗଦେଇଥିଲେ। ମେରା ଯୁବା ଭାରତ ବ୍ଲକ ସଂଯୋଜକ ଆଇନଜୀବୀ ଦେବଦତ୍ତ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ମଦନପୁର କଲେଜରେ ବନ ମହୋତ୍ସବ




ପଟ୍ଟାମୁଣ୍ଡାଇ, ୧୧।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର କଲେଜରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଯୁଥ ରେଡକ୍ରସ ସଂଯୋଜକ ଅଧ୍ୟାପକ ସୁବ୍ରତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କଲେଜ ଅଧ୍ୟକ୍ଷ ଶ୍ରୀମନ୍ତ ଉପାଧ୍ୟାୟ ମୁଖ୍ୟଅତିଥି, ସାମ୍ବାଦିକ ଭାସ୍କର ରାଉତରାୟ ମୁଖ୍ୟବକ୍ତା ଓ ପ୍ରାଧ୍ୟାପକ ସବ୍ୟସାଚୀ ତ୍ରିପାଠୀ, ପ୍ରାଧ୍ୟାପକ ଦିଲ୍ଲୀପ ମହାପାତ୍ର, ପ୍ରାଧ୍ୟାପକ ଗୌରାଙ୍ଗ ପଣ୍ଡା, ପ୍ରାଧ୍ୟାପକ ଅରୁଣ ଦାଶ, ପ୍ରାଧ୍ୟାପକ ଶୁଭକାନ୍ତ ନାୟକ, ଅଧ୍ୟାପିକା ରଶ୍ମିରାଣୀ ପ୍ରଧାନ, ଅଧ୍ୟାପିକା ଦୀପ୍ତିମୟୀ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ କଦମ୍ବ, ଆକାଶୀ, ଡାଳିମ୍ବ, ବଉଳ ପ୍ରଭୃତି ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୁରୁଚରଣ ବରାଳ ଓ ସୁଧୀର ବେହେରାଙ୍କ ସମେତ ଯୁଥ ରେଡକ୍ରସ ସଦସ୍ୟ ପରିଚାଳନା କରିଥିଲେ।

# ମାର୍ଶାଘାଇ ସମବାୟ କୃଷି ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର କାମ ମନ୍ଥର

ମାର୍ଶାଘାଇ, ୧୧।୭ (ସମିସ): ମାର୍ଶାଘାଇ ସମବାୟ କୃଷି ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ପ୍ରକଳ୍ପ କାମକୁ ଜିଲ୍ଲା ସମବାୟ ଉପନିବନ୍ଧକ ପ୍ରଭାକର ନାୟକ, ଏଆରସିଏସ ଯୋଗେନ୍ଦ୍ର ବିଶାଳ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପରିଦର୍ଶନ କରିବା ସହ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମବାୟ ଅଧିକାରୀଙ୍କ ପରିଦର୍ଶନ ସମୟରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ଜେନା ଉପସ୍ଥିତ ଥିଲେ। ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ପ୍ରକଳ୍ପ ଟେଣ୍ଡର କରାଯାଇ ସମବାୟ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ କରିବାକୁ ଚୁକ୍ତି କରାଯାଇଥିଲା। ଅବଶ୍ୟ ବିଭାଗ ପକ୍ଷରୁ ପ୍ରକଳ୍ପ ଡିଜାଇନ ପରିବର୍ତ୍ତନ ଯୋଗୁଁ କାର୍ଯ୍ୟ ସାମାନ୍ୟ ବିଳମ୍ବ କରାଯାଇଥିଲା। ଠିକାସଂସ୍ଥା ୯ ମାସରୁ ଊର୍ଦ୍ଧ୍ୱ ସମୟ ଧରି ନିର୍ମାଣ କାମ ଚାଲୁ ରଖିଥିବାବେଳେ ପ୍ରକଳ୍ପ ମନ୍ଥର ଗତିରେ ଚାଲୁଛି। ରାଜ୍ୟସ୍ତରୀୟ କୃଷି ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର କାମ ତ୍ୱରାନ୍ୱିତ କରିବାକୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ଜେନାଙ୍କ ସହିତ ଆଲୋଚନା କରିଥିଲେ। କୃଷି ପ୍ରଧାନ କେନ୍ଦ୍ରାପଡ଼ା ଜିଲ୍ଲାରେ କୃଷକଙ୍କ ବିକାଶକୁ ଗୁରୁତ୍ୱ ଦେବା ସହ ଚାଷୀଙ୍କୁ ପ୍ରଶିକ୍ଷଣ ସୁଯୋଗ ନିମନ୍ତେ ପୂର୍ବତନ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ୬ କୋଟି ବ୍ୟୟରେ ରାଜ୍ୟସ୍ତରୀୟ କୃଷି ଶିକ୍ଷା ସମବାୟ କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ପ୍ରକଳ୍ପ କାମ ହାତେଇଥିବା ଢେଙ୍କାନାଳର ଜଣେ ଠିକାସଂସ୍ଥା ଲୋକାଲ ଠିକାଦାରଙ୍କ ଦ୍ୱାରା କାମ କରାଉଥିବା ଅଭିଯୋଗ ହୋଇଛି। ଶିଳାନ୍ୟାସର ୬ ମାସ ପରେ ପ୍ରକଳ୍ପ କାମ ହାତକୁ ନିଆଯାଇ ଅତ୍ୟନ୍ତ ମନ୍ଥର ଗତିରେ କାର୍ଯ୍ୟ ଚାଲିବାକୁ ନେଇ ସମବାୟ ବିଭାଗ ଉପନିବନ୍ଧକ ଓ ଏଆରସିଏସ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ଜେନାଙ୍କୁ ପରାମର୍ଶ ଦେଇଥିଲେ। ବର୍ଷାଋତୁ ପରେ ପ୍ରକଳ୍ପ କାମ ତ୍ୱରାନ୍ୱିତ କରାଯିବ ବୋଲି ପୂର୍ତ୍ତ ବିଭାଗ ଯନ୍ତ୍ରୀ ଶ୍ରୀ ଜେନା ପ୍ରତିଶ୍ରୁତି ଦେଇଥିଲେ।



# ବସନ୍ତପୁର ଶିରିଡ଼ି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ

ଗରଦପୁର, ୧୧।୭ (ସମିସ): ଗରଦପୁର ବ୍ଲକ ଅନ୍ତର୍ଗତ ଡେଣ୍ଡୁଆଡ଼ା ପଞ୍ଚାୟତର ବସନ୍ତପୁର ଗ୍ରାମରେ ଅବସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ସକାଳ ୫.୩୦ରେ କାକଡ଼ ଆରତି, ୬.୩୦ରେ ବାବାଙ୍କ ସ୍ନାନ ଆରତି, ପରେ ମହାଭିଷେକ ପୂଜା, ହୋମ ଓ



ମଧାହ୍ନ ଆରତି ଅନୁଷ୍ଠିତ ହୋଇଥିଲା। ଏହି ଗୁରୁପୂର୍ଣ୍ଣିମା ମହୋତ୍ସବରେ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ଶ୍ରୀମତୀ ରେଣୁପ୍ରଭା ନାୟକ ଓ ଗରଦପୁର ବିଡିଓ ଆଲୋକ ରଞ୍ଜନ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସମ୍ପାଦକ ସୁନୀଲ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ବାପ୍ପିରଞ୍ଜନ କାନୁନଗୋ, ସାମ୍ବାଦିକ ଧ୍ରୁବେନ ମିଶ୍ର, ସାମ୍ବାଦିକ ଉମାକାନ୍ତ ପାତ୍ର ପ୍ରମୁଖଙ୍କ ସହ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ଗୁରୁ ପୂର୍ଣ୍ଣିମାରେ ବାବାଙ୍କ ଆଶୀର୍ବାଦ କାମନା କରିଥିଲେ। ଶିରିଡ଼ି ସାଇ ଟ୍ରଷ୍ଟ ପକ୍ଷରୁ ନଳିନୀକାନ୍ତ ମହାନ୍ତି, ଚଣ୍ଡିପ୍ରସାଦ ମହାନ୍ତି, କମଳ ମହାନ୍ତି ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡ. ରୁଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଟ୍ରଷ୍ଟ ପକ୍ଷରୁ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ଶ୍ରୀମତୀ ନାୟକ ଓ ବିଡିଓ ଶ୍ରୀ ସେଠୀଙ୍କୁ ପୁଷ୍ପମାଲ୍ୟ, ବାବାଙ୍କ ଅଙ୍ଗବସ୍ତ୍ର, ଫଟୋଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

● ଅର୍ଦ୍ଧାମୂଳକୁ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ମାନ୍ୟତା ବାଟ ଫିଟିଲା

# ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ଆରମ୍ଭ

ଡେରାବିଶ, ୧୧।୭ (ସମିସ): ଯଅଁରା ବାରିମୂଳ ପଞ୍ଚାୟତ ଅଧୀନ ଅର୍ଦ୍ଧାମୂଳ ରାଜସ୍ୱ ଗ୍ରାମ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ମାନ୍ୟତା ପାଇବା ବାଟ ଫିଟିଛି। ଏହି ପଡ଼ା ଗ୍ରାମର ଲୋକ ସଂଖ୍ୟା ୪୦୦ରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ଏହି ଗ୍ରାମକୁ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମରେ ପରିଣତ କରିବା ସରକାରୀ ସମସ୍ତ ସର୍ତ୍ତ ପୂରଣ କରୁଥିବାରୁ ଗ୍ରାମବାସୀ ଦୀର୍ଘ ବର୍ଷ ହେବ ଏହାକୁ ରାଜସ୍ୱ ମୌଜା କରିବା ନିମନ୍ତେ ଆବେଦନ କରିଆସୁଥିଲେ। ଗ୍ରାମବାସୀ ତହସିଲଦାର, ବିଡିଓ, ଜିଲ୍ଲାପାଳ ଓ ଆରଡିସିଙ୍କୁ ଆବେଦନ ପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ଡେରାବିଶ ତହସିଲଦାର ଯଅଁରା ବାରିମୂଳ ରାଜସ୍ୱ ନିରୀକ୍ଷକ ଇପ୍‌ସିତା ପରିଡ଼ାଙ୍କୁ ଅର୍ଦ୍ଧାମୂଳ ପଡ଼ା ଗ୍ରାମକୁ ତଦନ୍ତ ପାଇଁ ପଠାଇଥିଲେ। ରାଜସ୍ୱ ନିରୀକ୍ଷିକା ଶ୍ରୀମତୀ ପରିଡ଼ା ଗ୍ରାମବାସୀଙ୍କ ମତାମତ, ଗ୍ରାମର ନକ୍ସା, ଲୋକସଂଖ୍ୟା ଓ ଅନ୍ୟାନ୍ୟ ତଦାରଖ କରିଥିଲେ। ଏ ସମ୍ପର୍କରେ ସେ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିଥିଲେ।

# ରାଧାରମଣ ମଠରେ ଗୁରୁପୂର୍ଣ୍ଣିମା ଉତ୍ସବ

ପଟ୍ଟାମୁଣ୍ଡାଇ, ୧୧।୭ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରମୁଖ ଆଧ୍ୟାତ୍ମିକ ପୀଠ ରାଧାରମଣ ମଠରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ପ୍ରଭୁ ରାଧାରମଣ ଦେବ, ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରା, ଗୋପେଶ୍ୱର ମହାଦେବ ଓ ପ୍ରଭୁ ହନୁମାନଜୀଙ୍କ ଯଥାବିଧି ପୂଜାର୍ଚ୍ଚନା ସହ ବିବାରାତ୍ର ନାମ ସଂକୀର୍ତ୍ତନ କରାଯାଇଥିଲା। ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦଜୀଙ୍କୁ ଶିଷ୍ୟମାନେ ପୁଷ୍ପଚନ୍ଦନ, ଧୂପଦୀପ ଓ ଅର୍ଘ୍ୟ ପ୍ରଦାନ କରି ପୂଜାର୍ଚ୍ଚନା କରିଥିଲେ।



ଗୁରୁ ଅସୀମାନନ୍ଦ ଶିଷ୍ୟଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସାଧନାର ସ୍ୱରୂପ ସମ୍ପାଦକ ଦେବବ୍ରତ ଦେବତା, ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭାପତି ତପନ ମିଶ୍ର, ପଟ୍ଟାମୁଣ୍ଡାଇ ବିଶ୍ୱହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡା, ଶ୍ୟାମପ୍ରସାଦ ନନ୍ଦ, ସମାଜସେବୀ ପୁରୁଷୋତ୍ତମ ବେହେରା, ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିର ଅଧ୍ୟକ୍ଷ ପ୍ରଭୁଦେବ ଦାଶ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନିରାକାର ପଣ୍ଡା, ଅକ୍ଷୟ କୁମାର ନାୟକ, ମୃତ୍ୟୁଞ୍ଜୟ ସୂତାର, ରତ୍ନେଶ ସାହୁ, ରାଧାରମଣ ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ।

# ଡେରାବିଶ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ



ଡେରାବିଶ, ୧୧।୭ (ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁଣାହାଟସ୍ଥ ଡେରାବିଶ ମହାବିଦ୍ୟାଳୟ ସଭା କକ୍ଷରେ +୩ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଓ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦେବାଶିଷ ନାୟକ ଯୋଗଦେଇ ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ। ସେମାନେ ମନରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୋଷଣ କରି ଦୃଢ଼ ସଂକଳ୍ପ, କଠିନ ପରିଶ୍ରମ ଓ ଅନବରତ ଉଦ୍ୟମ ଜାରି ରଖିଲେ ଭବିଷ୍ୟତରେ ନିଶ୍ଚିତ ସଫଳତା ପାଇପାରିବେ ବୋଲି କହିଥିଲେ। ଏଥିସହିତ ଏହି ମହାବିଦ୍ୟାଳୟରେ ଏକ ଉନ୍ନତ ଶୈକ୍ଷିକ ବାତାବରଣ ପାଇଁ ସବୁ ପ୍ରକାର ସୁଯୋଗର ବ୍ୟବସ୍ଥା କରାଯାଇଛି ବୋଲି ଅଧ୍ୟକ୍ଷ ଶ୍ରୀ ନାୟକ କହିଥିଲେ। ପରୀକ୍ଷା ଓ ନାମଲେଖା ଅଧିକାରୀ ଅଧ୍ୟାପକ ସଞ୍ଜୟ କୁମାର ମିଶ୍ର ନୂତନ ଶିକ୍ଷାନୀତିର ପାଠ୍ୟ ଖସଡ଼ା ବିଷୟରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବୃନ୍ଦାବନ ଦାସ, ନରେନ୍ଦ୍ର ପାଣି, ଗୁରୁଚରଣ ସେଠୀ, ଅଭିଜିତ ପ୍ରଧାନ, ଅଧ୍ୟାପିକା ଡଃ ପ୍ରଜ୍ଞା ପଟ୍ଟନାୟକ, ଡଃ ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା, ସୁଭାସିନୀ ମିଶ୍ର, ଡଃ ଭାଗ୍ୟଲକ୍ଷ୍ମୀ ସାହୁ ଓ ଶ୍ରୀଦୁର୍ଗା ମଲିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ସଫଳତା ପ୍ରାପ୍ତି ପୂର୍ବକ ନିଜର କ୍ୟାରିୟରକୁ କିପରି ଉଜ୍ଜ୍ୱଳ କରିପାରିବେ, ସେ ସମ୍ପର୍କରେ ନିଜ ମତ ରଖିଥିଲେ। ଅଧ୍ୟାପିକା ଡଃ ରୁଦ୍ରାଣୀ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. କିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଦ୍ରୌପଦୀ ପାଇବେ ବାକିଆ ଭତ୍ତା

ମାଳିପୁର, ୧୧।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତର ବାଲିପାଟଣା ଗ୍ରାମର ବାସିନ୍ଦା ଦ୍ରୌପଦୀ ପଲାଇ ଭତ୍ତା ପାଇଁ ବାରଦୁଆର ହେଉଥିବା ଖବର 'ସକାଳ' ଦୈନିକ ଖବରକାଗଜରେ ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ପ୍ରଶାସନ ତତ୍ପର ହୋଇଉଠିଛି। ବଳଭଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିରଞ୍ଜନ ସାମଲଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଦ୍ରୌପଦୀ ପଲାଇଙ୍କ ଭତ୍ତା ମଞ୍ଜୁର ହୁଦେବୀ ତନୁ ହୋଇଥିଲା। ଭୁଲବଶତଃ ପ୍ରଦାନ କରାଯାଇ ନ ଥିଲା। ଏବେ ତାଙ୍କର ବାକିଥିବା ଭତ୍ତା ଟଙ୍କା ହିସାବ କରିସାରିଛି। ଭତ୍ତା ମଞ୍ଜୁର ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଦ୍ରୌପଦୀଙ୍କ ବାକିଆ ଭତ୍ତା ରାଶି ସମୁଦାୟ ୨୪୫୦୦.୦୦ ଟଙ୍କା ପାଇବାକୁ ଅଛି। ଆଗାମୀ ଭତ୍ତା ବଣ୍ଟନ ବେଳେ ଦ୍ରୌପଦୀଙ୍କୁ ତାଙ୍କର ସମସ୍ତ ବାକିଆ ଭତ୍ତା ରାଶି ପ୍ରଦାନ କରାଯିବ ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।



'ସକାଳ'ର ପ୍ରଭାବ

# ଧର୍ମପ୍ରାଣ କେଶବ ମଲ୍ଲିକଙ୍କ ପରଲୋକ

ପଞ୍ଚୁପାଣ୍ଡବ, ୧୧।୭ (ସମିସ): ରଘୁଦେବପୁର ପଞ୍ଚାୟତ ଅନ୍ତର୍ଗତ କୋଳସାହି ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି କେଶବ ଚରଣ ମଲ୍ଲିକ (୭୫) ଙ୍କ ପରଲୋକ ହୋଇଯାଇଛି। ସେ ଗୁରୁବାର ସନ୍ଧ୍ୟାରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ ଓ ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ମଲ୍ଲିକ ଜଣେ ଧର୍ମପରାୟଣ, ସ୍ନେହୀସେବୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ବିଜୟ ମଲ୍ଲିକ ମୁଖାଗ୍ନି ଦେଇଥିଲେ।



ପରିତ୍ୟକ୍ତ ପାଇଖାନାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

# ଘଟଣାସ୍ଥଳରେ ପୁଲିସ୍‌ର ଛାନ୍‌ଭିନ

ଡେରାବିଶ, ୧୧।୭ (ସମିସ)

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଦାନପୁର ପଞ୍ଚାୟତର ଦୋହଳି ମିନି ଷ୍ଟାଡ଼ିୟମ ପଛରେ ଥିବା ଏକ ପରିତ୍ୟକ୍ତ ପାଇଖାନାରୁ ଆଜି ଜଣେ ବୃଦ୍ଧଙ୍କ ବିଭତ୍ସ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ପ୍ରମୋଦ ସେଠୀ (୬୨)। ଏ ସମ୍ପର୍କରେ ମୃତକଙ୍କ ପରିବାରଠାରୁ ଖବର ପାଇ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥ, ଏସ୍‌ଆଇ ସୁନୀଲ ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ସାଇଣ୍ଟିଫିକ ଟିମ୍ ତଦନ୍ତ ନିମନ୍ତେ ମୃତକଙ୍କ ବିଭିନ୍ନ ସାମଗ୍ରୀ ପଡ଼ିଥିବା ସ୍ଥାନକୁ ସିଲ୍ କରିଛନ୍ତି। ଏ ନେଇ କେନ୍ଦ୍ରାପଡ଼ା ସଦର ଥାନାରେ ୨୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ମୃତକଙ୍କ ପୁଅ ସୁଶାନ୍ତ ସେଠୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ବାପା ନିକଟସ୍ଥ ଏକ ଇଟା କାରଖାନାରେ ରାତ୍ର ଜଗୁଆଳ ଭାବେ କାମ କରନ୍ତି। ସବୁଦିନ ଭଳି ସେ ଗତକାଲି ରାତିରେ ଘରୁ ରାତ୍ରିଭୋଜନ ସାରି ତାଙ୍କ କାର୍ଯ୍ୟସ୍ଥଳକୁ ସାଇକେଲ ଧରି ବାହାରି ଯାଇଥିଲେ। ଆଜି ସକାଳୁ ତାଙ୍କ ବାପା ଘରକୁ ଫେରିବା ଡେରି ହେବାରୁ ସେ ତାଙ୍କ ବାପାଙ୍କ ଫୋନ୍‌କୁ ଯେତେ ଫୋନ୍ କଲେ ମଧ୍ୟ ସେ ଉଠାଉ ନ ଥିଲେ। ପରେ ଇଟାଭାଟିକୁ ଯୋଗାଯୋଗ କରିବାରୁ ତାଙ୍କ ବାପା ଗତକାଲି ରାତିରେ ଇଟାଭାଟିକୁ ଯାଇ ନ ଥିବା ଜାଣିବାକୁ ପାଇଥିଲେ। ପରେ ବନ୍ଧୁବାନ୍ଧବଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ମିଳି ନ ଥିଲା। ସେ ନିରୁପାୟ ହୋଇ କେନ୍ଦ୍ରାପଡ଼ା ସଦର ଥାନାରେ ଏକ ନିଖୋଜ ମାମଲା ଦାଏର କରିଥିଲେ। ତେବେ ଅପରାହ୍ନ ୧ଟା ସମୟରେ ପରିବାର ସଦସ୍ୟ ମିନି ଷ୍ଟାଡ଼ିୟମ ପଛପଟ ରାସ୍ତା କଡ଼ରେ ଥିବା ପରିତ୍ୟକ୍ତ ପାଇଖାନାରେ ତାଙ୍କ ବାପାଙ୍କ ସାଇକେଲ ପଡ଼ିଥିବା ଦେଖିବାକୁ ପାଇଥିଲେ। ସାଇକେଲକୁ ଉଦ୍ଧାର କରିବାକୁ ଯିବାରୁ ସେଠାରେ ତାଙ୍କ ବାପାଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପୁଲିସ୍ ପହଞ୍ଚି ତଦନ୍ତ କରିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ମୃତକଙ୍କ ମୁହଁକୁ କେହି ଦୁର୍ବୃତ୍ତ ଇଟାରେ ଛେଚି ଦେବାକୁ ଗମ୍ଭୀରରେ ଚିପି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୁଲିସ୍ ଏହାର ପାରିପାର୍ଶ୍ୱିକ ବିଭିନ୍ନ ସ୍ଥାନକୁ ଛାନ୍‌ଭିନ କରିବାରୁ ମୃତକଙ୍କ ଚପଲ, ମୋବାଇଲ, ସାର୍ଟ ଇତ୍ୟାଦି ବିଭିନ୍ନ ସ୍ଥାନରେ ପଡ଼ିଥିବା ଦେଖିବାକୁ ପାଇଥିଲା। ପରେ ସାଇଣ୍ଟିଫିକ ଟିମ୍‌ର ତଦନ୍ତ ନିମନ୍ତେ ଘଟଣାସ୍ଥଳକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇଥିଲା। ରିପୋର୍ଟ ଲେଖା ହେବା ବେଳକୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ପୁଲିସ୍ ଜଗି ରହିଛି। ଅନ୍ୟପକ୍ଷରେ ସନ୍ଧ୍ୟା ହୋଇଯିବାରୁ ମୃତକଙ୍କ ଶବ ବ୍ୟବଚ୍ଛେଦ ଆସନ୍ତାକାଲି କରାଯିବ ବୋଲି ଜଣାଯାଇଛି।



# ଅବକାରୀ ବିଭାଗ ଚଢ଼ଉ; ଜଣେ ଗିରଫ

**ବଇଣ୍ଡା,୧୧।୭(ସମିସ):** ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କିଶୋରନଗର ଥାନା ଚମ୍ପାପୁର ଗ୍ରାମରେ ଚଢ଼ଉ କରି ଅଚ୍ୟୁତା ବେହେରାଙ୍କ ଘରୁ ୧୨ ଲିଟର ମହୁଲି ମଦ ଜବତ କରାଯାଇଛି। ଏଥିସହ ଅଚ୍ୟୁତାଙ୍କୁ ଗିରଫ କରାଯାଇଛି। ଅଚ୍ୟୁତା ଘରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ବେଳେ ଖବର ପାଇ ଅବକାରୀ ବିଭାଗର ଏକ ଟିମ୍ ଚଢ଼ଉ କରିଥିଲା।

# ୪୬ ଗ୍ରାମ ହେରୋଇନ୍ ସହ ବାଇକ୍ ଜବତ



**ତାଳଚେରସଦର,୧୧।୭(ସମିସ):** ତାଳଚେର କୋଲିୟରୀ ଥାନା ଅନ୍ତର୍ଗତ ଡେରା ନିକଟରେ ତାଳଚେର ଅବକାରୀ ବିଭାଗ ଓ କୋଲିୟରୀ ଥାନା ଅଧିକାରୀ ଚଢ଼ଉ କରି ପୁପୁଲ ସାହୁ (୨୫)ଙ୍କଠାରୁ ୪୬ ଗ୍ରାମ ହେରୋଇନ୍ ସହ ଏକ ବାଇକ୍ ଓ ମୋବାଇଲ୍ ଫୋନ୍ ଜବତ କରିଛନ୍ତି। ଜବତ ହେରୋଇନ୍‌ର ଆନୁମାନିକ ମୂଲ୍ୟ ୪ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅବକାରୀ ବିଭାଗର ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏଭଳି ଚଢ଼ଉ ଜାରି ରଖି ଏହି ମାରାତ୍ମକ ନିଶା କାରବାରର ମୂଳୋତ୍ପାଟନ କରିବାକୁ ସାଧାରଣରେ ଦାବି ହେଉଛି।

# ନାଲକୋ ଜିଜିଏମଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ନାଲକୋ ନଗର,୧୧।୭(ସମିସ):** ନାଲକୋ ଠିକା ଶ୍ରମିକ ସମନ୍ୱୟ ସମିତି ଏସ୍ ଆଣ୍ଡ ପି କମ୍ପ୍ଲେକ୍ସ ଅନୁଗୋଳର ଏକ ପ୍ରତିନିଧି ମଣ୍ଡଳୀ ନାଲକୋ ଏସଆଣ୍ଡପିର ସମୂହ ମହାପ୍ରବନ୍ଧକଙ୍କୁ ତାଙ୍କ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଭାଗବତ ଗୀତା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ନାଲକୋର ଠିକା ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଅବଗତ କରିଥିଲେ। ଏହି ଅବସରରେ ନାଲକୋ ଠିକା ଶ୍ରମିକ ସମନ୍ୱୟ ସମିତି ତରଫରୁ ମୁଖ୍ୟ ସଂଯୋଜକ ଟିକନ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ବରିଷ୍ଠ ଆବାହକ ପ୍ରସନ୍ନ ମହାନ୍ତି, ସଭାପତି ବାବୁଲି ସେଠୀ, ସାଧାରଣ ସମ୍ପାଦକ ଅନିଲ କୁମାର ବରାଳ, ସଂଗଠନ ସମ୍ପାଦକ ବିନୟ କୁମାର ପାତ୍ର, ସହ ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସାମଲ, କୋଷାଧ୍ୟକ୍ଷ ପ୍ରହ୍ଲାଦ ନାଏକ, ଦୀପକ ଦାସ, ରଞ୍ଜିତ ସାମଲ, ସନ୍ତୋଷ ଗଡ଼ନାୟକ, କୁମର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ତାଳଚେରସଦର,୧୧।୭(ସମିସ):** ତାଳଚେର ପୌରପରିଷଦ ୧୨ନଂ ୱାର୍ଡ ରେମୁଁଆ ଗ୍ରାମ ମଧ୍ୟବର୍ତ୍ତୀ ମୁଖ୍ୟରାସ୍ତା କଡ଼ରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ୨ଟି ଟ୍ରାନ୍ସଫର୍ମର ଲଗାଯାଇଛି। ତେବେ ଟ୍ରାନ୍ସଫର୍ମର ଚାରିପାଖରେ ଅନାବନା ଗଛ ଉଠିବା ସହ ତରୁଲତା ମାଡ଼ିଯାଇଛି। ଏହି ଦୁଇ ଟ୍ରାନ୍ସଫର୍ମରରୁ ରେମୁଁଆ ଗ୍ରାମ ସମେତ ହାଟତୋଟା ଅଞ୍ଚଳର ବିଭିନ୍ନ ସ୍ଥାନକୁ ତାର ସଂଯୋଗ କରାଯାଇଛି। ଲୋକଙ୍କୁ ଠିକ୍ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଟ୍ରାନ୍ସଫର୍ମର ଲଗାଯାଇଥିଲେ ହେଁ ଏଗୁଡ଼ିକର ରକ୍ଷଣାବେକ୍ଷଣା କରାଯାଉ ନ ଥିବାରୁ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ସେହିପରି ଟ୍ରାନ୍ସଫର୍ମର ଦୁଇଟି ଖୋଲାମେଲାରେ ରହିଛି। ଟ୍ରାନ୍ସଫର୍ମର ଚାରିପାଖରେ



ପାଚେରି ଦିଆଯାଇ ନ ଥିବାରୁ ତାହା ପଶୁପକ୍ଷୀ ତଥା ମଣିଷ ପାଇଁ ବିପଦର କାରଣ ସାଜିଛି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଛାତ୍ରଛାତ୍ରୀ ସ୍କୁଲ, କଲେଜ, ଟିୟୁସନ୍ ଯିବାଆସିବା କରୁଛନ୍ତି। ସ୍ଥାନୀୟବାସିନ୍ଦା ବିଭିନ୍ନ କାର୍ଯ୍ୟାଳୟକୁ ଯାତାୟାତ କରୁଛନ୍ତି। ଗୋରୁଗାଇ ଓ ପଶୁପକ୍ଷୀ ମଧ୍ୟ ଟ୍ରାନ୍ସଫର୍ମର ନିକଟରେ ଚରାବୁଲା କରୁଛନ୍ତି। ବିଦ୍ୟୁତ୍ ବିଭାଗ କିପରି ଏଗୁଡ଼ିକୁ ଖୋଲାମେଲା କରି ନିଶ୍ଚିନ୍ତରେ ବସିଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଟ୍ରାନ୍ସଫର୍ମର ଚାରିପାଖରେ ପାଚେରି ନିର୍ମାଣ କରିବା ସହ ରକ୍ଷଣାବେକ୍ଷଣ କରିବାକୁ ସାଧାରଣରେ ଦାବି ହେଉଛି।

# ତାଳଚେର ଅଞ୍ଚଳରେ ଚୋରି ବେକାବୁ

**ତାଳଚେରସଦର,୧୧।୭(ସମିସ):** ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଚୋରି, ରାହାଜାନୀ ବୃଦ୍ଧି ପାଇଆସୁଥିଲେ ମଧ୍ୟ ପୁଲିସ୍ ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ଫଳରେ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୩ଦିନ ପୂର୍ବରୁ ଦୁର୍ବୃତ୍ତମାନେ ବାଘୁଆବୋଲ ରେଳଫାଟକ ନିକଟରେ ବନ୍ଧୁକ, ଭୁଜାଲି ଦେଖାଇ ୪ ଜଣଙ୍କଠାରୁ ଲୁଟପାଟ କରିଥିଲେ। ପୁଣି ଶୁକ୍ରବାର ବାହାର ରାଜ୍ୟର ଦୁଇଟି ଟ୍ରେଲର୍ ତାଳଚେର ବାଇପାସ୍ ଅଞ୍ଚଳରେ ଠିଆ ହୋଇଥିବା ବେଳେ ଦୁର୍ବୃତ୍ତମାନେ ସେଗୁଡ଼ିକର ଟାଙ୍କିରୁ ସମସ୍ତ ଡିଜେଲ କାଢ଼ି ନେଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ୨ଟି ଟ୍ରେଲର୍ ତେଲଟାଙ୍କି ତାଲାଭାଙ୍ଗି ସମସ୍ତ ଡିଜେଲ ହୋଇଯାଇଛନ୍ତି। ଗାଡ଼ି ଚାଳକ ଷ୍ଟାର୍ଟ ମାରିଲା ବେଳକୁ ଷ୍ଟାର୍ଟ ହୋଇ ନ ଥିଲା। ଟାଙ୍କିରେ ଟୋପେ ବି ଡିଜେଲ ନ ଥିବାରୁ ଷ୍ଟାର୍ଟ ହୋଇ ନ ଥିବା ଜଣାପଡ଼ିଥିଲା। ତେବେ ଏ ନେଇ ସେମାନେ ଥାନାରେ ଅଭିଯୋଗ କରି ନାହାନ୍ତି। ପୁନଶ୍ଚ ଟାଙ୍କିରେ ତେଲ ପକାଇ ଗନ୍ତବ୍ୟସ୍ଥଳକୁ ଯାଇଛନ୍ତି। ସେହିପରି ହାଟାତୋଟା ମାର୍କେଟରେ ଥିବା ଏକ ବସ୍ତ୍ରାଳୟ ସମ୍ମୁଖରେ ଅପରାହ୍ଣ ପ୍ରାୟ ସାଢ଼େ ଗୋଟାଏ ବେଳେ କର୍ଙ୍କିଳି ଗ୍ରାମର ଦୁଃଖବନ୍ଧୁ ନାଥ (୫୮) ତାଙ୍କ ବାଇକ୍ ରଖି କପଡ଼ା କିଣିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ



ତାଙ୍କ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ସେହିଭଳି ୩ ତାରିଖ ବହ୍ଲର ଛକ ନିକଟରେ ଠିଆ ହୋଇଥିବା ଏକ ଟ୍ରକରୁ ବ୍ୟାଟେରି ଚୋରି, ୮ ତାରିଖ ରାତିରେ ୪ ସ୍ଥାନରୁ ଲୁଟପାଟ୍, ଦୁର୍ବୃତ୍ତମାନେ ଖଣ୍ଡାରେ ହାଣି ଜଣେ ବ୍ୟକ୍ତିଙ୍କୁ ଘାଇଲା କରିବା ସହ ତାଙ୍କ ମୋବାଇଲ୍ ଛଡ଼ାଇ ନେବା ଘଟଣା ଘଟୁଥିଲେ ମଧ୍ୟ ପୁଲିସ୍ ଦୁର୍ବୃତ୍ତଙ୍କ ଟେର ପାଉନାହିଁ। ତାଳଚେର ସହର ସାରା ସିସି କ୍ୟାମେରା ଖଞ୍ଜା ହୋଇଛି ହେଲେ ଅଳ୍ପ କିଛି ଦିନପରେ ସେଗୁଡ଼ିକ ଅଚଳ ହୋଇଯାଇଛି। ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ କାହା ସ୍ୱାର୍ଥରେ ଓ କାହିଁକି ସିସି କ୍ୟାମେରା ଖଞ୍ଜା ହୋଇଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଗତ ଏକବର୍ଷ ହେଲା ତାଳଚେର ଅଞ୍ଚଳରେ ଡ୍ରଗ୍ସ ବ୍ୟବସାୟ ଓ ସେବନ ଅତ୍ୟଧିକ ହୋଇପଡ଼ିବାରୁ ଦୁର୍ବୃତ୍ତମାନେ ପୁଲିସ୍‌କୁ ଖୋଲା ଚ୍ୟାଲେଞ୍ଜ ଦେଇ ଏପରି ଗୋଟି ପରେ ଗୋଟିଏ କାଣ୍ଡ ଭିଆଉଥିବା ଚର୍ଚ୍ଚା ହେଉଛି। ପୁଲିସ୍ ଏଥିପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନକଲେ ଆଗାମୀ ଦିନରେ ତାଳଚେର ଅଞ୍ଚଳରେ ଚୋରି ଓ ବିଭିନ୍ନ ଅପରାଧିକ ଘଟଣା ଚରମସୀମାରେ ପହଞ୍ଚିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଗାଡ଼ି ଯାଞ୍ଚ ବେଳେ ପୁଲିସକୁ ମଦ୍ୟପ ଚାଳକଙ୍କ ଦୁର୍ବ୍ୟବହାର

- ଛଡ଼ାଇନେଲେ ଯାଞ୍ଚ ମେସିନ
- ଅଭିଯୁକ୍ତ କୋର୍ଟ ଚାଲାଣ

**କଣିହାଁ,୧୧।୭(ସମିସ):** କଣିହାଁ ଥାନା ପୁଲିସ ମଦ୍ୟପ ଚାଳକଙ୍କୁ ଯାଞ୍ଚ କରୁଥିବା ବେଳେ ପୁଲିସକୁ ଦୁର୍ବ୍ୟବହାର କରି ଯାଞ୍ଚ ମେସିନ ଛଡ଼ାଇ ନେବା ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ୭/୮ ଜଣ ଫେରାର ହୋଇଯାଇଥିବା ପୁଲିସ କହିଛି। ଗିରଫ ଅଭିଯୁକ୍ତ ହେଲେ କଣିହାଁ ଥାନା ବଡ଼ଗୁଣ୍ଡୁରି ଗ୍ରାମର ରାଜେଶ କୁମାର ସାହୁ (୨୦)। ଏ ନେଇ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୁଲିସ ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ବଡ଼ଗୁଣ୍ଡୁରି ପଞ୍ଚାୟତ ଅଫିସ ନିକଟରେ ଗାଡ଼ିମଟର ଯାଞ୍ଚ କରାଯାଇଥିଲା। ଏହି ସମୟରେ ରାଜେଶ ମଦ୍ୟପାନ କରି ଗାଡ଼ି ଚଳାଉଥିବା ବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲେ। ପରେ ରାଜେଶ କୌଶଳକ୍ରମେ ଘଟଣାସ୍ଥଳରୁ ପଳାଇଯାଇ ଗାଁର ୭।୮ ଜଣ ଯୁବକଙ୍କୁ ଧରି ପୁଣି ସେଠାକୁ ଆସି ପୁଲିସକୁ ଦୁର୍ବ୍ୟବହାର କରିଥିଲେ। ଏଥିସହ ପୁଲିସ ନିକଟରୁ ମଦ ଯାଞ୍ଚ ମେସିନ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ପରେ ପୁଲିସ ରାଜେଶଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଶୁକ୍ରବାର ସନ୍ଧ୍ୟାରେ ବଡ଼ଗୁଣ୍ଡୁରି ଗ୍ରାମରୁ ଯାଞ୍ଚ ମେସିନ ଉଦ୍ଧାର କରାଯାଇଛି।

# ଏଲ୍. ମାଣିକ୍ୟପ୍ରଭାଙ୍କୁ କଂଗ୍ରେସର ଗୁରୁଦାୟିତ୍ୱ

**କଣିହାଁ,୧୧।୭(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ କମରେଇ ପଞ୍ଚାୟତ ତେଲିସିଂହା ଗ୍ରାମର ଏଲ୍. ମାଣିକ୍ୟପ୍ରଭାଙ୍କୁ କଂଗ୍ରେସ ପକ୍ଷରୁ ଗୁରୁଦାୟିତ୍ୱ ମିଳିଛି। କଂଗ୍ରେସ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି (ଏସ୍‌ସି ବିଭାଗ) ଉପାଧ୍ୟକ୍ଷ ଭାବେ ମାଣିକ୍ୟପ୍ରଭାଙ୍କୁ ନୂଆ ଦାୟିତ୍ୱ ମିଳିଛି। ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଓ ରାଜ୍ୟ ଏସ୍‌ସି, ସେଲ ଅଧ୍ୟକ୍ଷ ଆଇନଜୀବୀ ମାନସ ମଲ୍ଲିକଙ୍କ ଅନୁମୋଦନ କ୍ରମେ ଅଲ୍ ଇଣ୍ଡିଆ କଂଗ୍ରେସ୍ କମିଟି ଏସ୍‌ସି ବିଭାଗ ଅଧ୍ୟକ୍ଷ ରାଜେନ୍ଦ୍ର ପାଲ ଗୌତମ ବିଧିବଦ୍ଧ ଭାବେ ତାଙ୍କ ନାମ ଘୋଷଣା କରିଛନ୍ତି। ଏ ନେଇ ଶୁକ୍ରବାର ବିଭିନ୍ନ ସଂଗଠନ ଓ ଦଳ ପକ୍ଷରୁ ତାଙ୍କୁ ଶୁଭକାମନା ଜ୍ଞାପନ କରାଯାଇଛି। କଣିହାଁ ସୁରକ୍ଷା ମଞ୍ଚ



ସମ୍ପାଦକ ସତ୍ୟବ୍ରତ ମହାନ୍ତି, କଂଗ୍ରେସ କିସାନ୍ ସେଲ ଜିଲ୍ଲା ଉପସଭାପତି ଶିବ ସନ୍ତୋଷ ସାହୁ, ସହିଦ ବିକା ସାମାଜିକ ଜନମଙ୍ଗଳ ଅନୁଷ୍ଠାନ ନିର୍ଦ୍ଦେଶକ ଲିଲି ନାଏକ, ଅଖିଳ ଭାରତୀୟ ପରିସଂଘ ଉପସଭାନେତ୍ରୀ ସୂର୍ଯ୍ୟକାନ୍ତି ନାଏକ, ସାଧାରଣ ସମ୍ପାଦିକା ନନ୍ଦିନୀ ନାଏକ, ସମ୍ପାଦିକା ଭାରତୀ ବେହେରା, କମରେଇ ପଞ୍ଚାୟତ କଂଗ୍ରେସ ସଭାପତି ଦୁଃଖବନ୍ଧୁ ନାଏକ, କଣିହାଁ ଡ. ବି.ଆର ଆମ୍ବେଦକର ସ୍ମୃତି ପରିଷଦ ସଭାପତି ବିପ୍ରବର ନାଏକ, ଦିବେଶ ବେହେରା, ଟୁନା ନାଏକ, ଭାଗୀରଥି ନାଏକ, ବିଜୟ ନାଏକ, ପ୍ରଦୀପ ନାଏକ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କାଞ୍ଜିଆହୁଦା ପାଇଁ ପୌରପାଳିକାର ପ୍ରତିଶ୍ରୁତି

**ଅନୁଗୋଳ,୧୧।୭(ସମିସ):** ଅନୁଗୋଳ ସହରରେ ଏକ କାଞ୍ଜିଆହୁଦା କରିବା ପାଇଁ ଶେଷରେ ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଅନୁଗୋଳ ସହରରେ ଆନିମଲ୍ ୱେଲଫେଆର ଟ୍ରଷ୍ଟ ପକ୍ଷରୁ ବୁଲା ଗୋରୁଙ୍କ ଯତ୍ନ ନିଆଯାଏ। ସହର ଭିତରେ କାଞ୍ଜିଆହୁଦା ନ ଥିବାରୁ ବୁଲା ଗୋରୁଙ୍କ ଯୋଗୁଁ ଦୁର୍ଘଟଣା ମାନ ଘଟୁଛି। ଟ୍ରଷ୍ଟର ଅଭିଯୋଗ ଅନୁସାରେ ଗତ ୯ ବର୍ଷ ଭିତରେ ଗାଡ଼ି ଦୁର୍ଘଟଣାରେ ୫୦୦ ଗୋରୁ ମରିଥିବା ବେଳେ ୪୦୦ରୁ ଅଧିକ ଆହତ ହୋଇଛନ୍ତି। ଟ୍ରଷ୍ଟର ସ୍ୱେଚ୍ଛାସେବୀମାନେ ଦୁର୍ଘଟଣା ଖବର ପାଇଲେ ତତ୍କାଳ ଘଟଣାସ୍ଥଳକୁ ଯାଇ ସେମାନଙ୍କ ଚିକିତ୍ସା କରିଥାନ୍ତି। ଟ୍ରଷ୍ଟ ଅନୁଗୋଳ ସହର



ଭିତରେ ଏକ କାଞ୍ଜିଆହୁଦା ନିର୍ମାଣ ପାଇଁ ବହୁବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି। ତେବେ ଶୁକ୍ରବାର ସ୍ୱେଚ୍ଛାସେବୀମାନେ ପୌରପାଳିକା ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କୁ ଭେଟି ଏ ନେଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଏକ କାଞ୍ଜିଆହୁଦା କରିବାକୁ ଉଦ୍ୟମ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ସ୍ୱେଚ୍ଛାସେବୀ ରାକେଶ ରୋଶନ୍ ଦାସ, ପର୍ଶୁରାମ ଦାସ, ପ୍ରତାପ ମହାପାତ୍ର, ଆଦ୍ୟାଶ୍ଳୋକ ମିଶ୍ର, ବିଶ୍ୱଜିତ୍ ବିଶ୍ୱାଳ, ଆଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କୃତୀ ଛାତ୍ରଛାତ୍ରୀଙ୍କୁ ଉପଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା

**ତାଳଚେରସଦର,୧୧।୭(ସମିସ):** ତାଳଚେର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଚଳିତବର୍ଷ ୧୦ଶ୍ରେଣୀ ପରୀକ୍ଷାରେ ଏ-ୱାନ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ତାଳଚେର ବ୍ଲକର ୭ ଓ କଣିହାଁ ବ୍ଲକର ୪ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏ ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲ୍ଲାପାଳ ସମୀର କୁମାର ଜେନା, ଡଉଁରା କୋଲ ୱାସେରୀର ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସିଙ୍ଗ, ତହସଲଦାର ଆଲଫା ଜେନା, ବିଡିଓ ସୁଶାନ୍ତ ବରାଳ, ସହକାରୀ ଜିଲ୍ଲାପାଳ ମାନସରଞ୍ଜନ ସେଠ,




କଣିହାଁ ତହସିଲଦାର ଚିନ୍ମୟଦାସ, ବିଇଓ ଖଗେଶ୍ୱର ବେହେରାଙ୍କ ସମେତ ସମସ୍ତ ପ୍ରଶାସନିକ ଅଧଇକାରୀ ଯୋଗଦେଇ ୧୧ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅଭିଭାବକ ଓ ସ୍କୁଲ ଶିକ୍ଷକଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ନିଖୋଜ ମହିଳା ଉତ୍ତରପ୍ରଦେଶରୁ ଉଦ୍ଧାର

**ଅନୁଗୋଳ,୧୧।୭(ସମିସ):** ପୁରୁଣାକୋଟ ଥାନା ଅନ୍ତର୍ଗତ ହିଞ୍ଜାଡୋଲି ଗାଁର ମଦନ ପଧାନଙ୍କ ମାନସିକ ବିକାରଗ୍ରସ୍ତ ଝିଅ ଜାନବୀ ପଧାନ (୨୮) ଗତ ଜାନୁଆରୀ ୨୩ରୁ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କ ସନ୍ଧାନ ନ ମିଳିବାରୁ ଥାନାରେ ଅଭିଯୋଗ କରିଥିଲେ। ତେବେ ଗତ ଜୁନ ୩୦ ତାରିଖ ଜାନବୀ ଉତ୍ତରପ୍ରଦେଶର ନନ୍ଦିଗ୍ରାମ ଟ୍ରାଫିକ ଛକ ନିକଟରେ ବୁଲୁଥିବା ବେଳେ ସେଠାକାର ପୁଲିସ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ସେ ଓଡ଼ିଆ ଭାଷାରେ କଥାବାର୍ତ୍ତା କରୁଥିବାରୁ ପୁଲିସ ସେଠାରେ ରହୁଥିବା ଜଣେ ଓଡ଼ିଆ ବ୍ୟକ୍ତିଙ୍କ ସହାୟତାରେ ଜାନବୀଙ୍କ ଭାଷା ବୁଝି ପୁରୁଣାକୋଟ ଥାନା ଅଧିକାରୀ ସନ୍ତୋଷ ଜେନାଙ୍କୁ ଫୋନ ଯୋଗେ ଜଣାଇଥିଲା। ପୁରୁଣାକୋଟ ଥାନା ପୁଲିସ ଏ ସମ୍ପର୍କରେ ମଦନଙ୍କୁ ସୂଚନା ଦେଇଥିଲା। ତେବେ ମଦନ ଅତ୍ୟନ୍ତ ଗରିବ ହୋଇଥିବାରୁ ଉତ୍ତରପ୍ରଦେଶ ଯାଇ ଜାନବୀଙ୍କୁ ଆଣିବା ତାଙ୍କ ପକ୍ଷରେ ସମ୍ଭବ ନ ଥିଲା। ତେଣୁ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ପ୍ରଦୀପ ପ୍ରଧାନଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ପ୍ରଦୀପ ତୁରନ୍ତ ଉତ୍ତରପ୍ରଦେଶ ପୁଲିସ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ପରେ ଉତ୍ତରପ୍ରଦେଶ ପୁଲିସ ପକ୍ଷରୁ ଜଣେ ମହିଳା ଓ ଜଣେ ପୁରୁଷ କନଷ୍ଟେବଲଙ୍କ ସହାୟତାରେ ଜାନବୀଙ୍କୁ ସାଙ୍ଗରେ ନେଇ ଅନୁଗୋଳ ଏସ୍‌ପି ଅଫିସରେ ପହଞ୍ଚିଥିଲେ। ସେଠାରୁ ପୁରୁଣାକୋଟ ଥାନା ଅଧିକାରୀ ଜେନା ଜାନବୀଙ୍କୁ ତାଙ୍କ ଗାଡ଼ିରେ ନେଇ ତାଙ୍କ ହିଞ୍ଜାଡୋଲି ଗ୍ରାମସ୍ଥିତ ଘରେ ଛାଡ଼ିଥିଲେ।

● ଅନାଥ ଶିଶୁଙ୍କୁ ଚିହ୍ନଟ ପାଇଁ ପ୍ରଶିକ୍ଷଣ

# ସଠିକ ସମୟରେ ଥଇଥାନ ପାଇଁ ଗୁରୁତ୍ୱ

**କିଶୋରନଗର,୧୧।୭(ସମିସ):** ପିତୃମାତୃହୀନ ଓ ଏକକ ଅଭିଭାବକ ଥିବା ଶିଶୁମାନଙ୍କୁ ଚିହ୍ନଟ କରି ଥଇଥାନ ନିମିତ୍ତ ସର୍ଭେ ପ୍ରଶିକ୍ଷଣ ଶିବିର ସୋମବାର କିଶୋରନଗର ମହିଳା ଶିଶୁବିକାଶ ଗୌରୀଶଙ୍କର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସର୍ଭେ କାର୍ଯ୍ୟର ନିୟମାବଳୀ ଓ ଫର୍ମାଟ କିପରି ପୂରଣ କରାଯିବ ସେ ଉପରେ ତାଲିମ ପ୍ରଦାନ କରିଥିଲେ। ଅଙ୍ଗନବାଡ଼ି କର୍ମୀ, ସିଡିପିଓ,



କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଛି। ସଠିକ ଭାବେ ସର୍ଭେ କରି ଠିକ ସମୟରେ କାର୍ଯ୍ୟ ଶେଷ କରିବାକୁ ସିଡିପିଓ, ସୁପରଭାଇଜର ଓ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଡିଏସଡବ୍ଲ୍ୟୁଓ ନିରୁପମା ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ଆବଶ୍ୟକତା ଅନୁଯାୟୀ ଯୋଗ୍ୟତା ଭିତ୍ତିରେ ଶିଶୁମାନଙ୍କୁ ଥଇଥାନ କରାଯାଇପାରିବ ବୋଲି ସେ କହିଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ସୁପରଭାଇଜର ଓ କର୍ମଚାରୀମାନେ ତାଲିମ ନେଇ ସର୍ଭେ କାର୍ଯ୍ୟ ଶେଷ କରି ରିପୋର୍ଟ ଦାଖଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ପିଓ ସକୁନ୍ତଳା ମହାଲ୍ଲିକ, ସିଡିପିଓ ଆରତୀ ସିଂହ, ସଞ୍ଜୀବ ସାହୁ, ଋଷଭ କୁମାର ସାହୁ, ରାଜେଶ ଦେହୁରୀ, ରାଜେଶ୍ୱରୀ ଦେହୁରୀ, ସୁପରଭାଇଜର ଅସ୍ମିତା ସାହୁ, ଦେବକୀ ଦନ୍ତା, ରେଣୁବାଳା ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅବ୍ୟବସ୍ଥାରେ ଗୁଆଲପୁର ବିଦ୍ୟାଳୟ




**କଣିହାଁ,୧୧।୭(ସମିସ)**

କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ଗୁଆଲପୁର ଗାଁରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖାଦେଇଛି ଘୋର ଅବ୍ୟବସ୍ଥା। ଗୁଆଲପୁର ଏକ ଆଦିବାସୀ ବହୁଳ ଗାଁ ହୋଇଥିବା ବେଳେ ଏହି ବିଦ୍ୟାଳୟରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ୩୪ ଆଦିବାସୀ ଛାତ୍ରଛାତ୍ରୀ ପାଠ ପଢ଼ନ୍ତି। ଦୁଇ ଶିକ୍ଷକ ବିଦ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ଗଣଶିକ୍ଷକ ପ୍ରଶାନ୍ତ କୁମାର ବାରିକ ପ୍ରଧାନଶିକ୍ଷକ ଦାୟିତ୍ୱରେ ଅଛନ୍ତି। ଆଉଜଣେ ଶିକ୍ଷକ ରତନ ମୁର୍ମୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କଠାରୁ ବରିଷ୍ଠ ହୋଇଥିଲେ ମଧ୍ୟ ସେ ଜାଣିଶୁଣି ଦାୟିତ୍ୱ ଦେଉନାହାନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଦୈନିକ ଆସୁ ନ ଥିବା ବେଳେ ତାଙ୍କ ପାଖରେ ଅଫିସ ଚାବି ରହୁଥିବାରୁ ରାତିରେ ବିଦ୍ୟାଳୟକୁ ଆସି ଦସ୍ତଖତ କରି ପଳାଉଥିବା ଅଭିଯୋଗ ହେଉଛି। ସେହିପରି ମଧ୍ୟାହ୍ନଭୋଜନ ଚାଉଳକୁ ସେ ଅଫିସରେ ରଖିବା ପରିବର୍ତ୍ତେ ନିଜ ଘରେ ରଖୁଥିବା ଗ୍ରାମବାସୀ କହିଛନ୍ତି। ମଧ୍ୟାହ୍ନ ଭୋଜନ ପାଇଁ ପଚାଶଢ଼ା ଆଳୁ ଓ ପରିବା ବ୍ୟବହାରକରାଯାଉଥିବାବେଳେ ଏନେଇ ରୋଷେୟାଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକ ଶସ୍ତାରେ ପରିବା ଆଣିବାକୁ କହିଥିବା ସେ କହିଛନ୍ତି। ସେହିପରି ବିଦ୍ୟାଳୟର ଉନ୍ନତୀମୂଳକ କାମ ପାଇଁ ଆସୁଥିବା ଟଙ୍କା ଖର୍ଚ୍ଚ ନ କରି ସେ ମିଥ୍ୟା ବିଲ୍ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଏହି ବିଦ୍ୟାଳୟ ଉପାନ୍ତ ଅଞ୍ଚଳରେ ଥିବାରୁ କୌଣସି ଅଧିକାରୀ ପରିଦର୍ଶନରେ ଯାଉନାହାନ୍ତି। ତେଣୁ ଦାୟିତ୍ୱରେ ଥିବା ଶିକ୍ଷକ ଏପରି ମନମାନି କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ କଣିହାଁ ବିଇଓ ପ୍ରିୟରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ସେ ବିଦ୍ୟାଳୟକୁ ଯାଇ ତଦନ୍ତ କରିବେ ବୋଲି କହିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ବିଦ୍ୟାଳୟର ସମସ୍ତ କାଗଜପତ୍ର ଯାଞ୍ଚ ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କୋଇଲା ଖଣିରୁ ଯନ୍ତ୍ରାଂଶ ଚୋରି; ଜଣେ ଗିରଫ

**କଣିହାଁ,୧୧।୭(ସମିସ):** ଶୁକ୍ରବାର ସକାଳେ କଣିହାଁ କୋଇଲା ଖଣିରୁ ଜଣେ ବ୍ୟକ୍ତି ଯନ୍ତ୍ରାଂଶ ଚୋରି କରିବା ବେଳେ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଥିଲେ। ଧରାପଡ଼ିଥିବା ଅଭିଯୁକ୍ତ ହେଲେ କଣିହାଁ ଥାନା ଜରଡ଼ା ଗାଁର ବିଷ୍ଣୁସେନ ବେହେରା (୩୩)। ସୁରକ୍ଷା କର୍ମୀ ବିଷ୍ଣୁସେନଙ୍କୁ କଣିହାଁ ଥାନା ପୁଲିସକୁ ହସ୍ତାନ୍ତର କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ତାଙ୍କୁ କୋର୍ଟ ଚାଲାଣ କରିଛି।

## ରାସ୍ତାରୁ ହଟୁନି ବିଦ୍ୟୁତ୍ ଖୁଣ୍ଟ

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଅଞ୍ଚଳବାସୀ

**ବଇଣ୍ଡା,୧୧।୭(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନାଗାଝରଣ ଓ ଅଶୁବାହଳ ଅଞ୍ଚଳର ରାସ୍ତା ମଝିରେ ଥିବା ଏଲଟି ଲାଇନର ବିଦ୍ୟୁତ ଖୁଣ୍ଟଗୁଡ଼ିକ ସ୍ଥାନାନ୍ତର ହେଉନାହିଁ। ଫଳରେ ରାସ୍ତା କାମ ହୋଇପାରୁ ନ ଥିବା ବେଳେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ରାସ୍ତା କାମରେ ବିଦ୍ୟୁତ ଖୁଣ୍ଟ ପ୍ରତିବନ୍ଧକ ସାଜିଥିବା ବେଳେ ଅନେକ ସ୍ଥାନରେ ରାସ୍ତା କାଦୁଅ ପୂର୍ଣ୍ଣ ହୋଇପଡ଼ିଛି।



ସାଜିଛି। ଅନେକ ସ୍ଥାନରେ ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟ ରହିଯାଇଥିବାରୁ କାମ ହେଇପାରୁନାହିଁ। ଫଳରେ ବର୍ଷାଦିନରେ ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇ ପଡୁଥିବା ବେଳେ ପିଚୁ କାମ ମଧ୍ୟ ବିଳମ୍ବ ହେଉଛି। ଶୋଚନୀୟରାସ୍ତାରେ ଅଞ୍ଚଳବାସୀ ଯାତାୟାତ କରୁଛନ୍ତି। ଏ ନେଇ ବହୁବାର ସ୍ଥାନୀୟଆରଡି କାର୍ଯାଳୟଠାରୁ ଆରମ୍ଭ କରି ବିଦ୍ୟୁତ ବିଭାଗକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଆରଡି ବିଭାଗ ଏସଡିଓ ମଧୁସ୍ମିତା ଦଳେଇ କୁହନ୍ତି, ରାସ୍ତାରୁ ବିଦ୍ୟୁତ ଖୁଣ୍ଟ ହଟାଇବା ପାଇଁ ଟେଣ୍ଡର ହୋଇଛି। ଖୁବଶୀଘ୍ର ଖୁଣ୍ଟ ସ୍ଥାନାନ୍ତର କରାଯିବ ବୋଲି ସେ କହିଛନ୍ତି।

ପିଚୁ ବଦଳରେ କାଦୁଅ ପଶି ଅଞ୍ଚଳବାସୀ ଯାଉଥିବା ବେଳେ ଶୁକ୍ରବାର ଦିନ ନାଗାଝରଣ ଅଞ୍ଚଳବାସୀ ଏ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଅଁଳାବେରେଣୀଠାରୁ ଖଣ୍ଡବର ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପାଣ୍ଠି ୯.୫ କୋଟି ଟଙ୍କା ବ୍ୟୟରେ ପିଚୁ ରାସ୍ତା ନିର୍ମାଣ କରାଯାଉଛି। ଏହି ରାସ୍ତା କାମ ଚାଲୁଥିବା ବେଳେ ରାସ୍ତାରେ ବିଦ୍ୟୁତ ଖୁଣ୍ଟ ବାଧକ

# ସମ୍ପାଦକୀୟ



ଅହିଂସା ଯଦି ଏକ ପରିଧି ହୁଏ, ଏହାର କେନ୍ଦ୍ରବିନ୍ଦୁ ହେଉଛି ପ୍ରେମ।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

ସକାଳ
THE SAKALA

## ମୁନୀର-ଜର୍ଦ୍ଦାରୀ ମନ୍ତ୍ରଣା

ପ୍ରତ୍ୟେକ ରାଷ୍ଟ୍ର ନିଜର ସୁରକ୍ଷା ସକାଶେ ସେନାବାହିନୀ ରଖିଛି, ହେଲେ ସେନା ବାହିନୀର ପ୍ରଭାବ ଓ ପତିଆରା ଜାହିର ପାଇଁ ଗୋଟିଏ ରାଷ୍ଟ୍ର ଅଛି, ତାହା ହେଉଛି ପାକିସ୍ତାନ। ପାକିସ୍ତାନ ସାମରିକ ମୁଖ୍ୟ କୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ, ନିର୍ବାଚିତ ସରକାରକୁ କ୍ଷମତାଚ୍ୟୁତ କରି ନିଜକୁ ଶାସନମୁଖ୍ୟ ଘୋଷଣା କରିଥା'ନ୍ତି। ସେଠାକାର ପରିସ୍ଥିତି ଏପରି ହୋଇଛି ଯେ ଅଧିକାଂଶ ନିର୍ବାଚିତ ସରକାର ୫ ବର୍ଷର ଶାସନ ମିଆଦ ପୂରଣ କରିବାକୁ ଅସମର୍ଥ ହୋଇଥା'ନ୍ତି। ଏହାର ମୁଖ୍ୟକାରଣ ହେଲା, ରାଷ୍ଟ୍ରର ସୁରକ୍ଷା ଓ ଆଇନ ଶୃଙ୍ଖଳା ରକ୍ଷା, ଅର୍ଥନୀତି ଓ ବିଦେଶନୀତିରେ ସାମରିକ ବାହିନୀର ପ୍ରମୁଖ ଭୂମିକା ରହୁଥିବାରୁ ଶାସନ ବ୍ୟବସ୍ଥାରେ ଅସ୍ଥିରତା ପରିଲକ୍ଷିତ ହେଉଛି। ନିର୍ବାଚିତ ଇମରାନ ଖାଁ ସରକାରକୁ କ୍ଷମତାଚ୍ୟୁତ କରି ନାମକୁମାତ୍ର ନିର୍ବାଚନ ମାଧ୍ୟମରେ ଶାହାବାଜ ସରିଫ୍‌ଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବର୍ତ୍ତମାନର ସାମରିକ ମୁଖ୍ୟ ଅସିମ ମୁନୀର। ତେଣୁ ପାକିସ୍ତାନର କ୍ଷମତାସୀନ ସରକାର ମୁନୀରଙ୍କ ଦୟା ଓ ଅନୁଗ୍ରହର ପାତ୍ର। ଯେଉଁଥିପାଇଁ 'ଅପରେସନ ସିନ୍ଦୂର'ରେ ବିପୁଳ କ୍ଷତି ଘଟିଥିଲେ ମଧ୍ୟ ଜେନେରାଲ୍ ମୁନୀରଙ୍କୁ ପାକିସ୍ତାନ ସରକାର ଫିଲ୍ଡ ମାର୍ଶାଲ୍ ମର୍ଯ୍ୟାଦା ପ୍ରଦାନ କରିଛି। ନିଜ ଦେଶ ଓ ଦେଶ ବାହାରେ ସଫଳତାର ବୟାନବାଜି କରିବାରେ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନକୁ ଏକ ଅସ୍ତ୍ରରୂପେ ବ୍ୟବହାର କରାଯାଉଛି। ହେଲେ ମୁନୀରଙ୍କ ମହାତାକାଂକ୍ଷା ଏତିକିରେ ଶେଷ ହୋଇନାହିଁ। ସେ ଏବେ କ୍ଷମତାର ଶୀର୍ଷସ୍ଥାନ ହାସଲ ସକାଶେ ରାଷ୍ଟ୍ରପତି ଆସିଫ୍ ଜର୍ଦ୍ଦାରୀଙ୍କ ସହ ଗୋପନ ଆଲୋଚନା ଚଳାଇଛନ୍ତି।

କଥା ଏତେବାଟକୁ ଗଲେ ମଧ୍ୟ ପାକିସ୍ତାନ ସାମରିକ ବାହିନୀରେ ସବୁ ଠିକ୍‌ଠାକ୍ ଚାଲିନାହିଁ। ସାମରିକ ଷ୍ଟାଫ କମିଟିର ଯୁଗ୍ମ ମୁଖ୍ୟ ଜେନେରାଲ ସାହିଦ ମିର୍ଜାଙ୍କ ନେତୃତ୍ୱରେ ତିନିବାହିନୀର କିଛି ପ୍ରମୁଖ ଅଧିକାରୀ ଏକଜୁଟ ହୋଇଛନ୍ତି ମୁନୀରଙ୍କୁ କ୍ଷମତାରୁ ହଟାଇବା ସକାଶେ। ଏସବୁ ସତ୍ତ୍ୱେ ମୁନୀରଙ୍କ ପୃଷ୍ଠଭୂମି ତାଙ୍କୁ ସହାୟକ ହୋଇଛି। ସେ ମଦ୍ରାସାରେ ପାଠପଢ଼ି କ୍ଷମତାର ଏତେ ଉଚ୍ଚତର ସୋପାନକୁ ଉନ୍ନୀତ ହୋଇଥିବାରୁ ଇସଲାମ କଠୋରପନ୍ଥୀଙ୍କ ସହ ତାଙ୍କର ସୁସଂପର୍କ ରହିଛି। ସେହିଭଳି ଆଇଏସଆଇ ମଧ୍ୟ ତାଙ୍କ ନିୟନ୍ତ୍ରଣାଧୀନ। ତେଣୁ ମିର୍ଜାଙ୍କ ବିଦ୍ରୋହ କେତେଦୂର ସଫଳ ହେବ ସେନେଇ ସନ୍ଦେହ ରହିଛି। ଆୟୁବ୍ ଖାନ୍‌ଙ୍କ ପରେ ମୁନୀର ହେଉଛନ୍ତି ଦ୍ୱିତୀୟ ଫିଲ୍ଡ ମାର୍ଶାଲ, ଯାହାଙ୍କ ବିରୋଧରେ କିଛି ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରିବନି। ଏହି ପଦମର୍ଯ୍ୟାଦାକୁ କାର୍ଯ୍ୟନିର୍ବାହୀ ଓ ଆଇନଗତ ଶୃଙ୍ଖଳା ପ୍ରୟୋଗରୁ ଅବ୍ୟାହତି ଦିଆଯାଇଛି। ଏଥିପୂର୍ବରୁ ୧୯୫୮, ୧୯୭୭ ଓ ୧୯୯୯ରେ ସାମରିକ ବିଦ୍ରୋହ ମାଧ୍ୟମରେ ଯଥାକ୍ରମେ ଆୟୁବ ଖାଁ, ଜିଆ-ଉଲ-ହକ ଓ ପରଭେଜ୍ ମୁଶାରଫ୍ ଶାସନ ମୁଖ୍ୟ ହୋଇଥିଲେ। ଏବେ ଏମାନଙ୍କ ସହ ଜେନେରାଲ ଅସୀମ ମୁନୀରଙ୍କ ନାମ ଯୋଡ଼ି ହୋଇଯିବା କିଛି ବିଚିତ୍ର ନୁହେଁ।

ପାକିସ୍ତାନ ସଂପ୍ରତି ଆର୍ଥିକ ଦୃଷ୍ଟିରୁ ଗୁରୁତର ପରିସ୍ଥିତି ଦେଇ ଗତି କରୁଥିବା ବେଳେ 'ଅପରେସନ ସିନ୍ଦୂର' ପରେ ନିଜର ସାମରିକ ସାମର୍ଥ୍ୟ ବୃଦ୍ଧି ସକାଶେ ବିପୁଳ ବ୍ୟୟବରାଦ କରିବାର ଯେଉଁ ବାଧ୍ୟବାଧକତା ସୃଷ୍ଟି ହୋଇଛି ସେଥିରେ ବେସାମରିକ କ୍ଷମତା କେନ୍ଦ୍ର ଅପେକ୍ଷା ମୁନୀରଙ୍କ ପ୍ରାଧାନ୍ୟ ବୃଦ୍ଧି ପାଇଛି। ବିଶେଷକରି ଆମେରିକା, ଚୀନ, ସାଉଦୀ ଆରବ ଓ ତୁର୍କୀ ସହ କୂଟନୈତିକ ସଂପର୍କକୁ ସୁଦୃଢ଼ କରିବାରେ ସେ ହିଁ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ପାକିସ୍ତାନ ରାଜନୀତିରେ ଶରିଫ୍ ଓ ଭୁଟ୍ଟୋ. ପରିବାରର ପ୍ରାଧାନ୍ୟ ଦୃଷ୍ଟିରୁ ମୁନୀରଙ୍କ ଏହି ଗୋଟି ଚାଳନାରେ ପିଏମଏଲଏନର ପ୍ରମୁଖ ନେତା କେବଳ ଅସନ୍ତୋଷ ପ୍ରକାଶ କରିନାହାନ୍ତି ଆବଶ୍ୟକ ପଡ଼ିଲେ ମିର୍ଜାଙ୍କ ନେତୃତ୍ୱରେ ପରିଚାଳିତ ସାମରିକ ଗୋଷ୍ଠୀ ସହ ହାତ ମିଳାଇବାରେ ସମ୍ଭାବନା ଅଛି। ଏସବୁ ସତ୍ତ୍ୱେ ଦେଶରେ ପ୍ରାଧାନ୍ୟ ଜାହିର କରି ଆସିଥିବା ମୁସଲିମ କଟ୍ଟରପନ୍ଥୀ ଓ ଆଇଏସ୍‌ଆଇ ସହାୟତାରେ ମୁନୀର ଆଗାମୀ ଦିନରେ କ୍ଷମତା ଦଖଲ କରିନେବାର ସମ୍ଭାବନା ଅଧିକ ବୋଲି ପର୍ଯ୍ୟବେକ୍ଷକ ମହଲ ମନେ କରନ୍ତି।

ରାଷ୍ଟ୍ରପତି ଆସିଫ ଅଲ୍ଲି ଜର୍ଦ୍ଦାରୀ ନିଜର ଅସୁସ୍ଥତା ମଧ୍ୟରେ ବିଲ୍‌ୱାଲ୍ ଭୁଟ୍ଟୋଙ୍କୁ କ୍ଷମତା ହସ୍ତାନ୍ତର କରିବାକୁ ଚାହାନ୍ତି। ପାର୍ଲାମେଣ୍ଟରେ ଦଳର ସ୍ଥିତି ଯାହା ସେଥିରେ ବିଲ୍‌ୱାଲ୍‌ଙ୍କୁ ରାଜନୈତିକ ଥଇଥାନ ସମ୍ଭବ ନୁହେଁ। ଏ କ୍ଷେତ୍ରରେ ମୁନୀରଙ୍କ ମହାତାକାଂକ୍ଷା ପୂରଣ ଉଦ୍ୟମକୁ ସେ ସର୍ତ୍ତ ସମ୍ବଳିତ ସମର୍ଥନ ଦେବା ପାଇଁ ରାଜି ହୋଇଥିବାର ଜଣାପଡ଼ିଛି। ଅସୁସ୍ଥତା ଦର୍ଶାଇ ସେ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇ ମୁନୀରଙ୍କ ସକାଶେ ପଥ ପରିଷ୍କାର କରିବାକୁ ରାଜି ଅଛନ୍ତି। ତେବେ ଶରିଫଙ୍କ ସ୍ଥାନରେ ବିଲ୍‌ୱାଲ୍‌ଙ୍କୁ ପ୍ରଧାନମନ୍ତ୍ରୀ କରାଯିବା ଜରୁରୀ। କିନ୍ତୁ ଏକଥା ମନେ ରଖିବାକୁ ହେବ ଯେ ଦେଶରେ ସାଂସଦୀୟ ବ୍ୟବସ୍ଥା ବଦଳରେ ରାଷ୍ଟ୍ରପତି ପ୍ରଧାନ ଶାସନ ଯଦି ପ୍ରଭାବିତ ହୁଏ ତେବେ ଉଭୟ ଶରିଫ୍ ଓ ଭୁଟ୍ଟୋ ପରିବାର ରାଜନୈତିକ ପ୍ରାସଙ୍ଗିକତା ହରାଇବା ଏକ ପ୍ରକାର ଥୟ। ତେଣୁ ଜର୍ଦ୍ଦାରୀଙ୍କ ସର୍ତ୍ତ ଆଗକୁ ଏକ ଅର୍ଥହୀନ ପ୍ରୟାସରେ ପରିଣତ ହେବା କିଛି ବିଚିତ୍ର ନୁହେଁ।

ଜେନେରାଲ ଜିଆ ଉଲ୍ ହକ୍‌ଙ୍କ ଐତିହାସିକ ସାମରିକ ବିଦ୍ରୋହ ୧୯୭୭ରେ ସଂଘଟିତ ହୋଇଥିଲା। ତାହାର ୪୭ ବର୍ଷ ପୂର୍ତ୍ତି ଅବସରରେ ଜର୍ଦ୍ଦାରୀ କ୍ଷମତାଚ୍ୟୁତ ହେବା କିଛି ବିଚିତ୍ର ନୁହେଁ। ସଂପ୍ରତି ଉପୁଜିଥିବା ପରିସ୍ଥିତି ଜିଆଙ୍କ କ୍ଷମତା ଦଖଲର. ଇତିହାସକୁ ଉଖୁରାଇ ଦେଇଛି। ପାକିସ୍ତାନ ରାଜନୀତିର ପ୍ରମୁଖ ଅଙ୍ଗ ହେଲା ଭାରତ ବିରୋଧୀ କାର୍ଯ୍ୟାନୁଷ୍ଠାନ। ପାକିସ୍ତାନୀଙ୍କ ମନରେ ଉଗ୍ର ଜାତୀୟତାବାଦୀ ଭାବାବେଗ ସୃଷ୍ଟି କରି ଅଖଣ୍ଡ କ୍ଷମତାର ଅଧିକାରୀ ହୋଇଥା'ନ୍ତି ସାମରିକ ମୁଖ୍ୟମାନେ। ୧୯୬୫ରେ ଜେନେରାଲ ଆୟୁବ ଖାଁ ଓ ୧୯୯୯ରେ ପରଭେଜ ମୁଶାରଫ୍ ଭାରତ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଷ୍ଟ୍ରନାୟକ ହୋଇଥିଲେ। ତାହାର ପୁନରାବୃତ୍ତି ଘଟିବାକୁ ଯାଉଛି ଅସିମ ମୁନୀରଙ୍କ କ୍ଷେତ୍ରରେ। ପହଲଗାମ୍‌ରେ ଆତଙ୍କବାଦୀ କାର୍ଯ୍ୟକଳାପ ସକାଶେ ସେ ପ୍ରବର୍ତ୍ତାଇବା ସହ ଆଇଏସଆଇ ସହ ମିଶି ଯୋଜନା ପ୍ରସ୍ତୁତ କରିଥିଲେ। ଯାହା ଫଳରେ ୨୬ ନିରୀହ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। 'ଅପରେସନ ସିନ୍ଦୂର' ମାଧ୍ୟମରେ ଭାରତ ୯ଟି ଆତଙ୍କବାଦୀ କେନ୍ଦ୍ରକୁ ଧ୍ୱଂସ କରି ସରକାର ଯେଭଳି ବିପୁଳ ଜନସମର୍ଥନ ହାସଲ କରିଛନ୍ତି ସେହିଭଳି କ୍ଷୁବ୍ଧ ଆତଙ୍କବାଦୀ ସଂଗଠନକୁ ସାଂଗରେ ନେଇ ମୁନୀର ଭାରତ ବିରୋଧୀ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ତେଣୁ ଯେକୌଣସି ସମୟରେ ସେ କ୍ଷମତା କେନ୍ଦ୍ର ହେବା କିଛି ବିଚିତ୍ର ନୁହେଁ।

# ଓଡ଼ିଶାରେ ଝୋଟଚାଷର ପୁନରୁଦ୍ଧାର ସମ୍ଭବ କି?

**ବିଦ୍ୟାଧର ମହାରଣା**

ଏକ ପ୍ରମୁଖ ଅର୍ଥକରୀ ଫସଲ ହିସାବରେ ଓଡ଼ିଶାରେ ଏକଦା ପ୍ରସିଦ୍ଧି ଲାଭ କରିଥିବା ଝୋଟ ଫସଲ ଆଜି ନତଜାନୁ ଅବସ୍ଥାରେ ଅଛି। 'ସୁବର୍ଣ୍ଣ ତନ୍ତୁ' ଭାବରେ ବିଦିତ ଝୋଟ ବା ନଳିତା ଦୁଇ ପ୍ରକାରର। ମଧୁର ନଳିତା ଢିପ ଜମିରେ ଓ ପିତା ନଳିତା ଖାଲ ଜମିରେ ଚାଷ ହୁଏ। ଖରିଫ ଧାନ ପୂର୍ବରୁ ଝୋଟ ଚାଷ ହେଉଥିବାରୁ ଏହାର ପତ୍ର କିଆରୀରେ ପଚି ସଢ଼ି ଧାନ ଫସଲକୁ ଖାଦ୍ୟସାର ଯୋଗାଏ, ଯାହା ଫଳରେ ଧାନଅମଳ ବୃଦ୍ଧି ପାଏ। ସ୍ଥାନୀୟ ଅର୍ଥନୀତିକୁ ଓ କର୍ମନିଯୁକ୍ତିକୁ ଏହି ଚାଷ ପ୍ରଭାବିତ କରେ।

ନଳିତା ତନ୍ତୁରୁ ପ୍ରସ୍ତୁତ ବସ୍ତା ଇତ୍ୟାଦି ଜୈବିକ ପ୍ରଣାଳୀରେ ଅପଘଟନ ହେଉଥିବାରୁ ଏହା ପରିବେଶ ପ୍ରତି ନିରାପଦ। ଏହାର ତନ୍ତୁରେ ସେଲ୍ୟୁଲେଜ ଅଧିକ ଥିବାରୁ ପାରମ୍ପରିକ ଟେକ୍ସଟାଇଲଠାରୁ ଅଧିକ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ପାଇଁ ଏହାକୁ ବ୍ୟବହାର କରାଯାଏ। ଝୋଟ ତନ୍ତୁରୁ ବଜାରମୁଣି, ବସ୍ତା, ଦଉଡ଼ି, ସାଜସଜ୍ଜା ଉପକରଣ ଇତ୍ୟାଦି ପ୍ରକୃତି-ଅନୁକୂଳ ଦ୍ରବ୍ୟ ପ୍ରସ୍ତୁତ କରାଯାଏ। ଏଥିରୁ ମଧ୍ୟ ଗାଡ଼ିମୋଟର ପ୍ୟାନେଲ, ଘର ଆସବାବ, ଜିଓ-ପଲିମର, ଜୈବିକ ଇନ୍ସୁଲିନ୍ ପ୍ୟାନେଲ, ତନ୍ତୁ ବଳବତ୍ତର ପଲିମର, ଅଣୁସ୍ଫଟିକ ସେଲ୍ୟୁଲେଜ, ନାନୋ ସେଲ୍ୟୁଲେଜ ପ୍ରସ୍ତୁତି ପାଇଁ ଉପଯୋଗୀ। ଝୋଟ ତନ୍ତୁକୁ ମିଶାଇ କପା, ସିଲ୍କ, ସିନ୍ଥେଟିକ ବସ୍ତ୍ର, ଫେସନ ବସ୍ତ୍ର ଇତ୍ୟାଦି ପ୍ରସ୍ତୁତ କରାଯାଏ। ଅଣ ପାରମ୍ପରିକ ଟେକ୍ସଟାଇଲ ହିସାବରେ କାର୍ପେଟ, ଚଟାଣ ମଶିଣା ଓ କାନ୍ଥଝୁଲା ବସ୍ତ୍ର ମଧ୍ୟ ଝୋଟ ତନ୍ତୁ ବ୍ୟବହାର କରି ତିଆରି କରାଯାଏ। ବିଭିନ୍ନ ହସ୍ତଶିଳ୍ପ ଓ କୃଷି କ୍ଷେତ୍ରରେ ଛାଦନ ବା ମଲଚିଂଗ ପାଇଁ ଝୋଟ ତନ୍ତୁ ବ୍ୟବହାର ହେଲାଣି। ଝୋଟ କାଠିରୁ ମଣ୍ଡ ପ୍ରସ୍ତୁତ କରାଯାଇ କାଗଜ, ପାର୍ଟିକିଲ ବୋର୍ଡ, ଚାରକୋଲ୍ ଓ ହସ୍ତଶିଳ୍ପ ନିର୍ମାଣ କରାଯାଏ। ସୁତରାଂ ଝୋଟ ତନ୍ତୁରୁ ବହୁବିଧ ସମାଗ୍ରୀ ପ୍ରସ୍ତୁତି ସୁଯୋଗ ରହିଛି ଏବଂ ଏଗୁଡ଼ିକ ପରିବେଶ ପାଇଁ କୌଣସି ବିପଦ ସୃଷ୍ଟି କରେ ନାହିଁ।

ଓଡ଼ିଶାରେ ମୁଖ୍ୟତଃ ବାଲେଶ୍ୱର, କେନ୍ଦ୍ରାପଡ଼ା, କେନ୍ଦୁଝର, କଟକ ଓ ଯାଜପୁର ଜିଲ୍ଲାରେ ବହୁବର୍ଷ ଧରି ବ୍ୟାପକ ଭାବରେ ଏହି ଫସଲଟି ଚାଷ ହେଉଥିଲା। ୧୯୭୦- ୭୧ ମସିହାରେ ୪୩୭୫୦ ହେକ୍ଟର ଜମିରେ ଝୋଟ ଚାଷ ହେଉଥିଲା ବେଳେ ୧୯୮୩- ୮୪ ମସିହାରେ ସର୍ବାଧିକ ୫୫୦୦୦ ହେକ୍ଟର ଜମିରେ ଝୋଟଚାଷ ହୋଇ ପ୍ରାୟ ୪୧୧୯୭୦ ବେଲ୍ (୧ବେଲ୍= ୧୮୦ କିଲୋଗ୍ରାମ) ତନ୍ତୁ ଅମଳ ହୋଇଥିଲା। ଏହା ପରଠାରୁ ଝୋଟ ଚାଷ ୨୦୨୩-୨୪ରେ ୫୧୧୦ ହେକ୍ଟରରେ ସୀମିତ ହୋଇ ମାତ୍ର ୬୯୬୦୦ ବେଲ୍ ଅମଳ ହୋଇଛି। ସବୁଠାରୁ ଅଧିକ ୧୩୦୦ ହେକ୍ଟର ଝୋଟ ଚାଷ କେନ୍ଦୁଝର ଜିଲ୍ଲାରେ ହେଉଛି।

ପ୍ଲାଷ୍ଟିକ ବ୍ୟାଗ୍ ବାହାରିବା ପରେ ଝୋଟ ବ୍ୟାଗର ଚାହିଦା ହ୍ରାସ ପାଇଲା ଏବଂ ଝୋଟ ଅନ୍ୟାନ୍ୟ ଟେକ୍ସଟାଇଲ ସହିତ ପ୍ରତିଯୋଗିତା କରି ପାରିଲା ନାହିଁ। ଅସ୍ଥିର ବଜାର ସହିତ ପୁରାତନ ଚାଷପଦ୍ଧତି, ଆଧୁନିକ ବୈଷୟିକ କୌଶଳ ଅଭାବ, ବର୍ଷାଦିନେ ବନ୍ୟା, ଅମଳ ପରବର୍ତ୍ତୀ ଭିତ୍ତିଭୂମି ଅଭାବ ଓ ଜଳବାୟୁ ପରିବର୍ତ୍ତନ ଆଦି କାରଣ ଯୋଗୁଁ ଅମଳ ହ୍ରାସ ଝୋଟଚାଷ ପାଇଁ ଚାଷୀମାନଙ୍କୁ ନିରୁତ୍ସାହିତ କଲା। ଓଡ଼ିଶାରେ ଧାନମଣ୍ଡଳଠାରେ ୧୯୭୯ ରେ 'କୋଣାର୍କ ଝୋଟ କଳ' ନାମରେ ଏକମାତ୍ର କାରଖାନା ଇଡିକଲ ଦ୍ୱାରା ସ୍ଥାପିତ ହୋଇଥିଲା, ଯାହାକି ୨୦୧୨ ଠାରୁ ତାଲା ପଡ଼ିଛି। ଭାରତୀୟ ଝୋଟ ନିଗମ ଦ୍ୱାରା ଉଦ୍ରଖ ଆର୍. ଏଲ୍.ଡି ଅଧୀନରେ ଭଦ୍ରକ, କେନ୍ଦୁପାଟଣା, ଧାନମଣ୍ଡଳ, ସାଇଲଙ୍ଗା, ଦାନପୁର ଓ ମାର୍ଶାଘାଇଠାରେ ଝୋଟ ସଂଗ୍ରହ କେନ୍ଦ୍ର ସ୍ଥାପିତ ହୋଇଛି। କିନ୍ତୁ ଝୋଟଚାଷ ଜମିର ପରିମାଣ କମିଥିବାରୁ ଏଗୁଡ଼ିକ ମଧ୍ୟ ବିଶେଷ କାର୍ଯ୍ୟକ୍ଷମ ହେଉନାହିଁ। ପଶ୍ଚିମବଙ୍ଗରେ ଅଧିକ ଝୋଟଚାଷ ସହିତ ୧୦୪ ଚଟକଳ ରହିଛି, ଯାହା ଫଳରେ ଝୋଟଚାଷର ଉନ୍ନତି ହେଉଛି। ଦେଶର ପ୍ରାୟ ୭୫% ଝୋଟ ଅମଳ ପଶ୍ଚିମବଙ୍ଗ କରିଥାଏ।

ନଳିତା ଅମଳ ପରେ ଏହାକୁ ଚହଲା ପାଣିରେ କଷାଇବା ପରେ ପରିଷ୍କାର ପାଣିରେ ଏଥିରୁ ତନ୍ତୁ ବାହାର କରାଯାଏ ଏବଂ ଶୁଖାଇବା ପରେ ଗଣ୍ଠିଲି ବନ୍ଧାଯାଏ। ଝୋଟ ତନ୍ତୁର ଶକ୍ତି, ଚେର ପରିମାଣ, ରଙ୍ଗ, ସାନ୍ଦ୍ରତା ଅନୁସାରେ ଏହାକୁ ଧଳା ଓ ତୋଷା ହିସାବରେ ଚିହ୍ନଟ କରାଯାଏ। ଧଳା ଝୋଟ ଓ ତୋଷାକୁ ପାଞ୍ଚ ଶ୍ରେଣୀରେ ଗୁଣାତ୍ମକ ମାନ ଅନୁସାରେ ବିଭକ୍ତ କରାଯାଏ, ଯାହାକି ଆଗରୁ ଆଠ ପ୍ରକାର ଥିଲା। ସେହି ଅନୁସାରେ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରନ୍ତି ଏବଂ ଭାରତୀୟ ଝୋଟ ନିଗମ ଏହାକୁ କ୍ରୟ କରେ। ଚଳିତ ବର୍ଷ ଟି. ଡି-୩ କିସମ ଝୋଟର ମୂଲ୍ୟ କୁଇଣ୍ଟାଲ ପ୍ରତି ୫୬୫୦ ଟଙ୍କା ରଖାଯାଇଛି। କିନ୍ତୁ ବଜାରରେ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ୫୫୦୦ ଓ ସର୍ବାଧିକ ୬୮୦୦ ଟଙ୍କାରେ ବିକ୍ରୟ ହେଉଛି। ଝୋଟ ଶ୍ରେଣୀକରଣ ହାତରେ ପରୀକ୍ଷା କରି କିମ୍ବା ଡିଜିଟାଲ ଭାବରେ କରାଯାଏ। କିନ୍ତୁ ଏଥିରେ ଚାଷୀ ବହୁ ସମୟରେ ଠକାମିରେ ପଡ଼ନ୍ତି। ଝୋଟ ଚାଷରେ ଏକର ପ୍ରତି ଖର୍ଚ୍ଚ ପ୍ରାୟ ୩୫୦୦୦ ଟଙ୍କା ହେଲା ବେଳକୁ ମୋଟ ଆୟ ପ୍ରାୟ ୫୫୦୦୦ ଟଙ୍କା। ସୁତରାଂ ଏକର ପ୍ରତି ଲାଭ ପ୍ରାୟ ୨୦୦୦୦ଟଙ୍କା। ଏହା ସମ୍ଭବ ହୋଇଛି ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଯୋଗୁଁ। ଚାଷୀ ଅଧିକ ଉନ୍ନତ ଚାଷ କରି ଅମଳ ବୃଦ୍ଧି କରିପାରିଲେ ଓ ତନ୍ତୁର ଗୁଣାତ୍ମକ ମାନ ବୃଦ୍ଧି କରିପାରିଲେ ଅଧିକ ଲାଭବାନ ହୋଇପାରିବେ।

ଏଣୁ ଝୋଟ ତନ୍ତୁର ମାନ ବୃଦ୍ଧି କରିବାକୁ ଉନ୍ନତ ପ୍ରଣାଳୀରେ ଝୋଟ କଷାଇବା ଓ କାଉଁରିଆରୁ ତନ୍ତୁ ଅଲଗା କରିବା ଉପରେ ଅଧିକ ଗବେଷଣା ଆବଶ୍ୟକ। ଏତଦ୍‌ବ୍ୟତୀତ ତନ୍ତୁର ସୂକ୍ଷ୍ମତା ଓ ଶକ୍ତି ବୃଦ୍ଧି ପାଇଁ ଯାନ୍ତ୍ରିକ ଓ ରାସାୟନିକ ଉପଚାର ଉପରେ ଗବେଷଣା ମଧ୍ୟ ଆବଶ୍ୟକ। ରାସାୟନିକ ଉପଚାର ଦ୍ୱାରା ପଲିମର ସହିତ ସମକକ୍ଷ ହେବା ପାଇଁ ଏବଂ ଏହାକୁ ଜଳ ବିରୋଧୀ ଓ ବୀଜାଣୁ ରୋଧୀ କରିବା ପାଇଁ ରାସାୟନିକ ଉପଚାର ଆବଶ୍ୟକ। ଝୋଟକୁ କାଉଁରିଆ, ନଡ଼ିଆ କତା ଇତ୍ୟାଦି ପ୍ରାକୃତିକ ତନ୍ତୁ ସହିତ ମିଶ୍ରଣ କରାଯାଇପାରେ। ଏପରିକି କୃତ୍ରିମ ତନ୍ତୁ ସହିତ ମିଶ୍ରଣ କରାଯାଇପାରେ। ପରିବେଶ ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ଭାବରେ ମାଟିରେ ମିଶାଯାଉଥିବା ତନ୍ତୁ ନିର୍ମିତ ବୟନ ବସ୍ତୁ, ବସ୍ତା ଇତ୍ୟାଦିକୁ ବ୍ୟବହାର ପାଇଁ ଝୋଟକୁ ହାଲୁକା ଓ ଅଧିକ ଟାଣ କରିବା ଆବଶ୍ୟକ। ଏହି ତନ୍ତୁକୁ ଅଧିକ ସୁପରିବାହୀ କରିବା ସହିତ ବୀଜାଣୁ ଓ ଅଗ୍ନି ନିରୋଧକ କରିବା ପାଇଁ ନାନୋ ଟେକ୍ନୋଲୋଜିର ପ୍ରୟୋଗ କରାଯାଇପାରିବ।

ଝୋଟ ଚାଷର ବିକାଶ ପାଇଁ ବହୁ ଗବେଷଣା ଚାଲୁ ରହିଛି। ଆଧୁନିକ ବୈଷୟିକ ଜ୍ଞାନର ବ୍ୟବହାର, ଅଧିକ ଅମଳକ୍ଷମ ବିହନ, ସଠିକ ଜଳସେଚନ, ସାର ପ୍ରୟୋଗ, ରୋଗ ପୋକ ନିୟନ୍ତ୍ରଣ, ଭିତ୍ତିଭୂମି ବିକାଶ, ଉନ୍ନତ ନଳିତା କଷା ପାଇଁ ଫଙ୍ଗାଲ କଲଚର ବ୍ୟବହାର ଓ ଉନ୍ନତ ବିପଣନ ବ୍ୟବସ୍ଥା, ଅଧିକ ଝୋଟ ସଂଗ୍ରହ କେନ୍ଦ୍ର ସ୍ଥାପନ, ଚାଷୀ ସହିତ କ୍ରୟସଂସ୍ଥା ଓ ରପ୍ତାନିକାରୀଙ୍କ ସିଧାସଳଖ ସଂଯୋଗ, ସରକାରଙ୍କ ଦ୍ୱାରା ଝୋଟଚାଷ ପାଇଁ ଇନପୁଟ ସହାୟତା, ଗବେଷଣା ଓ ଉନ୍ନୟନ, କୃଷକ ପ୍ରଶିକ୍ଷଣ ଏବଂ ଝୋଟ ଆଧାରିତ ନୂତନ ଶିଳ୍ପ ସମାଗ୍ରୀ ପ୍ରସ୍ତୁତି ପାଇଁ ପ୍ରୋତ୍ସାହନ ଦିଆଗଲେ ଝୋଟ ଚାଷର ପୁନରୁଦ୍ଧାର ସମ୍ଭବ। କ୍ଷୁଦ୍ର ଶିଳ୍ପକେନ୍ଦ୍ରଗୁଡ଼ିକରେ ନୂତନ ଝୋଟ ବ୍ୟାଗ୍, ଗୃହ ସାଜସଜ୍ଜା ବସ୍ତୁ ଏବଂ ଫେସନ୍ ସମାଗ୍ରୀ ପ୍ରସ୍ତୁତି କରାଗଲେ ଝୋଟ ଚାହିଦା ବୃଦ୍ଧି ପାଇବ। ଫଳରେ ଝୋଟଚାଷ ପାଇଁ ଚାଷୀ ଅଧିକ ଉତ୍ସାହିତ ହେବେ। ଝୋଟ ତନ୍ତୁକୁ ଆହୁରି ଉନ୍ନତ କରିବା ପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

ପ୍ରକ୍ରିୟାକରଣ କ୍ଷେତ୍ରରେ ନବୋନ୍ମେଷ, ସଙ୍କରୀକରଣ ଏବଂ ରାସାୟନିକ ଉପଚାର କରିପାରିଲେ ଏହାର ବହୁବିଧ ବ୍ୟବହାର ବୃଦ୍ଧି ପାଇବ। ଚାଷୀମାନେ ମଧ୍ୟ ନିଜର ଉତ୍ପାଦ ପାଇଁ ଅଧିକ ଲାଭଯୁକ୍ତ ମୂଲ୍ୟ ପାଇପାରିବେ। ସର୍ବୋପରି ଝୋଟ ତନ୍ତୁ ମଣିଷକୃତ କୃତ୍ରିମତନ୍ତୁ ପ୍ରତିବଦଳରେ ଜୈବ ଅପଘଟନୀୟ ବସ୍ତା, ପ୍ୟାକେଜ ପଦାର୍ଥ, ଫେସନ ସମାଗ୍ରୀ, ଇଲକ୍ଟ୍ରୋନିକ ପଦାର୍ଥ, ଚିକିତ୍ସା ସହାୟକ ପଦାର୍ଥ, ଜିଓଟେକ୍ସଟାଇଲ ଦ୍ରବ୍ୟ ପ୍ରସ୍ତୁତ କରିବାରେ ବିନିଯୋଗ ହୋଇପାରିବ। ଏହି ବସ୍ତୁଗୁଡ଼ିକ ପରିବେଶ ସୁରକ୍ଷା ଦୃଷ୍ଟିରୁ ନିରାପଦ ଥିବାରୁ ଏହାର ବଜାର କ୍ରମଶଃ ବୃଦ୍ଧି ପାଉଛି। ଚାଷୀମାନେ ଏହି ସୁଯୋଗ ହାତଛଡ଼ା ନକରି ଝୋଟ ଉତ୍ପାଦନ ବୃଦ୍ଧି ସହିତ ଏହାର ଗୁଣାତ୍ମକ ମାନ ବୃଦ୍ଧି କରିବା ଆବଶ୍ୟକ। ଏପରି ଉଦ୍ୟମ ନିଶ୍ଚିତ ଭାବରେ ପାରମ୍ପରିକ ଅଞ୍ଚଳରେ ଝୋଟ ଚାଷର ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଓଡ଼ିଆ ଭକ୍ତିସଂଗୀତରେ ସ୍ୱାଭିମାନର ସ୍ୱର

**ବିପିନ ମହାପାତ୍ର**

ପ୍ରାଚୀନ ଓଡ଼ିଆ କାବ୍ୟକବିତା ଅବଧାରିତ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀକୃଷ୍ଣ ଚେତନା ତୁଳନାରେ ଭକ୍ତି ସଂଗୀତ ସଂଖ୍ୟା କିଛି କମ୍ ନୁହେଁ। ବିଶେଷତଃ ପ୍ରମୁଖ ବୈଷ୍ଣବ କବି ସ୍ୱ ସ୍ୱ ସୃଜନୀ ଶକ୍ତି ଓ ଭକ୍ତିଭାବର ପରାକାଷ୍ଠା ପୂର୍ବକ ଲେଖିଯାଇଛନ୍ତି ସଂଖ୍ୟାଧିକ ଭକ୍ତିସଂଗୀତ। ତନ୍ମଧ୍ୟରୁ ଅଧିକାଂଶ ବିଭିନ୍ନ ରାଗ-ରାଗିଣୀ ଯୁକ୍ତ ହେଇ ଗାୟନ ଉପଯୋଗୀ ହେଇପାରିଛି। ଆଜି ମଧ୍ୟ ତାହା କଣ୍ଠଶିଳ୍ପୀମାନଙ୍କ କଣ୍ଠରେ ପରିବେଷିତ ହେଲା ବେଳେ ହୃଦୟରେ ଜାଗ୍ରତ ହେଉଛି ଭକ୍ତିଭାବଧାରା ଏବଂ ଆପେଆପେ ଆଖିରୁ ଝରି ପଡ଼ୁଛି ଟୋପା ଟୋପା ଆନନ୍ଦାଶ୍ରୁ। ଏଥିରୁ ସ୍ପଷ୍ଟ ବାରିହୁଏ ଯେ, ସଂପୃକ୍ତ ଗୀତିକାରମାନଙ୍କ ସାହିତ୍ୟ ଓ ସଂଗୀତ ସାଧନା ଥିଲା ଉତ୍ସର୍ଗୀକୃତ ଏବଂ ସେମାନେ ଥିଲେ ଜଣେ ଜଣେ ପରମ ଭକ୍ତ ଓ ଗାୟକ। ନିଜ ନିଜ ରଚନାବଳୀର ଗାୟନ ଶୈଳୀକୁ ପ୍ରାଧାନ୍ୟ ଦେଇ ସୁଲଳିତ କଣ୍ଠରେ ସେଗୁଡ଼ିକୁ ଗାନକରି ଉତ୍କଳୀୟ ଧାର୍ମିକ ଚେତନାକୁ ପରିବ୍ୟାପ୍ତ କରୁଥିଲେ ଏବଂ ସମାଜକୁ ପ୍ରଦାନ କରୁଥିଲେ ମହିମାନ୍ୱିତ ସନ୍ଦେଶ। ତା'ଛଡ଼ା ସେମାନେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ଅନୁଭବ କରି କଠିନ ପରୀକ୍ଷାର ସମ୍ମୁଖୀନ ହେଇଥିଲେ। ପରମାତ୍ମାର ସତ୍ତା ଅନୁସନ୍ଧାନ କରୁଥିଲେ ବର୍ଷ ବର୍ଷ, ଯୁଗଯୁଗ ଧରି। ପାର୍ଥିବ ସୁଖ ଥିଲା ସେମାନଙ୍କ ପକ୍ଷେ ଅଳିକ ଓ ଅବାସ୍ତବ। ନିଷ୍କାମ ଭକ୍ତିର ନିଗୂଢ଼ ରହସ୍ୟକୁ ଉନ୍ମୋଚନ କରିବା ନିମନ୍ତେ ପ୍ରାଣପାତ୍ ସାଧନାକୁ ଧ୍ୟେୟ ମଣୁଥିଲେ। ସେମାନଙ୍କ ସ୍ୱୟଂସମ୍ପୂର୍ଣ୍ଣ ସମର୍ପିତ ମନୋଭାବର ଆଦର୍ଶ ଥିଲା ବୋଧହୁଏ ପ୍ରମୁଖ ପ୍ରିୟ ଭକ୍ତ ଉଦ୍ଧବ, ବିଦୂର ଓ ସୁଦାମାଙ୍କ କର୍ମ, ଧର୍ମ ଓ ଭକ୍ତିର ମାହାତ୍ମ୍ୟ।

ଅନୁରୂପ ପରବର୍ତ୍ତୀ କାଳରେ ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ଅନୁକମ୍ପାରୁ ସେଇ ଆଦର୍ଶରେ ଅନୁପ୍ରାଣିତ ହେଇଥିବା ଜଗନ୍ନାଥ ଦାସ, ବଳରାମ ଦାସ, ବିଶର ମହାନ୍ତି, ବନ୍ଧୁ ମହାନ୍ତି, ଗୀତା ପଣ୍ଡା, ଦାସିଆ ବାଉରୀ, ଭକ୍ତ ସାଲବେଗ ପ୍ରମୁଖ ଓ ଆହୁରି କେତେଜଣଙ୍କୁ ଶ୍ରୀଚରଣରେ ସ୍ଥାନ ଦେଇ ସେଇ ଭକ୍ତର ଭଗବାନ ହିଁ ସେମାନଙ୍କୁ ପରିଚିତ କରିଥିଲେ। ତାର ସ୍ୱର୍ଣ୍ଣିମ ପୃଷ୍ଠାରୁ ବାଦ୍ ପଡ଼ି ନାହାନ୍ତି ଭକ୍ତ ହରି ଦାସ'ଓ କବୀରଙ୍କ ଭକ୍ତି ଓ କୃତି।

ଗବେଷକମାନଙ୍କ ମତରେ ଭକ୍ତି ସଂଗୀତର ସଂଜ୍ଞା ଓ ସ୍ୱଭାବ ବହନ କରିଥାଏ ଏକାଧିକ ଆଧ୍ୟାତ୍ମିକ ଉପାଦାନ। ତନ୍ମଧ୍ୟରୁ ସମର୍ପଣ, ନିବେଦନ, ମନନ, ଜଣାଣ ଓ ଭଜନ ଓ ସଂକୀର୍ତ୍ତନ ପ୍ରଭୃତି ଯଦି କରୁଣ, ଶାନ୍ତ, ଦାସ୍ୟ ରସାଶ୍ରିତ ହେଇଥାଏ, ତେବେ ତାହା ଜନମାନସକୁ ପ୍ରଭାବିତ କରେ। ପୁଣି ନାସ୍ତିକତାକୁ ସମୂଳେ ଉତ୍ପାଟନ କରି ଚାରିତ୍ରିକ ସ୍ଖଳନରେ ସୁଧାର ଆଣିପାରେ ଏବଂ ସଂସ୍କାରର ପଥ ପ୍ରଦର୍ଶକ ସାଜି ସାମାଜିକ ବ୍ୟାଧିର ନିରାକରଣ କରିପାରେ।

ସ୍ୱତଃ ପ୍ରବୃତ୍ତ ଭାବେ ନିଜର ଅଭିବ୍ୟକ୍ତି ସଂଗୀତରେ ରୂପାୟିତ କରିବା ବେଳେ ଭଗବାନଙ୍କ କାଣିଚାଏ ନିର୍ଦ୍ଦେଶ ବିନା ଭକ୍ତି ରସାପ୍ଲୁତ, ଉତ୍କୃଷ୍ଟ ଜଣାଣ, ଭଜନ ସୃଷ୍ଟି ହେବା ଅସମ୍ଭବ। ହୁଏତ ପ୍ରମୁଖ ଭକ୍ତ ଓ ସ୍ରଷ୍ଟା ଜୀବନବ୍ୟାପୀ ତାଙ୍କ ଚରଣାଶ୍ରିତ ହୋଇ ସାତ୍ତ୍ୱିକ ଅବବୋଧର ଅଭାବନୀୟତାକୁ ହୃଦୟଙ୍ଗମ କରି ନିଜର ଅସହାୟତା ଅଭିମାନ ବିନିମୟରେ ଆବେଗମୟ ଓ ଅଶ୍ରୁସିକ୍ତ କରିଛନ୍ତି ସ୍ୱ ସ୍ୱ ରଚନାବଳୀ। ଯାହାକୁ ସାଧାରଣରେ ଗାଳି, ପରାହ ବୋଲି କୁହାଯାଉଛି। କିନ୍ତୁ ସେଇ ଶାଣିତ ଭାବାବେଶକୁ ବି ଗ୍ରହଣ କରିଛନ୍ତି ମହାନ୍, ଅଦ୍ୱିତୀୟ କଳାକାର ଓ ସଂଗୀତଜ୍ଞ ଶ୍ରୀଜଗନ୍ନାଥ। ଫଳରେ ସେଗୁଡ଼ିକ ହିଁ ଏଯାବତ୍ ପ୍ରଭାବଶାଳୀ ଭକ୍ତି ସଂଗୀତ ବୋଲି ଗୃହୀତ ହେଇଆସିଛି।

ଉଦାହରଣସ୍ୱରୂପ 'ବାଧିଲା ଜାଣି କ୍ଷମା କର ନୋହିଲେ ରମା-ରମଣ ଦଣ୍ଡେ ଦିଅ ଟାଳି / ତୁମ୍ଭଙ୍କୁ ଜଗନ୍ନାଥ ଆଜ ମୋ ମନୋରଥ ଭରତି କରିଦେବି ଗାଳି ହେ କୃପାନିଧି / କରୁଣାସିନ୍ଧୁ ବୋଲି କରି କହନ୍ତି ବୁଧେ ଡରିମରି। କାଳସର୍ପ ଆପଣ କବଳ କର ପ୍ରାଣ-ପବନମାନଙ୍କୁ ସବୁରି ହେ କୃପାନିଧି! (ସର୍ପ ଜଣାଣ - କବିସୂର୍ଯ୍ୟ ବଳଦେବ ରଥ)।' 'କିମ୍ପା ନିରପେକ୍ଷ କରୁଅଛ ମୋତେ କେଉଁ ଦୋଷ ମନେଧରି / ନିଷ୍ଠୁର ତୋ ହିୟା ନ ବସେ ତୋ ଦୟା ଭକ୍ତ ପ୍ରାଣଖିଆ ହରି / ଦେଉଅଛି ଯାହା ନ ଜାଣୁକି ତାହା ଅନ୍ତର୍ଯାମୀ ନାମ ବହି / ମତେ କୋପ କରି କି ଯଶ ଅର୍ଜିବୁ ଭକତ ଜୀବନ ଖାଇ...। (ସ୍ତୁତି ଚିନ୍ତାମଣି-ଭୀମଭୋଇ)।' 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ / ଯାହା ଦେଇଥିଲ ସବୁତ ନେଲଣି ଆଉ ଏବେ କିସ ଛଡ଼ାଇବ ହେ! / ହାତଠାରି ଲୋଭ ଦେଖାଇ ଡାକ ନାଟ ଦେଖିବା ପାଇଁ / ସିହାଣ କରୁଛ ଆହୁରି ଥରେ କି ନାକଘଷି କାନ ମୋଡ଼ାଇବ ହେ! (ସବୁଥିରୁ ବଞ୍ଚିତ କରି- ଲକ୍ଷ୍ମୀକାନ୍ତ ମହାପାତ୍ର)।' 'ମୋର ଅନ୍ତର ମନ୍ଦିରେ ରହି କୁହୁକରେ ଦେଉଛ ଭୁଲାଇ / ରହି ନିକଟରେ ଖୋଜାଉଛ ଦୂରେ ଜୀବ ମରେ ଧାଇଁ ଧାଇଁ / ତୁମ୍ଭେ ଭକତି ପାଶେ ବନ୍ଧା ସେଥିପାଇଁ କର କେତେ ଧନ୍ଦା / ଅନ୍ଧାରେ ଏବେ କନ୍ଦାଅନା ମୋତେ ପାଶେ ନିଅ ଆଲୋକ ଦେଇ...(ବୈକୁଣ୍ଠନାଥ ବ୍ରହ୍ମଚାରୀ)।' 'ଟୋପାଏ ଲୁହରେ ଭସାଇ ଦେବି ତୋ ଦେଉଳ, କଣେ କୈବଲ୍ୟ ଖାଇସାରି ଦେବି ଷାଠିଏ ପଉଠି ଚାଉଳ। ତେଣୁ ଜଗନ୍ନାଥ - ଜଗନ୍ନାଥ ଶୁଣ ସଅଳ.. (ଅକ୍ଷୟ ମହାନ୍ତି)।' 'କାହ୍ନୁରେ! ତୋତେ ଜୁହାର କରିବି ନାହିଁ, ତୋତେ ଗୁହାରି କରିବି ନାହିଁ / ହାତେ ମୋର ବେଣୁ ଦେଇ ସବୁ ସୁଖ ଥିଲା ଯହିଁ, କହ କାହିଁ ନେଲୁ ତୁ ଛଡ଼ାଇ (ସଚ୍ଚି ମହାନ୍ତି)।'

ପରମ କାରୁଣିକ ସେଇ ବିଶ୍ୱନିୟନ୍ତା ଜଗନ୍ନାଥଙ୍କ ମହିମାମୟ ଅଧ୍ୟାୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ସକାଶେ ଏମିତି ଅନେକ ଓଡ଼ିଆ ଭକ୍ତି ସଂଗୀତର ସୃଷ୍ଟି-ସମ୍ପଦ କାଳଜୟୀ। କିନ୍ତୁ ବ୍ୟାବସାୟିକ ସଫଳତା ପ୍ରତି ଦୃଷ୍ଟି ଦେଇ ତା'ର ଭାବଧାରା ଯଦି ପରିବର୍ତ୍ତିତ ହେଇଯାଏ, ତେବେ ତାହା ଉତ୍କଳୀୟ ଧର୍ମ ଓ ସଂସ୍କୃତିର ପରିପନ୍ଥୀ ହେବା ନିଶ୍ଚିତ।

ବ୍ରହ୍ମପୁର, ମୋ: ୯୮୫୩୭୫୧୩୨୨

# ତିବ୍ବତରେ ବୌଦ୍ଧଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**



(ପୂର୍ବପ୍ରକାଶିତ ଉତ୍ତାରୁ)

## ଦ୍ୱିତୀୟ-ବୁଦ୍ଧ କଥା

ରାଜତନ୍ତ୍ର (ଖ୍ରୀ ୬୦୦-୭୮୦) ବୌଦ୍ଧ କାଳ: ସ୍ରନ୍-ସାନ୍-ଗାମ୍ପୋ ତେର ବର୍ଷ ବୟସରେ ଖ୍ରୀ ୬୨୯ରେ ସିଂହାସନ ଆରୋହଣ କଲେ। ସେ ପାହାଡ଼ ଉପରେ ନଅ-ତାଲା ବିଶିଷ୍ଟ ଏକ ରାଜପ୍ରାସାଦ ନିର୍ମାଣ କରିଥିଲେ, ଯାହାର ଧ୍ୱଂସାବଶେଷ ଉପରେ ବର୍ତ୍ତମାନର ପୋଟାଲା ରାଜପ୍ରସାଦ ଲାସାରେ ନିର୍ମିତ ହୋଇଛି। ସେତେବେଳେ ତିବ୍ବତରେ କୌଣସି ଲିପି ବା ଲିଖିତ ଭାଷା ନ ଥିଲା। କିନ୍ତୁ ରାଜା ସଂସ୍କୃତ ଭାଷା ସହ ପାଲ୍‌ପା(ନେୱାରୀ) ଓ ଚୀନା ଭାଷାରେ ଦଖଲ ହାସଲ କରିପାରିଥିଲେ। ରାଜା ସ୍ରନ ତିବ୍ବତର ସବୁ ରାଜାଙ୍କଠାରୁ ଅଧିକ ଦକ୍ଷ ଓ ଶକ୍ତିଶାଳୀ ମଧ୍ୟ ଥିଲେ। ତାଙ୍କ ଶାସନକାଳରେ ତିବ୍ବତ ଅଗ୍ରଣୀ ସାମରିକ ଦକ୍ଷତାସମ୍ପନ୍ନ ଦେଶରେ ପରିଣତ ହୋଇଥିଲା। ଅନ୍ୟ ଶତ୍ରୁମାନଙ୍କ ସହ ସ୍ରନ ଚୀନ ରାଜାଙ୍କୁ ମଧ୍ୟ ପରାଜିତ କରିଥିଲେ। ତାଙ୍କ ପ୍ରଭାବରେ ତତ୍କାଳୀନ ଚୀନ ରାଜା ତାଇ-ସୁଙ୍ଗ ଓ ନେପାଳ ରାଜା ଅଂଶୁବର୍ମନ ସ୍ରନଙ୍କ ସହ ସୁସମ୍ପର୍କ ସ୍ଥାପନ ପାଇଁ ନିଜ ନିଜର କନ୍ୟାଙ୍କୁ ସ୍ରନଙ୍କୁ ବିବାହ ଦେଇଥିଲେ। ଚୀନ ରାଜକନ୍ୟାଙ୍କ ନାମ ଥିଲା ୱେନ୍-ଚେଙ୍ଗ୍ ଏବଂ ନେପାଳୀ ରାଜକନ୍ୟାଙ୍କ ନାମ ଥିଲା ଭୃକୁଟୀ। ଏହି ଦୁଇ ରାଜକନ୍ୟା ବୌଦ୍ଧ ଧର୍ମର ଅତ୍ୟନ୍ତ ଭାବୋଦୀପ୍ତ ଅନୁଗାମୀ ଥିଲେ। ଏପର୍ଯ୍ୟନ୍ତ ଏହି ଦୁଇଜଣଙ୍କୁ ତିବ୍ବତରେ ଯଥାକ୍ରମେ ଧବଳତାରା ଓ ସବୁଜତାରା ବୌଦ୍ଧଦେବୀଙ୍କର ପ୍ରକଟିତ ରୂପ ଭାବେ ସମ୍ମାନ ପ୍ରଦର୍ଶନ ସହ ପୂଜା କରାଯାଉଛି। ଏହି ନେପାଳୀ ରାଣୀ ବିବାହ ସମୟରେ ତାଙ୍କ ସାଙ୍ଗରେ ବୌଦ୍ଧ ଦେବାଦେବୀଙ୍କ ମୂର୍ତ୍ତି- ଅକ୍ଷୋଭାବଜ୍ର, ମୈତ୍ରେୟ ଓ ତାରାଙ୍କର ଚନ୍ଦନ କାଠରେ ତିଆରି ପ୍ରତିମା ଆଣିଥିଲେ। ସେହିଭଳି ଚୀନ ରାଜାଙ୍କ କନ୍ୟା ତାଙ୍କ ସହ ଭଗବାନ ବୁଦ୍ଧଙ୍କ ମୂର୍ତ୍ତିଟିଏ ନେଇ ଆସିଥିଲେ। ବୁଦ୍ଧଙ୍କ ମୂର୍ତ୍ତିକୁ ଫୁଲ୍-ସାଙ୍ଗ ମନ୍ଦିର ଓ ଅକ୍ଷୋଭାଙ୍କ ମୂର୍ତ୍ତିକୁ ରା-ମୋ-ଚେ ମନ୍ଦିରରେ ସ୍ଥାପନ କରାଯାଇଥିଲେ। ଉଭୟ ରାଣୀ ଏହି ମନ୍ଦିର ଦୁଇଟିକୁ ନିର୍ମାଣ କରାଇଥିଲେ। ତିବ୍ବତର ଲୋକମାନେ ସେ ଦୁହିଁଙ୍କୁ ନାରୀ ବୋଧିସତ୍ତ୍ୱ ଭାବେ ସମ୍ମାନ ଦେଉଥିଲେ। ଏହି ଦୁଇ ବୌଦ୍ଧରାଣୀଙ୍କ ପ୍ରଭାବରୁ ହିଁ ରାଜା ସ୍ରନ୍ ବୌଦ୍ଧ ଧର୍ମର ଜଣେ ଦୃଢ଼ ଅନୁଗାମୀ ହୋଇପାରିଥିଲେ। 'ଗ୍ରୀନ ତାରା' ବା 'ସବୁଜ ତାରା' ଏବେ ମଧ୍ୟ ନେପାଳରେ ଉଭୟ ହିନ୍ଦୁ ଓ ବୌଦ୍ଧ ସମାଜ ଦ୍ୱାରା ମାନ୍ୟ।

ରାଜା ସ୍ରନ ହୃଦୟଙ୍ଗମ କଲେ ଯେ ତିବ୍ବତରେ ଜନସାଧାରଣଙ୍କ ଆବଶ୍ୟକତା ସହ ଧାର୍ମିକ କାର୍ଯ୍ୟର ପ୍ରଚାର ପ୍ରସାର ଏବଂ ଶାସନ ତାନ୍ତ୍ରିକ ସୁବିଧା ନିମନ୍ତେ ଲିଖିତ ଭାଷା ଅପରିହାର୍ଯ୍ୟ। ଏଣୁ ତିବ୍ବତୀୟ ଉଚ୍ଚାରଣକୁ ସୁହାଇବା ପରି ଗୋଟିଏ ଭାଷା ଏବଂ ତାହା ପାଇଁ ଲିପି ପ୍ରସ୍ତୁତି ନିମିତ୍ତ ରାଜା ଥୋନ୍-ମି-ସମ୍ଭୋଟାଙ୍କ ନେତୃତ୍ୱରେ ଗୋଟିଏ ସତରଜଣିଆ ପ୍ରତିନିଧିଦଳ ଭାରତକୁ ପଠାଇଲେ। ଏହି ଦଳ ଭାରତରେ ବନାରସ, ନାଳନ୍ଦା ଓ କାଶ୍ମୀର ପ୍ରଭୃତି ସ୍ଥାନ ଭ୍ରମଣ କରିଥିଲେ କାର୍ଯ୍ୟ ସାଧନ ନିମନ୍ତେ। ଭାଷା ଓ ଲିପି ପ୍ରସ୍ତୁତି ସହ ଭାରତରେ ସଂସ୍କୃତ ଭାଷାର ଅଧ୍ୟୟନ ସହ ସେହି ମାଧ୍ୟମରେ ବିଭିନ୍ନ ଶାସ୍ତ୍ର ଓ ବିଶେଷଭାବେ ବୌଦ୍ଧ ଶାସ୍ତ୍ରମାନ ସଂଗ୍ରହ ନିମନ୍ତେ ମଧ୍ୟ ରାଜାଙ୍କ ପରାମର୍ଶ ରହିଥିଲା।(କ୍ରମଶଃ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ବୁଢ଼ା ହେଉଛି...

ହେବ ବୋଲି କୁହାଯାଉଛି। ରିପୋର୍ଟରେ କୁହାଯାଇଛି ଯେ ଦେଶରେ ଜନ୍ମହାର ହ୍ରାସ ଭବିଷ୍ୟତରେ କର୍ମଜୀବୀ ଜନସଂଖ୍ୟା ହ୍ରାସ କରିବ ଓ ନିର୍ଭରଶୀଳ ଜନସଂଖ୍ୟା ବୃଦ୍ଧି ପାଇବ। ଉତ୍ପାଦନ ଏବଂ ମୋଟ ଘରୋଇ ଉତ୍ପାଦନ (ଜିଡିପି) ଅଭିବୃଦ୍ଧି ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ। ସେହିପରି ନୀତି ଆୟୋଗର ରିପୋର୍ଟ ଅନୁସାରେ ଭାରତର ୭୫% ବୟସ୍କ କୌଣସି ନା କୌଣସି ରୋଗରେ ପୀଡିତ। ୭୦% ସେମାନଙ୍କର ମୌଳିକ ଆବଶ୍ୟକତା ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ। ଏପରି ପରିସ୍ଥିତିରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଭାରି ବୋଝ ପଡ଼ିବ। ବର୍ତ୍ତମାନ, ଭାରତରେ କେବଳ ୧୮% ବୟସ୍କ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ବୀମା ରହିଛି। ୭୮% ବୟସ୍କ କୌଣସି ପେନସନ୍ ପାଉନାହାଁନ୍ତି। ଯଦି ସରକାର ଭବିଷ୍ୟତରେ ପେନସନ୍ ଏବଂ ସାମାଜିକ କଲ୍ୟାଣ ଯୋଜନା ବୃଦ୍ଧି କରନ୍ତି, ତେବେ ଆର୍ଥିକ ନିଅଣ୍ଟର ଆଶଙ୍କା ବୃଦ୍ଧି ପାଇବ। ତେଣୁ ଆଗାମୀ ଦିନରେ ଦେଶ ଧନୀ ହେବା ପୂର୍ବରୁ ବୁଢ଼ା ହୋଇଯିବ।

## ପ୍ରେମୀଯୁଗଳଙ୍କୁ ହଳ...

ଦେଖିଥିଲେ। ଏହାକୁ ନେଇ ଗାଁ କୁଟୁମ୍ବ ବୈଠକ ବସି ଉଭୟଙ୍କୁ ପରମ୍ପରା ଅନୁସାରେ ଦଣ୍ଡ ଶୁଣାଇଥିଲେ। ଆଦିବାସୀ ପରମ୍ପରା ଓ ରୀତିନୀତି ଅନୁଯାୟୀ ଗ୍ରାମ ଧରଣୀ ଠାରେ ପୂଜାପାଠ କରିବା ପରେ ବଳଦ ସ୍ଥାନରେ ପ୍ରେମୀଯୁଗଳ ଗୋଟିଏ ପଟେ ପୁଅ ଓ ଅନ୍ୟ ପଟେ ଝିଅ କାନ୍ଧରେ ୟୁଆଳି ପକାଇ କ୍ଷେତକୁ ନେଇ ଜମି ହଳ କରିଥିଲେ। ଉଭୟଙ୍କ ଅନିଚ୍ଛା ସତ୍ତ୍ୱେ ଧମକଚମକ ଦେଇ ହଳ କରାଇଥିଲେ ଗାଁ ଲୋକେ। କେବଳ ଏତିକିରେ ସୀମିତ ନଥିଲା ଗ୍ରାମବାସୀ ତଥା ଜାତି ସମାଜର ଦଣ୍ଡ। ସେମାନଙ୍କ ଠାରୁ କିଛି ଟଙ୍କା ଆଦାୟ କରି ଗ୍ରାମ ଛାଡିବା ପାଇଁ ବାଧ୍ୟ କରିଥିଲେ। ଫଳରେ ପ୍ରେମୀଯୁଗଳ ଗ୍ରାମ ଛାଡି ଅନ୍ୟତ୍ର ଚାଲିଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଗ୍ରାମର ବିଶ୍ୱନାଥ କୃଷିକା, ୱାର୍ଡ ସଦସ୍ୟ ଶ୍ୟାମଧର ମିଣିଆକା, ପୁରନ୍ଧର ଓ ସୁବାଶିନୀ ରଣା ପ୍ରମୁଖ ପ୍ରେମୀଯୁଗଳ କିଛି ଦିନ ପାଇଁ ବାହାରେ ରହିବା ପରେ ଫେରିଆସିବେ ବୋଲି କହିଛନ୍ତି। ଏ ନେଇ ପୁଲିସରେ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡ଼ିଛି।

## ଗରିବଙ୍କୁ ଲୁଟୁଛି...

ଧନ ଅଛି, ତାହା ସ୍କାନିଂ ହୋଇଯାଇଛି। ଓଡ଼ିଶାରେ ମଧ୍ୟ ଏହା ସମ୍ଭବ ହୋଇପାରିବ। ଓଡ଼ିଶା ଲୋକ ଯେଉଁଦିନ ଏ ବିଷୟରେ ବୁଝିଯିବେ, ସେଦିନ ରାଜ୍ୟରେ କଂଗ୍ରେସ ସରକାର ହେବ ବୋଲି ରାହୁଲ କହିଛନ୍ତି। ଏହି ଅବସରରେ ରାହୁଲ ଗାନ୍ଧୀ ଡ୍ରାଇଭର ମହାସଂଘକୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି। ସରକାରଙ୍କ ଷଡଯନ୍ତ୍ରକୁ ପଣ୍ଡ କରି ଡ୍ରାଇଭର ସଂଘ କଂଗ୍ରେସ ସଭାପାଇଁ ସହଯୋଗ କରିଛି; ତେଣୁ ସେମାନଙ୍କୁ ଧନ୍ୟବାଦ ଦେବା ସହ ରାହୁଲ ସେମାନଙ୍କ ଦାବିକୁ ସମର୍ଥନ କରିଛନ୍ତି।

ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ମଧ୍ୟ ଏହି ଅବସରରେ ରାଜ୍ୟ ଓ କେନ୍ଦ୍ର ବିଜେପିକୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ସରକାର ସମୟରେ ହୋଇଥିବା ବିକାଶ କାମକୁ କେନ୍ଦ୍ର ବିଜେପି ସରକାର ବିକ୍ରି କରୁଛି। ଦେଶରେ ମୋଟ ୧୬୦ଟି କେନ୍ଦ୍ରୀୟ ସଂସ୍ଥା କଂଗ୍ରେସ ନିର୍ମାଣ କରିଛି, ସେଥିମଧ୍ୟରୁ ୨୩ଟିକୁ ମୋଦୀ ସରକାର ବିକ୍ରି କରିସାରିଛନ୍ତି। ତେଣୁ ଏହା ବିରୋଧରେ ଲଢ଼େଇ ପାଇଁ ସେ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମରେ ଦୁଇଜଣ ଦଳିତଙ୍କୁ ନର୍ଦ୍ଦମା ପାଣି ପିଆଇବା ସହ ବିଏମ୍‌ସି ଅତିରିକ୍ତ କମିସନରଙ୍କ ମାଡ଼ ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କ କଟୁ ସମାଲୋଚନା କରିଛନ୍ତି। ବିଜେପିର ଗୁଣ୍ଡାମାନେ ବାଲିଠାରୁ ଆରମ୍ଭ କରି ଖଣି ଓ ସବୁଠି କମିଶନ ଆଦାୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସମାବେଶରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସହ ଦଳର ବରିଷ୍ଠ ନେତା, ବିଧାୟକ, ସାଂସଦ ଉପସ୍ଥିତ ଥିଲେ।

ପୂର୍ବାହ୍ନରେ ରାହୁଲ୍ ଏକ ସ୍ୱତନ୍ତ୍ର ବିମାନ ଯୋଗେଁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚି ଥିଲେ ଓ ଦଳୀୟ କର୍ମୀଙ୍କ ଏକ ଶୋଭାଯାତ୍ରାରେ ବରମୁଣ୍ଡା ପଡ଼ିଆସ୍ଥିତ ସଭାସ୍ଥଳକୁ ଆସିଥିଲେ।

## ଡାକ୍ତରଙ୍କୁ ପୁଲିସର...

କରିବାକୁ ଭୟ କରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଏବଂ ପୁଲିସ ଡିଜି ଏଥିରେ ହସ୍ତକ୍ଷେପ କରିବାକୁ ଓମସା ଦାବି କରିଛି। ଏହା ସହ ତୁରନ୍ତ ସରକାର ପଦକ୍ଷେପ ଗ୍ରହଣ ନ କଲେ ଡ଼ାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛି। ଓମ୍‌ସାର ଏହି ଅଭିଯୋଗ ପରେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ପ୍ରଶାସନର ଅଙ୍ଗ ହୋଇ ପୁଲିସର ଗୁଣ୍ଡା ଆଚରଣ ଓ ଜଣେ ଡ଼ାକ୍ତରଙ୍କୁ ମାଡ଼ ଘଟଣା ରାଜ୍ୟବାସୀଙ୍କ ମନରେ କ୍ଷୋଭ ସୃଷ୍ଟି କରିଛି। ପ୍ରଶାସନରେ ବିଶୃଙ୍ଖଳା ପାଇଁ ବାରମ୍ବାର ଏପରି ଘଟଣା ଘଟୁଛି। ନିକଟରେ ଓଏଏସ ଅଧିକାରୀଙ୍କ ସମୂହ ଛୁଟିରେ ଯିବା କାରଣରୁ ରାଜ୍ୟବ୍ୟାପୀ ପ୍ରଶାସନ ଏକପ୍ରକାର ଠପ୍ ହୋଇ ଯାଇଥିଲା। ଏବେ ଡ୍ରାଇଭର ସଂଘର ଆନ୍ଦୋଳନ କାରଣରୁ ରାଜ୍ୟବ୍ୟାପୀ ସାଧାରଣ ଲୋକେ ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ସରକାର ନିରବଦ୍ରଷ୍ଟା ସାଜିବା ସହ ଏହାର ନିରାକରଣ କରୁନାହାନ୍ତି। ଏପରିସ୍ଥଳେ ଯଦି ଡାକ୍ତରମାନେ ଆନ୍ଦୋଳନକୁ ଯାଆନ୍ତି, ତାହେଲେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ଭୁଷୁଡ଼ି ପଡ଼ିବ। ତେଣୁ ରାଜ୍ୟ ସରକାର ତୁରନ୍ତ ଘଟଣାରେ ହସ୍ତକ୍ଷେପ କରି ଦାୟୀ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।

## ସଂଘ ଏକଘରକିଆ...

ଡ୍ରାଇଭରମାନେ ଏକାଠି ରହନ୍ତୁ ଓ ଆନ୍ଦୋଳନରେ ସାମିଲ ହୁଅନ୍ତୁ। ରାଜରାସ୍ତାରେ ବିଶୃଙ୍ଖଳା କିମ୍ବା ଗାଡ଼ି ଅଟକାଇଲେ ସରକାର ଆକ୍ସନ ନେଇପାରନ୍ତି। ତେଣୁ ସେମାନେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବେ ଓ ଆନ୍ଦୋଳନ ଜାରି ରଖିବେ ବୋଲି ଶ୍ରୀ ମେଣ୍ଡୁଲି କହିଛନ୍ତି। ଅପରପକ୍ଷେ ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି, ଡ୍ରାଇଭରଙ୍କ ଆନ୍ଦୋଳନ ସତ୍ତ୍ୱେ ଆମର କିଛି ଜାଗାରେ ଗାଡ଼ି ଚଳାଚଳ କରୁଛି। କୌଣସି ଜାଗାରେ ଗାଡ଼ି ଅଟକାଉ ନ ଥିବା ଡ୍ରାଇଭର ମହାସଂଘ କହୁଛି। କିନ୍ତୁ ଗତକାଲି ରାତିରେ ରାଉରକେଲାରୁ ଆସୁଥିବା ଗାଡ଼ିକୁ ଅନୁଗୁଳଠାରେ ଅଟକାଇ କାଚ ଭାଙ୍ଗି ଦିଆଯାଇଛି। ଯଦି ଆନ୍ଦୋଳନକାରୀ ଡ୍ରାଇଭର ଏହା କରିନାହାନ୍ତି ତେବେ ପୁଲିସ ଅଭିଯୁକ୍ତଙ୍କୁ ଖୋଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଦାବି କରିଛନ୍ତି ଶ୍ରୀ ସାହୁ। ସେ କହିଛନ୍ତି, ସରକାର ଡ୍ରାଇଭର ମହାସଂଘ ସହିତ ଆଲୋଚନା କରୁଛନ୍ତି। କ'ଣ ସମାଧାନ ହେଲା ତାହା ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜଣାନ୍ତୁ। ଡ୍ରାଇଭର ମହାସଂଘ ଦାବି କରୁଛି ସେମାନଙ୍କୁ ଲିଖିତ ଭାବେ ଦେଲେ ସେମାନେ ଆନ୍ଦୋଳନରୁ ଓହରିବେ। ସରକାର କାହିଁକି ଲିଖିତ ଭାବେ ଦେଉନାହାନ୍ତି ବୋଲି ଶ୍ରୀ ସାହୁ ପ୍ରଶ୍ନ କରିଛନ୍ତି। ସରକାର ଏବଂ ଡ୍ରାଇଭର ମହାସଂଘ ମଧ୍ୟରେ କାହିଁକି ଏପରି ଲୁଚକାଳି ଖେଳ ଚାଲିଛି? ଉଭୟଙ୍କ ମଧ୍ୟରେ ହେଉଥିବା ଆଲୋଚନା ସର୍ବସାଧାରଣ ଜାଣିବା ଦରକାର। ବସ୍ ଚଳାଚଳ କରୁ ନ ଥିବାରୁ ମାଲିକ ଏବଂ କର୍ମଚାରୀମାନେ ବ୍ୟସ୍ତ ହେଲେଣି। ସେମାନେ ଗାଡ଼ି ଚଳାଇବାକୁ ରାଜି ଅଛନ୍ତି। କର୍ମଚାରୀମାନଙ୍କୁ ସରକାର ସୁରକ୍ଷା ଦିଅନ୍ତୁ। ଯାତ୍ରୀଙ୍କ ସ୍ୱାର୍ଥ ପାଇଁ ଶନିବାରଠାରୁ ସାରା ରାଜ୍ୟରେ ବସ୍ ଚଳାଚଳ କରିବ ବୋଲି କହିଛନ୍ତି ସାଧାରଣ ସମ୍ପାଦକ ଶ୍ରୀ ସାହୁ।

ଚତୁର୍ଥ ଦିନରେ ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ଗମନାଗମନ ଓ ପରିବହନ ସେବା ବନ୍ଦ ରହିଛି। ରାଜ୍ୟର ସମସ୍ତ ପ୍ରମୁଖ ବସଷ୍ଟାଣ୍ଡରେ ବସ ସବୁ ଅଟକି ରହିଛି। କେବଳ ସରକାରୀ ବସ୍ ଚାଲିଥିବାରୁ ସେଥିରେ ଖଚାଖଚ ଭିଡ଼ ଦେଖିବାକୁ ମିଳିଛି। ଯାତ୍ରୀମାନେ ବହୁ ସମୟ ଅପେକ୍ଷା କରିବା ପରେ ସରକାରୀ ବସ୍‌ରେ ଯିବା ଆସିବା କରୁଛନ୍ତି। ସେହିପରି ଡ୍ରାଇଭରଙ୍କ ଆନ୍ଦୋଳନ ଯେତେ ଲମ୍ବୁଛି, ପେଟ୍ରୋଲ ଟାଙ୍କିରୁ ତେଲ ସରି ସରି ଆସୁଛି। ରାଜ୍ୟରେ ପ୍ରତିଦିନ ପ୍ରାୟ ୩୬ ଲକ୍ଷ ଲିଟର ପେଟ୍ରୋଲ ଓ ୮୫ ଲକ୍ଷ ଲିଟର ଡିଜେଲ ଦରକାର। ଏଥିପାଇଁ ଡିପୋରୁ ପ୍ରତିଦିନ ୬୦୦ ଟ୍ୟାଙ୍କର ତେଲ ବିଭିନ୍ନ ପେଟ୍ରୋଲ ପମ୍ପକୁ ଆସିଥାଏ। ସାଧାରଣତଃ ରାଜ୍ୟର ପେଟ୍ରୋଲ ପମ୍ପଗୁଡ଼ିକରେ ୪ ଦିନର ଷ୍ଟକ୍ ରହିଥାଏ। ଏବେ ସୁଦ୍ଧା ପ୍ରାୟ ୪୦୦ ଟ୍ୟାଙ୍କର ଆସୁଥିବା ସୂଚନା ରହିଛି। ଆନ୍ଦୋଳନ ଜାରି ରହିଲେ ସମସ୍ୟା ଆହୁରି ବଢିଯିବ ବୋଲି ଆଶଙ୍କା କରାଯାଉଛି। ସେପଟେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଡିଜେଲ ଏବଂ ଆବଶ୍ୟକ ସାମଗ୍ରୀ ମହଜୁଦ ଅଛି ବୋଲି କହିବା ସହ ଲୋକଙ୍କୁ ବ୍ୟସ୍ତ କି ଭୟଭୀତ ନହେବାକୁ ଯୋଗାଣ ମନ୍ତ୍ରୀ କହିଛନ୍ତି।

## ଓଡ଼ିଶାରେ ୩୦୦୦...

କରିବ ତାହା ସମସ୍ୟା ପାଲଟିଛି। ପୁଲିସ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ବଙ୍ଗଳା ଭାଷା କହୁଥିବା ଲୋକଙ୍କୁ ଉଠାଇ ନେଇ ପଚରାଉଚରା କରାଯାଉଛି। ସେମାନଙ୍କର ଆଧାରକାର୍ଡ ଏବଂ ଭୋଟରକାର୍ଡ ଅସଲି କି ନକଲି ତାହାର ଯାଞ୍ଚ କରାଯାଉଛି। ଯାଞ୍ଚ କରାଯିବା ପରେ ଅସଲ ହୋଇଥିବା ସ୍ପଷ୍ଟ ହେବା ପରେ ଜନ୍ମ ସାର୍ଟିଫିକେଟ ଏବଂ ଜମି ପଟ୍ଟା ମଗାଯାଉଛି। ବିଶେଷ କରି ଅଟକ ଥିବା ଅଧିକାଂଶ ଲୋକଙ୍କ ଘର ପଶ୍ଚିମବଙ୍ଗ ହୋଇଥିବା କହୁଛନ୍ତି। ତେଣୁ ତାଙ୍କ ଠାରୁ ଘରର ଠିକଣା ବୁଝାଯିବା ପରେ ପଶ୍ଚିମବଙ୍ଗର ପୁଲିସ ସହ ଯୋଗାଯୋଗ କରାଯାଉଛି। ଉକ୍ତ ବ୍ୟକ୍ତିଙ୍କ ଘର ପଶ୍ଚିମବଙ୍ଗ ନା ବାଂଲାଦେଶ, ତାହାର ଯାଞ୍ଚ କରାଯାଉଛି। ଏହାପରେ ଆଇନ୍ ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଉଛି। ସୂଚନାଯୋଗ୍ୟ ଯେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଏହି ୬ ଜିଲ୍ଲାରେ ଅଧିକାଂଶ ବାଂଲାଦେଶୀ ରହିଥିବା ମନେକରି ପୁଲିସ ଏହି ଜିଲ୍ଲାଗୁଡ଼ିକରେ ଯାଞ୍ଚ ପ୍ରକ୍ରିୟା ଜୋରଦାର କରିଛି। ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ସମସ୍ତ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ ସହ ସବୁ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର ବିଧାନସଭାରେ ରଖିଥିବା ତଥ୍ୟ ଅନୁସାରେ ୧ଲକ୍ଷ ୫୭ ହଜାର ୪୩୨ଜଣ ବାଂଲାଦେଶୀ ଶରଣାର୍ଥୀ ଓଡ଼ିଶାରେ ରହିଛନ୍ତି।

## ତାଲିକା ଧରି...

ମାତ୍ର ମନମୋହନ ରାଜ୍ୟ ସଭାପତି ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କର କିଛି ଅନୁଗତ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଆଶା ବାନ୍ଧି ବସିଛନ୍ତି। ସେହିପରି ୪ ଜଣ ସାଂସଦ ନିଜ ନିଜ ନିର୍ବାଚନମଣ୍ଡଳୀର ୪ ଜଣ ବିଧାୟକଙ୍କୁ ମନ୍ତ୍ରୀ କରିବାକୁ ଚାପ ସୃଷ୍ଟି ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି କରିଛି। ତେଣୁ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିମନ୍ତେ ଉଭୟ ମୋହନ-ମନମୋହନ ଦିଲ୍ଲୀ ଗସ୍ତରେ ଯାଇଥିବା କୁହାଯାଉଛି। ଉଭୟେ ଦିଲ୍ଲୀରେ ଶୀର୍ଷ ନେତୃତ୍ୱସ୍ତରୀୟ କେତେକ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏଥିରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀଙ୍କୁ ଭେଟିଥିବା କୁହାଯାଉଛି। ଅପରପକ୍ଷେ ରାଜ୍ୟ ସଭାପତି ଶ୍ରୀ ସାମଲ ମଧ୍ୟ କେତେକ ନେତାଙ୍କୁ ଭେଟିଛନ୍ତି। ଶୀର୍ଷ ନେତୃତ୍ୱଙ୍କ ସ୍ୱୀକୃତି ମିଳିଗଲେ ଚଳିତ ମାସରେ କୌଣସି ଦିନ ନୂଆ ମନ୍ତ୍ରିମଣ୍ଡଳର ସଦସ୍ୟ ଶପଥ ନେବେ।

## ହଇଜାରେ ପୁଣି...

ଯନ୍ତ୍ରଣାରେ ସେମାନଙ୍କ ମୃତ୍ୟୁ ହୋଇଥିବା ସଫେଇ ଦିଆଯାଇଥିଲା। ଏପରିକି ଶିଶୁଟିର ମୃତ୍ୟୁର କାରଣ ମଧ୍ୟ ହଇଜା ନୁହେଁ ବରଂ ବଡ଼ମୁଣ୍ଡ ଜନିତ ସଂକ୍ରମଣ ବୋଲି ବମକୋଇ ସିଏଚ୍‌ସି ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଚିସ୍ମିତା ଚୌଧୁରୀ କହିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଗ୍ରାମର ଗଣେଶ ଶବର (୨୨) ଏବଂ ସୁବାସୀ ଶବର (୨୦) ବ୍ରହ୍ମପୁର ଏମ୍‌କେସିଜିରେ ଚିକିତ୍ସାଧୀନ ଅଛନ୍ତି। ଅପରପକ୍ଷରେ ପ୍ରଶାସନର କୌଣସି ପ୍ରକାର ବିଫଳତାକୁ ପ୍ରଘଟ ନକରିବାକୁ ଗ୍ରାମରେ ତାଗିଦ କରାଯିବା ସହ ପ୍ରଘଟକାରୀଙ୍କୁ ବିଭିନ୍ନ ଯୋଜନାରୁ ବାଦ ଦିଆଯିବା ଏବଂ ସାମାଜିକ ବାସନ୍ଦ ଭୟ ଦେଖାଯାଉଥିବା ଜଣେ ବାସିନ୍ଦା ତାଙ୍କର ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏଭଳି ସଙ୍ଗୀନ ଅଭିଯୋଗର ତୁରନ୍ତ ତଦନ୍ତ କରାଯିବାର ଆବଶ୍ୟକତା ମଧ୍ୟ ରହିଛି। ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଏବଂ ବ୍ରହ୍ମପୁର ଏମ.ପି ପ୍ରତିନିଧି କେ. ହରିବନ୍ଧୁ ରେଡ୍ଡୀ ଉସ୍ତପଲି ଗ୍ରାମକୁ ଗସ୍ତକରି ମୃତକଙ୍କ ପରିବାରକୁ ଭେଟିବା ସହ ଗ୍ରାମର ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଗ୍ରାମକୁ ଉନ୍ନତ ମାନର ରାସ୍ତା ନିର୍ମାଣ ପାଇଁ ସାଂସଦଙ୍କ ହାତ ପାଣ୍ଠିରୁ ୮ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ ବୋଲି ପ୍ରତିନିଧି ଶ୍ରୀ ରେଡ୍ଡୀ କହିଛନ୍ତି।

■ ରାହୁଲଙ୍କ ଗସ୍ତ କାର୍ଯ୍ୟକ୍ରମକୁ ବିଜେପିର ସମାଲୋଚନା

# 'ସମ୍ବିଧାନ ବଞ୍ଚାଅ ନୁହେଁ; କଂଗ୍ରେସ ବଞ୍ଚାଅ ସମାବେଶ'

ଭୁବନେଶ୍ୱର, ୧୧।୭ (ସମିସ): ରାଜଧାନୀରେ ରାହୁଲ ଗାନ୍ଧୀଙ୍କ ସମାବେଶକୁ ରାଜ୍ୟ ବିଜେପି ସମାଲୋଚନା କରିଛି। ଶୁକ୍ରବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି ଯେ କଂଗ୍ରେସ ଲଗାତାର ଗଣତନ୍ତ୍ରର କଣ୍ଠରୋଧ କରିଛି। ଦେଶର ବିରୋଧୀ ଦଳ ନେତା ଓ କଂଗ୍ରେସ ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଛି। ମାତ୍ର ଏବେବି କଂଗ୍ରେସ ହତାଶା ମଧ୍ୟରେ ରହିଛି। ଏହି ଦଳ ଓଡ଼ିଶାର ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇଛି। ପ୍ରତି ନିର୍ବାଚନରେ ତାର ଭୋଟ ପ୍ରତିଶତ କମିବାରେ ଲାଗିଛି। ପ୍ରତିଦିନ କଂଗ୍ରେସ ସଂଗଠନର ଯେଉଁଭଳି ଭାବେ ନିମ୍ନଗାମୀ ହେଉଛି ସେଥିରୁ ଲାଗୁଛି, ଏହା ସମ୍ବିଧାନ ବଂଚାଅ ନୁହେଁ; ନିଜ ଅସ୍ତିତ୍ୱକୁ ରକ୍ଷା କରିବା ପାଇଁ କଂଗ୍ରେସ ବଂଚାଅ ସମାବେଶ। କଂଗ୍ରେସ ଗଣତନ୍ତ୍ର କଥା କହିବା, ନିଜେ କାଚ ଘର ମଧ୍ୟରେ ରହି ଅନ୍ୟକୁ ପଥର ଫୋପାଡିବା ସଦୃଶ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି। ଏନେଇ ଉଭୟ ପ୍ରଥମେ ଓଡ଼ିଶା ମାଟିରେ କ୍ଷମା ମାଗନ୍ତୁ ବୋଲି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଶ୍ରୀ ତିପାଠୀ କହିଛନ୍ତି ଯେ, ଏହି ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ। ୧୯୭୫ ମସିହାରେ ଇନ୍ଦିରା ଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରି ସମ୍ବିଧାନର ହତ୍ୟା କରିଥିଲେ। ସେ ସମୟରେ ୫ଥର ସମ୍ବିଧାନ ସଂଶୋଧନ କରଯାଇଛି। ୪୨ତମ ସଂଶୋଧନରେ ବିନା ଚର୍ଚ୍ଚା ଆଲୋଚନାରେ ସମ୍ବିଧାନର ମୁଖବନ୍ଧକୁ ବି ବଦଳାଇ ଦେଇଥିଲା କଂଗ୍ରେସ। ଏସବୁ କଥାକୁ ଦେଖିଲେ ଓଡ଼ିଶାରେ କଂଗ୍ରେସ ଏକ ଅସ୍ତଗାମୀ ରାଜନୈତିକ ଦଳ ଭାବେ ପ୍ରତୀୟମାନ ହେଉଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜେନ୍ଦ୍ର ପଣ୍ଡା ଓ ତପନ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରାଇଭରଙ୍କୁ ମାଡ଼ ଘଟଣାରେ ୮ ଗିରଫ

ବଲାଙ୍ଗିର, ୧୧।୭ (ସମିସ): ବଲାଙ୍ଗିର ଜିଲ୍ଲାରେ ଡ୍ରାଇଭରଙ୍କୁ ଡ୍ରାଇଭରଙ୍କ ମାଡ଼ ଘଟଣାରେ ୮ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଡ୍ରାଇଭରମାନେ ଗୁରୁବାର ପୁଇଁନ୍ତଲା ଥାନା ବଇରାସର ଟୋଲ ଗେଟ ନିକଟରେ ଜଣେ ଡ୍ରାଇଭରଙ୍କୁ ମାଡ଼ମାରି ଗୁରୁତର କରିଥିବା ପୁଇଁନ୍ତଲା ଥାନାରେ ଅଭିଯୋଗ ହୋଇଥିଲା। ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନା ବଇରାସର ଟୋଲଗେଟ୍ ନିକଟରେ ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଥିଲା। ଗୁରୁବାର ଅପରାହ୍ନରେ ସୋନପୁର ପଟୁ ବଲାଙ୍ଗିରକୁ ଏକ ଗାଡି ଆସୁଥିବା ବେଳେ ଉକ୍ତ ଗାଡିକୁ ସଂଘର ସଦସ୍ୟମାନେ ଅଟକାଇ ଥିଲେ। ଅଟକାଇବା ପରେ ଡ୍ରାଇଭର ସହ ଯୁକ୍ତିତର୍କ କରିଥିଲେ। ଏହି ସମୟରେ କିଛି ଡ୍ରାଇଭର ମିଶି ଉକ୍ତ ଗାଡ଼ିର ଡ୍ରାଇଭର ମନୋଜ ବର୍ଗଡ଼ିଙ୍କୁ ମାଡ଼ ମାରିଥିଲେ। ସେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ସେ ପୁଇଁନ୍ତଲା ଥାନାରେ ଲିଖିତ ଅଭିଯୋଗ କରି ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଇଁନ୍ତଲା ପୁଲିସ ମାମଲା ରୁଜୁ କରି ୮ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।


Government of Odisha
Office of the Superintending Engineer
Rural Works Division-I, Nabarangpur
e-mail-eerwngp@redittmail.com.

O-398

Letter No. 3987 | Date 07.07.2025

e-Procurement Notice

| | | |
|---|---|---|
| Name of the work | :- | Building Works |
| Total No of works | :- | 02 (Two) No's. |
| Approx. Estimated Cost | :- | Rs.1.69 lakhs to 12.84Lakhs |
| Class of Contractor | :- | "C" & "D" Class Contractor |
| Period of completion | :- | 02 (Two) & 04 (Four) Calender Month |

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | | 6 | |
| Rural Works Division-I, Nabarangpur | EERWNGP– Online-03/2025-26 | 02 (Two) No's. | 16.07.2025 at 10.00 AM | 23.07.2025 up to 03.00 PM | 24.07.2025 at 11.00 AM | |

For Details can be seen from the Government website www.tendersorissa.gov.in

Superintending Engineer
Rural Works Division-I, Nabarangpur

OIPR-25092/11/0018/2526



### ସର୍ବସାଧାରଣ ସୂଚନା

ଆଲିସବ୍ଲୁ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍

ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ର ସଦସ୍ୟ ଟିଏମ କୋଡ୍: 90112, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଲିମିଟେଡ୍ (ବିଏସଇ) ଟିଏମ କୋଡ୍: 6670, ମଲ୍ଟି କମୋଡିଟି ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏମସିଏକ୍ସ) ଟିଏମ କୋଡ୍: 56710, ସେବି ରେଜିଷ୍ଟ୍ରେସନ୍ ନମ୍ବର: INZ000156038 ସହିତ।

ଏତଦ୍ୱାରା ସୂଚୀତ କରାଯାଉଛି ଯେ ଆମେ ଆମର ନିମ୍ନଲିଖିତ ପ୍ରାଧିକୃତ ବ୍ୟକ୍ତି (ଏପି) ଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରିଛୁ।

| ପ୍ରାଧୀକୃତ ବ୍ୟକ୍ତିଙ୍କ ନାମ | ଏପିଙ୍କ ଟ୍ରେଡ୍ ନାମ | ପ୍ୟାନ୍ ନମ୍ବର | ଏପି ର ଠିକଣା | ଏପି ପଞ୍ଜୀକରଣ ନଂ. |
|---|---|---|---|---|
| କୋଲୁକୁଲୁ ରୁ ସ୍ୱର୍ଣ୍ଣଲଥା | କୋଲୁକୁଲୁ ରୁ ସ୍ୱର୍ଣ୍ଣଲଥା | RFLPS1449A | ହାଉସ୍ ନଂ. 85, ରାଜୁଲା ବିଧି ବଡ଼ ହନୁମାନ ପ୍ରତିମୂର୍ତ୍ତି, ଭିଟିସି ରାଜସୀତାପୁର, ପୋଷ୍ଟ ଆର ସୀତାପୁର, ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା-761211 ମୋବାଇଲ୍ ନମ୍ବର: 9390839191 ଇମେଲ୍: a1.harshavarma@gmail.com | ଏନଏସଇ ଏଫଓ ପଞ୍ଜୀକରଣ ନଂ.: AP2988011541 |

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଉପରୋକ୍ତ ପ୍ରାଧିକୃତ ବ୍ୟକ୍ତି (ଏପି) ଏହା ଲକ୍ଷ୍ୟ କରିଛନ୍ତି ଯେ ଏପି ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଠାରୁ ଆବଶ୍ୟକୀୟ ପଞ୍ଜିକରଣ ନ ନେଇ ଗ୍ରାହକମାନଙ୍କୁ ପରାମର୍ଶଦାତା କଲ୍ ଏବଂ ନିବେଶ ଟିପ୍ସ ପ୍ରଦାନ ଭଳି ପ୍ରଲୋଭିତ କାର୍ଯ୍ୟକଳାପରେ ଜଡିତ। ଏହା ନିୟାମକ ମାନଦଣ୍ଡ ଏବଂ ଆମର କମ୍ପାନୀ ନୀତିର ଉଲ୍ଲଂଘନ। ଫଳସ୍ୱରୂପ, ଆମେ ଉକ୍ତ ଏପିଙ୍କ ସହିତ ଆମର ସମ୍ପର୍କ ସମାପ୍ତ କରିଛୁ। ବର୍ତ୍ତମାନଠାରୁ ଉପରୋକ୍ତ ଏପିଙ୍କ ସହିତ କାର୍ଯ୍ୟ କରୁଥିବା ଯେକୌଣସି ବ୍ୟକ୍ତି ନିଜ ବିପଦରେ ଏହା କରିବେ।

ତାଙ୍କ ସହିତ କୌଣସି ପ୍ରକାରର କାରବାର ପାଇଁ ଆଲିସବ୍ଲୁ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଦାୟୀ ରହିବ ନାହିଁ।

କୌଣସି ପ୍ରଶ୍ନର ଉତ୍ତର ପାଇଁ, ନିବେଶକମାନଙ୍କୁ ଏହି ନୋଟିସ୍ ତାରିଖରୁ 07 ଦିନ ମଧ୍ୟରେ ଆଲିସବ୍ଲୁ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ କୁ ଇମେଲ ଆଇଡି: grievances@aliceblueindia.com ରେ ଜଣାଇବାକୁ ଅନୁରୋଧ କରାଯାଉଛି।

ଆଲିସବ୍ଲୁ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍‌ଙ୍କ ପାଇଁ
ଆର ସରଭାନନ୍
– ଅନୁପାଳନ ଅଧିକାରୀ

ସ୍ଥାନ: ବାଙ୍ଗାଲୋର
ତାରିଖ: 12-07-2025



AFFIDAVIT

I, Sapan Kumar Mohanty, aged about 61 years, S/o- Atul Mohanty, resident of At- Chhotakhanpur, Po- Badhapal, Ps- Baliapal, Dist- Balasore, Odisha, Pin- 756026 declare by this affidavit No. 1342, dtd. 10/07/2025, that now onwards I shall be known as **SAPAN MOHANTY** for all future purposes.

AFFIDAVIT

I, Shaik Abdus Salam, aged about 67 years, S/o- Shaik Karimulla, resident of At- Mojib Nagar, PO- Guji Darada, PS- Bhadrak Rural, Dist- Bhadrak, PIN- 756128, Odisha declared by this affidavit No. 1144, dtd- 11/07/2025 that now onwards I shall be known as **SK ABDUS SALAM** for all future purposes.



CAD-1081

NOTICE INVITING TENDER
Office of Chief CSO/ CSO-cum-District Managers Odisha State Civil Supplies Corporation Ltd.
District BARGARH

Tender No. for Level-II Transport Contractor for the Block/ULB & Level-I TC for biennial 2025-27:

1. Attabira Block/NAC-2895/09.07.2025
2. Bheden Block-2900/09.07.2025
3. Ambabhona Block-2894/09.07.2025
4. Bargarh Block-2896/09.07.2025
5. Barpali Block/NAC-2898/09.07.2025
6. Bhatli Block-2899/09.07.2025
7. Bijepur Block/NAC-2901/09.07.2025
8. Bargarh Municipality-2897/09.07.2025
9. Gaisilet Block-2902/09.07.2025
10. Jharbandh Block -2903/09.07.2025
11. Rajborasambar Block & Padampur-NAC -2905/09.07.2025
12. Sohela Block-2906/09.07.2025
13. Paikmal Block -2904/09.07.2025
14. Level-I TC-2893/09.07.2025

District Manager, Odisha State Civil Supplies Corporation Ltd., Bargarh invites tender in Double Cover System through **ONLINE MODE ONLY on e-procurement portal www.tendersodisha.gov.in** for the works below.

| | | |
|---|---|---|
| 1 | Name of the Work | Selection and Appointment of **Level-II** Transport Contractors for selection and appointment of Level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS) and **Level-I** for transportation of Wheat from FCI to RRC-cum-DSCs in Bargarh District for biennial 2025-27. |
| 2 | Availability of tender documents in the portal | **From Dt. 11.07.2025** |
| 3 | Last date & time for receipt of complete Tender Documents in the portal | **Dt.31.07.2025 Up to 3:00 PM** |
| 4 | Date & time for opening of Technical Bid | **Dt.01.08.2025 at 10:00 AM for Level-II Transport Contractors. Dt.01.08.2025 at 11:30 AM for Level-I Transport Contractor.** |
| 5 | Name & address of the Officer Inviting Tender | **District Manager, OSCSC Ltd., Bargarh** |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and www.bargarh.nic.in. Amendments /corrigendum/cancellation/re-tenders etc. if any shall be published only in above websites.

Chief CSO-cum-District Manager
OSCSC Ltd., Bargarh

OIPR-07036/11/0008/2526



ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

ସୁନା ନିଲାମ ବିଜ୍ଞପ୍ତି

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୦୭.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୮.୦୭.୨୦୨୫ରିଖ** ମଧ୍ୟାହ୍ନ **୧୨.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ରସୁଲଗଡ ଶାଖା, ପ୍ଲଟ୍ ନଂ.: ୩୧୮/୧୨୯୪, ଜିଜିପି କଲୋନୀ, ୟୁନିଟ୍-୩୭, ରସୁଲଗଡ, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ମାନସ ପତି, ମୋ.: ୯୦୪୦୬୧୪୯୮୦** | | |
| ୧. | **ନର୍ମଦା ପରିଡା,** ସା: ପ୍ଲଟ୍ ନଂ.: ୭୫୭, ଜିଜିପି କଲୋନୀ, ପୋଷ୍ଟ ଅଫିସ୍ ନିକଟ, ରସୁଲଗଡ, ଭୁବନେଶ୍ୱର-୭୫୧୦୨୫ / **୩୨୬୦୦୬୧୦୦୨୭୩୪୯** | ଟ.୧,୦୧,୦୦୦/- + ସୁଧ ଏବଂ ଦେୟ | ୩୩.୭୨ |
| | **ଚନ୍ଦ୍ରଶେଖରପୁର ଶାଖା, ପ୍ଲଟ୍ ନଂ.: ୨୬୨, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସନ୍ତୋଷ ସାହାଣୀ, ମୋ.: ୯୬୯୨୭୭୪୪୮୩** | | |
| ୧. | **ସଂଘମିତ୍ରା ଦାସ,** ସା: ଏଚ୍‌ଆଇଜି-୧/୧୨, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬ / **୨୫୪୩୦୬୧୦୦୧୯୪୨୯** | ଟ.୧,୬୭,୦୦୦/- + ସୁଧ ଏବଂ ଦେୟ | ୪୭.୪୦ |
| ୨. | **ସେକ୍ ଅକିଲ୍ ଫାଜା କାଦିର,** ପିତା: ସେକ୍ ଲୋକମନ କାଦିର, କ୍ୱାର୍ଟର ନଂ.: ୨ଆର୍-୨/୧, ୟୁନିଟ୍-୨, ଆଇ.ଜି.ପାର୍କ ନିକଟ, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ / **୨୫୪୩୦୬୧୦୦୨୨୩୯୯** | ଟ.୩୮,୨୮୩/- + ସୁଧ ଏବଂ ଦେୟ | ୧୨.୪୦ |
| ୩. | **ପ୍ରଦୀପ କୁମାର ମିଶ୍ର,** ସା: ପ୍ଲଟ୍ ନଂ.: ୩୨୧/୨୫୭୧/୨୫୮୬, ଏନ୍‌ଏଚ୍-୫ ନିକଟ, ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର / **୨୫୪୩୦୬୧୦୦୨୪୪୩୦** | ଟ.୧,୦୮,୦୩୪/- + ସୁଧ ଏବଂ ଦେୟ | ୨୭.୨୦ |
| | **ଦଳାଇସାହି ଶାଖା, ସା: ଦଳାଇସାହି, ପୋ: ମାଣିକ ଗୋଡା, ଭାୟା: ବୋଲଗଡ, ଖୋର୍ଦ୍ଧା - ୭୫୨୦୬୬, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ବିଶ୍ୱଜିତ୍ ସାହାଣୀ, ମୋ.: ୯୦୪୦୭୦୧୧୭୭** | | |
| ୧. | **ଦିପକ କୁମାର ମହାରଣା,** ସା: ହାଟ ସାହି, ପୋ: ମାଣିକ ଗୋଡା, ଖୋର୍ଦ୍ଧା-୭୫୨୦୬୬ / **୩୨୭୬୦୬୧୦୦୧୯୨୩୮** | ଟ.୨,୦୫,୦୦୦/- + ସୁଧ ଏବଂ ଦେୟ | ୭୦.୪୦ |
| ୨. | **ଅଶୋକ କୁମାର ବେହେରା,** ସା: କୁମୁଟି ସାହି, ପୋ: ମାଣିକ ଗୋଡା, ଖୋର୍ଦ୍ଧା-୭୫୨୦୬୬ / **୩୨୭୬୦୬୧୦୦୧୭୨୭୨** | ଟ.୧,୭୩,୦୦୦/- + ସୁଧ ଏବଂ ଦେୟ | ୬୪.୩୦ |
| | **ଡେଲାଙ୍ଗ ଶାଖା, ସା/ପୋ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ପୀତବାସ ସାମନ୍ତରାୟ, ମୋ.: ୯୬୯୨୭୮୪୨୬୦** | | |
| ୧. | **ପୂର୍ଣ୍ଣ ଚନ୍ଦ୍ର ପଲାଇ,** ପିତା: ସୁଦର୍ଶନ ପଲାଇ, ସା: ଜଗଦଳପୁର, ପୋ/ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ / **୦୮୪୩୦୬୧୦୦୩୫୬୭୨** | ଟ.୬୬,୫୭୪/- + ସୁଧ ଏବଂ ଦେୟ | ୧୫.୪୦ |
| | **ଏମ୍‌ସ ସିଜୁଆ ଶାଖା, ଏନ୍‌ଏଚ୍-୫, ସା/ପୋ: ପାତ୍ରପଡା, ଖୋର୍ଦ୍ଧା, ଓଡିଶା, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀମତୀ ଦେବସ୍ମିତା ବେହେରା, ମୋ.: ୭୭୩୫୧୪୦୬୫୦** | | |
| ୧. | **ପ୍ରଦୀପ କୁମାର ମିଶ୍ର,** ସା: ପ୍ଲଟ୍ ନଂ.: ୩୨୧/୨୫୭୧/୨୫୮୬, ଏନ୍‌ଏଚ୍-୫ ନିକଟ, ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର / **୩୧୮୪୦୬୧୦୦୨୯୨୧୩** | ଟ.୨,୬୭,୭୩୧/- + ସୁଧ ଏବଂ ଦେୟ | ୬୬.୬୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରଗୁଡ଼ିକର ଯାଞ୍ଚ କରିପାରିବେ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପୈଠ କରିବା ପରେ ଅଳଙ୍କାରଗୁଡ଼ିକ ପ୍ରଦାନ କରାଯିବ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦** ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

**ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୧.୦୭.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ



AFFIDAVIT

I, Srikant Mallick, aged about 51 years, S/o- Maheswar Mallick, resident of At- Plot No. 125/3030, Ekamra Vihar, Ebranga, PO- Old Town, PS- Air Field, Bhubaneswar, Dist- Khordha, PIN- 751002, Odisha declared by this affidavit No. 1145, dtd- 11/07/2025 that now onwards I shall be known as **SRIKANTA MALLICK** for all future purposes.

AFFIDAVIT

By virtue of an affidavit sworn before the court of Executive Magistrate, Danagadi dtd. 26.06.2025, I, Srikrishna Jena, At- Godigotha, Po.: Ollala, Ps- Jajpur Road, Jajpur, Odisha have changed my name from Krishna Jena to Srikrishna Jena. I shall be known as **Srikrishna Jena** for all the purposes.

AFFIDAVIT

I, Abani Kumar Misra, S/o- Raghunath Misra resident of At- Flat No - E71, Cosmopolish, Dumuduma,PS: Khandagiri, Bhubaneswar,Dist- Khordha, Pin- 751019, Odisha declare by this affidavit No Vol-II, SL No - 571, dtd. 10.07.2025 that now onwards my daughter **AADHITRRI** shall be known as **AADHITRRI MISHRA** for all future purposes.
Sd- Abani Kumar Misra

AFFIDAVIT

I, Abani Raghunath Mishra, S/o- Raghunath Misra resident of At- Flat No - E71, Cosmopolish, Dumuduma,PS: Khandagiri, Bhubaneswar, Dist- Khordha, Pin- 751019, Odisha declare by this affidavit No Vol-II, SL No - 572, dtd. 10.07.2025 that now onwards I shall be known as **ABANI KUMAR MISRA** for all future purposes.
Sd- Abani Kumar Misra

AFFIDAVIT

By virtue of an affidavit No.1858, dtd.11.07.2025 before the Executive Magistrate, Phulbani, I, Abhiram Digal, S/o Keti Digal, At-Malla, PO: Sadinga, PS: Phiringia, Dist: Kandhamal, Odisha-762011 have changed my name from Abraham Digal to Abhiram Digal. Henceforth, I shall be known as **Abhiram Digal** for all purposes.
Sd/-Abhiram Digal

AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 11.07.2025, I, NIRMALA MOHANTY, W/o. Purna Chandra Mohanty, Permanent resident At-Daruthenga, PS- Chandaka, Dist-Khurda, Pin- 754005, Odisha, declare that I have changed my name from NIRMALA DEI to NIRMALA MOHANTY. Henceforth, I shall be known as **NIRMALA MOHANTY** for all purposes.
NIRMALA MOHANTY

AFFIDAVIT

I, Sonia Abani Mishra, W/o- Abani Kumar Misra resident of At- Flat No - E71,Cosmopolish, Dumuduma,PS: Khandagiri, Bhubaneswar, Dist- Khordha, Pin- 751019, Odisha declare by this affidavit No Vol-II, SL No - 573, dtd. 10.07.2025 that now onwards I shall be known as **SONIA MISHRA** for all future purposes.
Sd- Sonia Mishra

AFFIDAVIT

I, C.C. Muhanty, aged about 90 years, S/o- Late Banchhanidhi Mohanty, resident of Vill/PO- Kandasar, PS- Nalconagar, Dist- Angul, PIN- 759145, Odisha declared by this affidavit No. 601, dtd- 11/07/2025 that now onwards I shall be known as **CHAITANYA CHARAN MOHANTY** for all future purposes.

AFFIDAVIT

I, Om Prakash Mundra, aged about 79 years, S/o- Late Chhaganmal Mundra, resident of Aditi Chanda Royal, Flat No. 301 & 302, Plot No. 1266/2308, Govind Prasad, Rasulgarh, Bhubaneswar, PIN-751010, Odisha declared by this affidavit No. 95/2025, dtd- 07/05/2025 that now onwards I shall be known as **OM PRAKASH MAHESHWARI** for all future purposes.

## ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

# ହୋଇପାରୁନି ଆବଶ୍ୟକୀୟ ପରୀକ୍ଷା; ରୋଗୀ ହନ୍ତସନ୍ତ

ରାଜକନିକା,୧୧।୭ (ସମିସ)




ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟ ସମସ୍ୟା ଟାଳିବାକୁ ସବୁ ଭିତ୍ତିଭୂମିର ବିକାଶ ହୋଇଥିବା ସରକାରୀ ଘୋଷଣାନାମା ଓ ବାସ୍ତବତାକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗିବ। ସରକାରୀ କାଗଜପତ୍ରରେ ବିକାଶର ନକ୍ସା ଆଙ୍କି କେବଳ ରଙ୍ଗ ଲଗାଇ ଓ କିଛି ଲାଇଟ ଜଳାଇଥିବା ବ୍ୟବସ୍ଥାକୁ ଆଖିଦୃଶିଆ କରିଦେଲେ ପ୍ରକୃତ ବିକାଶ ହୋଇ ନ ଥାଏ, ତାହା ରାଜକନିକା ମେଡ଼ିକାଲର ନିଦାନ ବିଭାଗକୁ ଦେଖିଲେ ସ୍ପଷ୍ଟ ହୋଇଯିବ। ନିୟମ ଅନୁଯାୟୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଆସୁଥିବା ରୋଗୀଙ୍କ ଭିଡ଼ ଅନୁସାରେ ଏଠାରେ ମୋଟ ୪ ଜଣ ଏଲଟି ରହିବା ଜାଗାରେ ମାତ୍ର ଦୁଇଜଣ ରହିଛନ୍ତି। ଆବଶ୍ୟକ କମ୍ପ୍ୟୁଟର,ଟେଷ୍ଟିଂ ୟୁନିଟ, କେମିକାଲ ଆଦି ନ ଥିବା ଦର୍ଶାଇ ପ୍ରତିଦିନ ବହୁ ରୋଗୀଙ୍କୁ ନିଦାନ ବିଭାଗ ବାହାରୁ ପରୀକ୍ଷା କରାଇ ନେବାକୁ କହିବା ଆମ ବ୍ୟବସ୍ଥାର ବାସ୍ତବତାକୁ ପଦାରେ ପକାଇଛି।

ବର୍ତ୍ତମାନ ସଂକ୍ରମଣ ଋତୁରେ ବିବିଧ ସ୍ୱାସ୍ଥ୍ୟ ସମସ୍ୟା ବଢୁଥିବାବେଳେ ନିଦାନ ବିଭାଗ ନିଜର ଅସମର୍ଥ୍ୟ ପ୍ରକାଶ କରି ରୋଗୀଙ୍କୁ ବାହାରେ ପରୀକ୍ଷା କରାଇବାକୁ କହିବା ବେଶ ଶୋଷଣ କରିବାର ବାଟ ଫିଟାଇଛି। ସବୁ ପରୀକ୍ଷା ମାଗଣାରେ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିସରର ନିଦାନ ବିଭାଗରେ କରିବାର କାନ୍ଥରେ ଲିଖିତ ଘୋଷଣାନାମାକୁ ରାଜକନିକା ମେଡିକାଲରେ ଦଳି ମକଚି ଦିଆଯାଉଥିବା ସମ୍ପର୍କରେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ନିଦାନ ବିଭାଗର ନିୟମ ଏଠାରେ ପାଳନ କରା ନ ଯାଇ ସାଧାରଣ ରୋଗୀଙ୍କୁ ବାହାରେ ଘରୋଇ ପାଥୋଲବକୁ ପଠାଇ ଶୋଷଣ କରାଯିବା ସମ୍ପର୍କରେ ସିଡିଏମଓ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଆରଏସ୍ଏସ୍ ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ



କୁଜଙ୍ଗ,୧୧।୭ (ସମିସ): ବ୍ୟାସ ପୂର୍ଣ୍ଣିମା ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଙ୍କପାଳ ଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶିକ୍ଷକ ଶୁବ୍ରମନ୍ୟୁ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କୁଜଙ୍ଗ ଖଣ୍ଡ କାର୍ଯ୍ୟବାହ ବିପିନ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନର ଉଦ୍ଦେଶ୍ୟ କହିବା ସହ ଗୋପିନାଥଜୀଉ ଶାଖାର ଏହି ଆୟୋଜନକୁ ପ୍ରଶଂସା କରିଥିଲେ। ସଂଘର ଗୁରୁ ମାନୁଥିବା ଗୈରିକ ଧ୍ୱଜାକୁ ସ୍ୱୟଂସେବକ ପୂଜା କରିଥିଲେ। ବରିଷ୍ଠ ସ୍ୱୟଂସେବକ ବିଭୂତି ଭୂଷଣ ଦାସ ସମସ୍ତ ସ୍ୱୟଂସେବକଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରାର୍ଥନା ପ୍ରମୁଖ ଶୁଭ୍ରାଂଶୁ ପାତ୍ର, ବରିଷ୍ଠ ସ୍ୱୟଂସେବକ କୃଷ୍ଣ ପ୍ରସନ୍ନ ଦାସ, ସ୍ଥାନୀୟ ଗୁରୁଜୀ ଦେବ ନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଶାସନର ନୋଟିସ୍

# ୨୨ରେ ଓଳାଭର ବଜାର ଜବରଦଖଲ ଉଚ୍ଛେଦ

ରାଜକନିକା/ଓଳାଭର,୧୧।୭ (ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାର ବ୍ୟସ୍ତବହୁଳ ଓଳାଭର ବଜାରରୁ ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ସର୍ବସାଧାରଣରେ ନୋଟିସ ଜାରି ହୋଇଛି। ଏହି ନୋଟିସ ମାଧ୍ୟମରେ ଜବରଦଖଲକାରୀ ଯଦି ଆସନ୍ତା ୨୧ ତାରିଖ ସୁଦ୍ଧା ସେମାନଙ୍କ ଅବରୋଧ ନ ହଟାନ୍ତି, ତେବେ ୨୨ ତାରିଖ ଦିନ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ହେବା ନେଇ ସୂଚନା ଦିଆଯାଇଛି।

ସକାଳୁ ରାତି ଦଶଟା ଯାଏ କଣ୍ଡିଆଠାରୁ ଜୟନଗର, ଏପଟେ ହାବଳଗଣ୍ଡରୁ ବଳରାମପୁର ଯାଏ ବହୁ ପଞ୍ଚାୟତର ହଜାର ହଜାର ଲୋକ ଏହି ବଜାର ଉପରେ ନିର୍ଭର କରି ଦୈନିକ ଭିଡ଼ ଲଗାଇଥା'ନ୍ତି। ଗାଁରୁ ଗାଁକୁ ମୋ ବସ ସେବା ଥିବାରୁ ଏହି ବଜାର ଦେଇ ବସ୍ ଯିବା ଅସମ୍ଭବ ହୋଇପଡୁଛି। ଦୈନିକ କନିକା ତହସିଲ, ବ୍ଲକ, ମେଡିକାଲ୍, ବ୍ୟାଙ୍କକୁ ମୋ ବସ୍ ଚଳାଚଳ କରିଛି। ତେବେ ଓଳାଭର ବଜାରରେ ମୋ' ବସ୍ ଅଟକି ରହେ। ତାରିଣୀ ଛକରୁ ପାଟ୍ଟୁଳୀକୁ ଯିବା ଆସିବାରେ ପ୍ରତିବନ୍ଧକ ଥିବାବେଳେ ଉଭୟ ପଟ ଜବରଦଖଲ ହଟାଯିବାକୁ ଓଳାଭର ବଣିକ ସଂଘ, ଯୁବକ ସଂଘ, ବହୁ ପଞ୍ଚାୟତର ସରପଞ୍ଚ, ପୂର୍ବତନ ସରପଞ୍ଚ ଓ ବହୁ ବ୍ୟବସାୟୀ ଲିଖିତ ଭାବେ ସ୍ଥାନୀୟ ତହସିଲକୁ ଜଣାଇଥିଲେ। ପରେ ସରକାରଙ୍କ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟାରେ ଥିବା ଆଇନଗତ ପଦକ୍ଷେପ ନେଇ ମାପ କରିବା ପୂର୍ବରୁ ବଜାର ଓ ଅବରୋଧକାରୀଙ୍କୁ ଆଗୁଆ ନୋଟିସ ଦେଇ ମାପ ଚୂଡ଼ାନ୍ତ କରିଥିଲେ। ପରେ ଆଇନ ମୁତାବକ ଖ-ଫର୍ମ ଦେଇ ସ୍ୱଇଚ୍ଛାରେ ଜବରଦଖଲରେ ଥିବା ବ୍ୟବସାୟୀଙ୍କୁ ନିର୍ଦ୍ଦିଷ୍ଟ ତାରିଖ ଦେଇଥିଲେ। ତହସିଲଦାର ତଥା ଲୋକାଲ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଜବରଦଖଲ ମୁକ୍ତ କରି ନ ଥିବାରୁ ଜିଲ୍ଲା ଏଡିଏମ (ରାଜସ୍ୱ) ରବିନାରାୟଣ ମଲିକଙ୍କ ତାଗିଦ୍ ପରେ ଆଜି ଶେଷ ତାଗିଦ ମହଲତ ଦିଆଯାଇଛି। ଯଦି ଅବରୋଧକାରୀ ଆସନ୍ତା ୨୧ ସୁଦ୍ଧା ଜବରଦଖଲ ନିଜେ ନ ହଟାଇଲେ ୨୨ ତାରିଖରେ ଉଚ୍ଛେଦ କରିବା ପାଇଁ ଆଜି ଲଟକା ଜାରି ହୋଇଛି। ଏହି ନୋଟିସ ମିଳିବା ପରେ ସାଧାରଣରେ ବଜାର ଉଚ୍ଛେଦ ନେଇ ଆଶ୍ୱସ୍ତି ପ୍ରକାଶ ପାଇଛି।

## ଟ୍ରାକ୍ଟର ଓଲଟି ଚାଳକ ମୃତ

ରାଜନଗର,୧୧।୭ (ସମିସ): ରାଜନଗର ବ୍ଲକ୍ ବ୍ରାହ୍ମଣସାହି ପଞ୍ଚାୟତର ବଡ଼ନାଉକଣା ଗ୍ରାମରେ ଟ୍ରାକ୍ଟର ଓଲଟି ପଡିବାରୁ ଚାଳକଙ୍କ ମୃତ୍ୟୁ ହୋଇଛି। ଗ୍ରାମର ରବୀନ୍ଦ୍ର ପଡିହାରୀଙ୍କ ପୁଅ ବିଶ୍ୱନାଥ (୩୬) ଗୁରୁବାର ବିଲରେ ହଳ କରିବା ପରେ ସନ୍ଧ୍ୟାରେ ରାସ୍ତା ଉପରକୁ ଟ୍ରାକ୍ଟର ଉଠାଉଥିବା ସମୟରେ ଟ୍ରାକ୍ଟର ଓଲଟିପଡ଼ିଥିଲା। ଟ୍ରାକ୍ଟର ତଳେ ରହିଯାଇଥିବା ବିଶ୍ୱନାଥଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

● ଦଳିତ ସାହି ଢଳେଇ ରାସ୍ତା କାମରେ ତ୍ରୁଟି

## ଘର ଆଗରେ ଜମୁଛି ବର୍ଷା ପାଣି



ପଞ୍ଚୁପାଣ୍ଡବ,୧୧।୭ (ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ଦଳିତ ସାହି ଢଳେଇ ରାସ୍ତାରେ ଜମୁଛି ବର୍ଷା ପାଣି। ଏହି ଢଳେଇ ରାସ୍ତା ପ୍ରାୟ ୯ ବର୍ଷ ହେବ ହୋଇଥିବାବେଳେ ରାସ୍ତାକୁ ଉଚ୍ଚ କରିବା ବଦଳରେ ଖାଲ କରିଦିଆଯାଇଥିବାରୁ ବର୍ଷା ପାଣି ଜମି ରହିଥିବା ଅଭିଯୋଗ ହେଉଛି। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଠିକାଦାର ମନଇଚ୍ଛା କାମ କରିଛନ୍ତି। ଫଳରେ ଲୋକମାନେ ବିଭିନ୍ନ ପ୍ରକାରର ସମସ୍ୟା ଭୋଗୁଛନ୍ତି। ଏହି ଢଳେଇ ରାସ୍ତାର ଚାରିପଟ ଉଚ୍ଚ ଓ ଘର ଦ୍ୱାର ମୁହଁରେ ଖାଲ ହୋଇଥିବାରୁ ଅସରାଏ ବର୍ଷା ହେଲେ ପାଣି ଜମି ରହି ଦୁର୍ଗନ୍ଧ ବାହାରୁଛି। ଏଥିପାଇଁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏହି ଦଳିତ ସାହି ନିକଟରେ ଥିବା ଏକ ନଳକୂପ ଅଚଳ ଅବସ୍ଥାରେ ରହିଥିବାବେଳେ ସେଠାରେ ମଧ୍ୟ ପାଣି ଜମି ରହି ଦୁର୍ଗନ୍ଧ ବାହାରୁଥିବା ଦେଖିବାକୁ ମିଳୁଛି। ଏ ବିଷୟରେ ସାହିର ଲୋକେ ସ୍ଥାନୀୟ ସରପଞ୍ଚଙ୍କଠାରୁ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କରୁ ନ ଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ରାସ୍ତା ଓ ନଳକୂପ ସମସ୍ୟା ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭକ୍ତି ପରିବାର ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ



କୁଜଙ୍ଗ,୧୧।୭ (ସମିସ): ଭକ୍ତି ପରିବାର ସମଗୋଳ, କଟକ ଓ ଏରଡା ପକ୍ଷରୁ ଶ୍ରଦ୍ଧା ଓ ଭକ୍ତିର ସହ ଗୁରୁପୂର୍ଣ୍ଣିମା ଉତ୍ସବ ଓ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭକ୍ତି ବାବାଙ୍କ ନିଜ ପୈତୃକ ଗ୍ରାମ ଏରସମାର ଏରଡାଠାରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହ ଭକ୍ତି ବାବାଙ୍କ ସାଧନା, ସ୍ୱଧାୟ ଓ ମାନବର ଉଚ୍ଚତର ଉତ୍ତରଣ ପାଇଁ ଯୋଗାଉଥିବା ଆଧ୍ୟାତ୍ମିକ ସେବା କାର୍ଯ୍ୟ ବିଷୟରେ ଭକ୍ତମାନେ କୃତଜ୍ଞତା ଦେବା ସହ ଭଜନ ଓ ଜପ ଆଦି କରିଥିଲେ। ଶେଷରେ ଭକ୍ତି ବାବା ଆଶୀର୍ବଚନ ଦେବା ସହ ଗାୟତ୍ରୀ ଜପ ସବୁଠାରୁ ମହାନ ସାଧନା ବୋଲି କହିଥିଲେ।

## 'ଅନନ୍ତା' ଚଳଚ୍ଚିତ୍ର ଦେଖିଲେ ଡିଏଭି ଛାତ୍ରଛାତ୍ରୀ




ପାରାଦୀପ, ୧୧।୭ (ସମିସ): ଓଡ଼ିଶା ଜୋନ୍‌ର ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ ପାରାଦୀପ ପୋର୍ଟ ଡିଏଭି ସ୍କୁଲ ଅଧ୍ୟକ୍ଷା ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଓଡ଼ିଆ ସିନେମା "ଅନନ୍ତା' ଦେଖିଛନ୍ତି। ଛାତ୍ରଛାତ୍ରୀ ଏହି ଚଳଚ୍ଚିତ୍ରରୁ ତତ୍କାଳୀନ ସମାଜର ସାମାଜିକ ଜୀବନ ଶୈଳୀ ସମ୍ବନ୍ଧରେ ଅବଗତ ହୋଇଛନ୍ତି। ଆମେ ଯାହାଙ୍କୁ ଅଯୋଗ୍ୟ ଓ ଅଦରକାରୀ ବୋଲି ଭାବିଥା'ନ୍ତି, ସେ ସମୟାନୁକ୍ରମେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥା'ନ୍ତି। ଛାତ୍ରଛାତ୍ରୀ ତାହା ଏହି ଚଳଚ୍ଚିତ୍ରରୁ ଶିକ୍ଷାଲାଭ କରିଛନ୍ତି। ଏହି ଚଳଚ୍ଚିତ୍ର ଦେଖିବା ପରେ ଛାତ୍ରଛାତ୍ରୀଙ୍କ ମନରେ ଏକ ସାମାଜିକ ଭାବନା ଜାଗ୍ରତ ହେବା ସହ ସମାଜରେ ସାମାଜିକ ଜୀବନ ଶୈଳୀକୁ କିଭଳି ପ୍ରଭାବିତ କରିଛି, ତାହା ଶିକ୍ଷାଲାଭ କରିଥିଲେ।

## ଗୁରୁପୂର୍ଣ୍ଣିମାରେ ଅକ୍ଷୟ ଭଜନାମୃତ ଆଲବମ୍ ଉନ୍ମୋଚିତ




କେନ୍ଦ୍ରାପଡ଼ା,୧୧।୭ (ସମିସ)

ବାରୁଅସ୍ଥ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଓ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଗୁରୁପୂର୍ଣ୍ଣିମା ମହାସମାରୋହରେ ପାଳିତ ହୋଇଯାଇଛି। ଏ ଅବସରରେ ଲୋକକବି ଭାବଗ୍ରାହୀ ପରିଡାଙ୍କ ପତ୍ନୀ ସରୋଜିନୀ ପରିଡାଙ୍କ ଜୟନ୍ତୀ ଉତ୍ସବ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥ ମୁଖ୍ୟଅତିଥି, ପଣ୍ଡିତ ପଦ୍ମନାଭ ଦାଶ ମୁଖ୍ୟବକ୍ତା, ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ଉପଦେଷ୍ଟା ତଥା ବିଶିଷ୍ଟ ତବଲା ଗୁରୁ ସମୀରଞ୍ଜନ ଦାସ, ସତୀର୍ଥର ସଭାପତି କବି ଅମର ରାଉତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗୁରୁ ପୂର୍ଣ୍ଣିମା ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ସରୋଜିନୀ ପରିଡାଙ୍କ ସ୍ମୃତିଚାରଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆରମ୍ଭରେ ଭଗବାନ ବ୍ୟାସଦେବ, ବିଶ୍ୱଗୁରୁ ଶ୍ରୀକୃଷ୍ଣ, ଦେବ ଦେବ ମହାଦେବ, ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ଶିବାନନ୍ଦ ସରସ୍ୱତୀ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ଧ୍ୟାନାନନ୍ଦ ସରସ୍ୱତୀ, ସଦ୍‌ଗୁରୁ ସାଇନାଥ ମହାରାଜ, ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି, ଭଜନ ସମ୍ରାଟ ଭିକାରୀ ବଳ, ଲୋକ କବି ଭାବଗ୍ରାହୀ ପରିଡା ଓ କବି ପତ୍ନୀ ସରୋଜିନୀ ପରିଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଗୀତିକାର ବିମଳ ପରିଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିରୁପମା ଜେନା ସ୍ୱାଗତ ସଙ୍ଗୀତ କ୍ରମରେ ଗୁରୁ ବନ୍ଦନା ଓ ସରୋଜିନୀଙ୍କ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାଇଥିଲେ। ପରେ ଅକ୍ଷୟ ମହାନ୍ତିଙ୍କ ପାଞ୍ଚଟି କାଳଜୟୀ ଭଜନ ଓ ଭଜନ ସମ୍ରାଟ ଭିକାରୀ ବଳଙ୍କ ଗୋଟିଏ ଭଜନକୁ ନେଇ ଭାବଗ୍ରାହୀ କଳା ନିକେତନ ଓ ରେଡ଼ିଓ ଭାବଗ୍ରାହୀ ନିବେଦିତ ଭକ୍ତି ସଙ୍ଗୀତ ଆଲବମ୍ ଅକ୍ଷୟ ଭଜନାମୃତ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ନୃତ୍ୟଗୁରୁ ପ୍ରକାନ୍ତ ମହାରଣା, ନାଟ୍ୟକାର ଭୀମସେନ ପ୍ରଧାନ, କଣ୍ଠଶିଳ୍ପୀ ରାମଚନ୍ଦ୍ର ମଲିକ, ଅଙ୍କିତା ପରିଡା, ଅର୍ଚ୍ଚନା ପରିଡା, ରୂପାଲି ସୂତାର, ଶିକ୍ଷକ ବିଜୟ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରବଚକ ବିକ୍ରମ କେଶରୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷ୍ମୀନାରାୟଣପୁରରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ'



ଡେରାବିଶ,୧୧।୭ (ସମିସ): ଡେରାବିଶ ବ୍ଲକ୍ ଅଧୀନସ୍ଥ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ କାର୍ଯ୍ୟାଳୟରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲ ପ୍ରଶାସନ ଗ୍ରାମାଞ୍ଚଳରେ ପହଞ୍ଚି ତହସିଲର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଥିଲେ। ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ତହସିଲଦାର ଭାସ୍କର ବେହେରା ଓ ରାଜସ୍ୱ ପରିଦର୍ଶକ ମାନସ ନାଥ ଉପସ୍ଥିତ ରହି ବଳଭଦ୍ରପୁର ରାଜସ୍ୱ ସର୍କଲ ଅଧୀନସ୍ଥ ୭୫ ଜଣ ହିତାଧିକାରୀଙ୍କୁ ପଟ୍ଟା ସଂଶୋଧନ, ବନ୍ଦୋବସ୍ତ ପଟ୍ଟା, ଇ-ପାଉତି ମାଧ୍ୟମରେ ରାଜସ୍ୱ ପୈଠ ଓ ବହୁ ହିତାଧିକାରୀଙ୍କ ଜାତିଗତ ପ୍ରମାଣପତ୍ର ସମେତ ଅନ୍ୟାନ୍ୟ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମିତିସଭ୍ୟ ଫନିନ୍ଦ୍ର ବେହେରା, ବଳଭଦ୍ରପୁର ରାଜସ୍ୱ ନିରୀକ୍ଷକ ଲକ୍ଷ୍ମଣ ବେହେରାଙ୍କ ସମେତ ତହସିଲ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

କୁଜଙ୍ଗ,୧୧।୭ (ସମିସ): ଢିଙ୍କିଆ ପଞ୍ଚାୟତର ମାହାଳ ଗ୍ରାମ ନିକଟସ୍ଥ ସମୁଦ୍ର ବେଳାଭୂମିରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ବିଜେପି ନେତା ସତ୍ୟସାରଥୀ ମହାନ୍ତି ଯୋଗଦେଇ ଚାରାରୋପଣ କରିଥିଲେ। ଢିଙ୍କିଆ ପଞ୍ଚାୟତ ସମୁଦ୍ରକୂଳିଆ ହୋଇଥିବାରୁ ସୁନାମି ଓ ବାତ୍ୟା ଦାଉରୁ ରକ୍ଷା ପାଇବା ପାଁଇ ସମସ୍ତେ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଗଛ ଲଗାଇବା ଆବଶ୍ୟକ। କମ୍ପାନୀ ଏରିଆ ଭିତରେ ଯେତିକି ଗଛଥିବ ତାକୁ କାଟିବା ବଦଳରେ ଅଧିକ ଗଛ କ୍ୟାମ୍ପନୀ ଲଗାଇବାକୁ ବାଧ୍ୟ। ତିନି ପଞ୍ଚାୟତର ଜନସାଧାରଣ କିପରି ସୁବିଧା ପାଇବେ ସେଥିପାଇଁ ସେ ଗୁରୁତ୍ୱ ଦେବେ। ଏହି କାର୍ଯ୍ୟକ୍ରମରେ ବାଲିତୁଠ ମଣ୍ଡଳ ସଭାପତି ବିକ୍ରମଜିତ ସାମନ୍ତରାୟ, ଜଗତସିଂହପୁର ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ସୁଶାନ୍ତ ସ୍ୱାଇଁ, ଜିଲ୍ଲା କୋଷାଧ୍ୟକ୍ଷ ନିଲିପ୍ତ ଜେନା, ଏରସମା ମଣ୍ଡଳ ସଭାପତି ଅମରେନ୍ଦ୍ର ଦଲାଇ, ବାଲିତୁଠ ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁସୟା ଲେଙ୍କା, ଢିଙ୍କିଆ ପଞ୍ଚାୟତ ପ୍ରମୁଖ ଦିଲ୍ଲୀପ ବର୍ଦ୍ଧନ, ବଳେଇପୁର ପଞ୍ଚାୟତ ପ୍ରମୁଖ ରମେଶ ଚନ୍ଦ୍ର ରାଉତ, ଚଟୁଆ ପଞ୍ଚାୟତ ପ୍ରମୁଖ ବିପିନ ନାୟକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

## ଗୁରୁପୂର୍ଣ୍ଣିମାରେ ଅନନ୍ତବଳିଆ ସେବା ସଂଘ ପକ୍ଷରୁ ଚାରାରୋପଣ

ନାଉଗାଁ,୧୧।୭ (ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଶିଖରଘାଟ ନିକଟରେ ଥିବା ଅନନ୍ତ ବଳିଆ ସେବା ସଂଘ ପକ୍ଷରୁ ଗୁରୁପୁର୍ଣମା ଉପଲକ୍ଷେ ଆଶ୍ରମର ସମସ୍ତ ଗୁରୁଭାଇ ଗୁରୁ ଭଉଣୀଙ୍କ ପକ୍ଷରୁ ଆଶ୍ରମ ନିକଟରେ ଚାରାରୋପଣ କରାଯାଇଛି। ନଡ଼ିଆ, ପିଜୁଳି, ଆମ୍ବ, ତାଳ, ଲେମ୍ବୁ, ସପେଟା ବୃକ୍ଷ ଚାରା ରୋପଣ ହୋଇଛି। ପ୍ରତିବର୍ଷ ଏହି ଆଶ୍ରମ ପକ୍ଷରୁ ଗୁରୁପୂର୍ଣ୍ଣିମାରେ ବୃକ୍ଷ ରୋପଣ କରାଯାଇଥାଏ। ଏ ବର୍ଷ ମଧ୍ୟ ଅନୁରୂପ ଭାବେ କରାଯାଇଛି। ଆଶ୍ରମରେ ପଦ୍ମଶ୍ରୀ ବାବା ବଳିଆଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ ପରେ ଉକ୍ତ ଆଶ୍ରମର ମାତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାବାଙ୍କ ଆଶ୍ରିତ ଅକ୍ଷୟ ଲେଙ୍କା, ଜୁନ ଭାଇ, କୁନା ଭାଇ, ଭାଗୁ ଭାଇ, ନରେଶ ଭାଇ, ବ୍ରହ୍ମାନନ୍ଦ ଭାଇ, ଛନା ଭାଇ, ଲକ୍ଷ୍ମୀଧର ଭାଇ, ରନୁଆ ଭାଇ, ଜାପୁ ଭାଇ, ରୀନା ଅପା, ରିତା ଅପା, ରିନା ଭାଉଜ ପ୍ରମୁଖ ସହଯୋଗ କରିଥିଲେ।



## କିଡ୍‌ନୀ ରୋଗରେ ପୀଡ଼ିତ ସତ୍ୟଜିତ

# ଚିକିତ୍ସା ପାଇଁ ଅର୍ଥ ଅଭାବ, ସହାୟତା ନିବେଦନ

ଆଳି,୧୧।୭ (ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅନ୍ତର୍ଗତ କଳସପୁର ଗ୍ରାମର ଶତ୍ରୁଘ୍ନ ପାଣ୍ଡବଙ୍କ ରୋଜଗାରକ୍ଷମ ପୁଅ ସତ୍ୟଜିତ(୪୨) କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଅସହାୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ତାଙ୍କର ଦୁଇଟି କିଡ୍‌ନୀ ୮୫ ପ୍ରତିଶତ ଖରାପ ହୋଇଯାଇଛି। ଚିକିତ୍ସା ପାଇଁ ଅର୍ଥ ଅଭାବ। ସହାୟତା ପାଇଁ ତାଙ୍କ ପରିବାର ନିବେଦନ କରିଛନ୍ତି।

ସୂଚନା ମୁତାବକ, ସତ୍ୟଜିତ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ସେ ଚେନ୍ନାଇରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। କାମ କରୁଥିବା ସମୟରେ ହଠାତ ଅସୁସ୍ଥତା ଅନୁଭବ କରିବାରୁ ଚେନ୍ନାଇରେ ଡାକ୍ତରଙ୍କ ପରାମର୍ଶ କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ କିଛିଦିନ ଔଷଧ ଖାଇଥିଲେ। ଦିନକୁ ଦିନ ଅଧିକ ଦେହ ଅସୁସ୍ଥତା ଅନୁଭବ କରିବା ପରେ ସେ ଘରକୁ ଆସି କଟକ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କର ସମସ୍ତ ପରୀକ୍ଷା କରିବା ପରେ ତାଙ୍କର ଦୁଇଟି କିଡ୍‌ନୀର ୮୫ ପ୍ରତିଶତରୁ ଅଧିକ ଖରାପ ଥିବା ଜଣାଇଥିଲେ। ପରେ ସତ୍ୟଜିତଙ୍କ ଚିକିତ୍ସା ଆରମ୍ଭ କରାଇ ସପ୍ତାହକୁ ୨ ଥର ଡାଏଲସିସ କରିବାକୁ ପରାମର୍ଶ ଦେଇଥିଲେ। ସେଠାରେ ଚାରିଥର ଡାଏଲସିସ କରାଇବା ପରେ ତାଙ୍କୁ ପଟ୍ଟାମୁଣ୍ଡାଇର ଏକ ଘରୋଇ ଚିକିତ୍ସାଳୟରେ ଡାଏଲସିସ କରାଇବାକୁ କହିଥିଲେ। ସତ୍ୟଜିତ ଥରକୁ ପାଖାପାଖି ୩ ହଜାର ଟଙ୍କା ଓ ମାସକୁ ପ୍ରାୟ ୨୪ ହଜାର ଟଙ୍କା ଖର୍ଚ୍ଚ କରି ଆଜିକୁ ତିନି ମାସ ହେବ ଡାଏଲସିସ କରାଉଛନ୍ତି। ଗତ ସପ୍ତାହରେ ସତ୍ୟଜିତଙ୍କୁ ଭୁବନେଶ୍ୱରସ୍ଥ ଏମ୍‌ସ ହସ୍ପିଟାଲକୁ ଅଧିକ ଚିକିତ୍ସା ପାଇଁ ପଠାଯାଇଥିଲା। ଡାକ୍ତର ତାଙ୍କୁ ସେଠାରେ ପୁନର୍ବାର ସମସ୍ତ ପରୀକ୍ଷା କରିବା ପରେ ତାଙ୍କର କିଡ୍‌ନୀ ପ୍ରତ୍ୟାରୋପଣ ପାଇଁ ପରାମର୍ଶ ଦେଇଥିଲେ। କିଡ୍‌ନୀ ପ୍ରତ୍ୟାରୋପଣ ପାଇଁ ୪୦ରୁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ଜାଣି ସମ୍ପୂର୍ଣ୍ଣ ପରିବାର ଏବେ ଚିନ୍ତାରେ ମ୍ରିୟମାଣ ହୋଇପଡିଛନ୍ତି। ଖବର ପାଇ ପ୍ରଥମେ ଆଳି ନମୌଜାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଦେବ ଦାସ ସେବା ସଂସ୍ଥା, ଆଳି ପତ୍ରପୁର ଅଞ୍ଚଳର ସତ୍ୟନାରାୟଣ ସେବା ଟ୍ରଷ୍ଟ, ନମୌଜା କଳଦିଆ ଗ୍ରାମର ପ୍ରାକ୍ତନ ରିଜର୍ଭ ବ୍ୟାଙ୍କ ଅଧିକାରୀ ଚକ୍ରଧର ଦାଶ ଓ ବିଏମ ହେଲପିଂ ହ୍ୟାଣ୍ଡ ବଡ଼ମଙ୍ଗ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲେ। ଏହି ଆର୍ଥିକ ସହାୟତା ସତ୍ୟଜିତଙ୍କ ଚିକିତ୍ସା ପାଇଁ ସମୁଦ୍ରକୁ ଶଙ୍ଖେ। ଫଳରେ ଗ୍ରାମବାସୀଙ୍କ ସହ ସତ୍ୟଜିତଙ୍କ ପରିବାର ସରକାରୀ ଓ ବେସରକାରୀ ସଂସ୍ଥା, ଟ୍ରଷ୍ଟ ନିକଟରେ ସହାୟତା ଲୋଡିଛନ୍ତି। ତତସହିତ କିଛି ସରକାରୀ ସାହାଯ୍ୟ ନିମିତ୍ତ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ଏ ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ନେଇ ମୁଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବି।



### ଉନ୍ନୟନମୂଳକ କାମରେ ଶାସକଦଳ କର୍ମୀଙ୍କ ହସ୍ତକ୍ଷେପର ପ୍ରତିବାଦ

# ଜିଲ୍ଲାପାଳଙ୍କୁ ଦାବି ଜଣାଇଲେ ନିର୍ବାଚିତ ଜନପ୍ରତିନିଧି

ଜଗତସିଂହପୁର,୧୧।୭ (ସମିସ)



ଜଗତସିଂହପୁର ଜିଲ୍ଲାର ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ଉନ୍ନୟନ କାର୍ଯ୍ୟରେ ବାଧକ ସାଜିଛନ୍ତି ଶାସକଦଳର ନେତା ଓ କର୍ମୀ। ଏପରିକି ଗତ ବିଧାନସଭା ନିର୍ବାଚନରେ ଏଠାରୁ ପ୍ରାର୍ଥୀ ହୋଇଥିବା ଶାସକ ଦଳର ନେତା ଓ ତାଙ୍କ ଭଉଣୀ ଯିଏକି ନିର୍ବାଚନମଣ୍ଡଳୀର ଭୋଟର ନୁହଁନ୍ତି, ବାଲିକୁଦା ଓ ଏରସମା ବ୍ଲକ୍‌ର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଥିବା ଅଭିଯୋଗ କରିଛନ୍ତି ଉଭୟ ବ୍ଲକ୍‌ର ନିର୍ବାଚିତ ଜନପ୍ରତିନିଧି। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ ନେତୃତ୍ୱରେ ଉଭୟ ବ୍ଲକ୍‌ର ଜନପ୍ରତିନିଧି ଗୁରୁବାର ଜିଲ୍ଲାପାଳ ଜେ.ସୋନାଲଙ୍କୁ ଭେଟି ଏ ସଂପର୍କରେ ଆଲୋଚନା କରିବା ସହ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ତୁରନ୍ତ ସମୁଚିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଦାବି ଜଣାଇଛନ୍ତି। ଅନ୍ୟଥା ନିର୍ବାଚନମଣ୍ଡଳୀର ବିକାଶ, ଜନପ୍ରତିନିଧିଙ୍କ ଅଧିକାର ଓ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସେମାନଙ୍କ ଅଭିଯୋଗ ଅନୁସାରେ ଉଭୟ ବ୍ଲକ୍‌ର ଅଧିକାରୀଙ୍କୁ ସିଧାସଳଖ ଓ ଫୋନ ମାଧ୍ୟମରେ ଶାସକଦଳର ନେତା ଓ କର୍ମୀ ଧମକ ଦେଉଛନ୍ତି। ଗତ ୭ ତାରିଖରେ ଶାସକଦଳର କର୍ମୀ ବାଲିକୁଦା ବ୍ଲକ୍‌ର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ବଦଳି ପାଇଁ ଧମକ ଦେଇଥିଲେ। ଏହାର ପରଦିନ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ବଦଳି ଆଦେଶ ବାହାରିଥିଲା। ଏଭଳି କାର୍ଯ୍ୟ ଜଗତସିଂହପୁର ଜିଲ୍ଲା ପ୍ରଶାସନର ନିରପେକ୍ଷତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଅଯଥା ହସ୍ତକ୍ଷେପ ପଞ୍ଚାୟତିରାଜ ଅନୁଷ୍ଠାନ ଓ ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ଓ ସମ୍ମାନ କ୍ଷୁର୍ଣ୍ଣ କରୁଛି। ସେହିପରି ନିର୍ବାଚିତ ପ୍ରତିନିଧିଙ୍କୁ ଗୌଣ କରି ଉଭୟ ବ୍ଲକ୍‌ର ପ୍ରଶାସନ ଅଣନିର୍ବାଚିତ ପ୍ରତିନିଧିଙ୍କୁ ଗୁରୁତ୍ୱ ଦେବା ଗଣତନ୍ତ୍ର ଓ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଶୁଭଙ୍କର ନୁହେଁ ବୋଲି ଉକ୍ତ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପ୍ରତ୍ୟେକ କାର୍ଯ୍ୟରେ ଶାସକଦଳର ନେତା ଓ କର୍ମୀଙ୍କ ମାତ୍ରାଧିକ ହସ୍ତକ୍ଷେପ ଯୋଗୁ ବ୍ଲକ୍‌ର ଅଧିକାରୀ ସଠିକ୍ ଢଙ୍ଗରେ କାମ କରିବା ସମ୍ଭବ ହେଉନାହିଁ। ଫଳରେ ସାଧାରଣ ଲୋକ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ତେଣୁ ଜିଲ୍ଲା ପ୍ରଶାସନର ମୁଖ୍ୟ ଭାବେ ଜିଲ୍ଲାପାଳ ସମସ୍ତ ବିଷୟକୁ ଗୁରୁତ୍ୱର ସହିତ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏହି ଅଭିଯୋଗପତ୍ର ମାଧ୍ୟମରେ ଦାବି କରାଯାଇଛି। ବିଧାୟକ ଶ୍ରୀ ଜେନାଙ୍କ ନେତୃତ୍ୱରେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ଉପାଧ୍ୟକ୍ଷ ପ୍ରିୟମ୍ବଦା ପଲାଉର, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଉପାଧ୍ୟକ୍ଷ ବିକାଶ ପରିଡ଼ା, ଜିଲ୍ଲା ପରିଷଦ ସଦସ୍ୟ ପାତବାସ ଗୋଛାୟତ, ପ୍ରଣବ ସ୍ୱାଇଁ, ଡଲି ପଣ୍ଡା, ରାଣୀ ଟୁଡୁ, ଜଟାଧାରୀ ଦାସଙ୍କ ସମେତ ଉଭୟ ବ୍ଲକ୍‌ର ନିର୍ବାଚିତ ଜନପ୍ରତିନିଧି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**ସମାଧାନ ନହେଲେ ଆନ୍ଦୋଳନ ଧମକ**

## ପ୍ରଫୁଲ୍ଲ ପାଠାଗାରରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ




ଜଗତସିଂହପୁର,୧୧।୭ (ସମିସ): ଜନସଂଖ୍ୟା କୌଣସି ଦେଶର ପରିସମ୍ପଦ ବୋଲି ବିବେଚନା କରାଯାଏ। ଏହି ଜନସଂଖ୍ୟା ଏକ ନିର୍ଦ୍ଦିଷ୍ଟ ସୀମା ଅତିକ୍ରମ କରିଗଲେ, ତାହା ସେହି ଦେଶ ପାଇଁ ବୋଝ ହୋଇଥାଏ। ୧୯୮୭ରେ ବିଶ୍ୱ ଜନସଂଖ୍ୟା ୫୦୦ କୋଟିରେ ପହଞ୍ଚିବା ପରେ ମିଳିତ ଜାତିସଂଘ ନିଷ୍ପତ୍ତି ଅନୁଯାୟୀ ୧୯୮୯ ଠାରୁ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ଭାବେ ପାଳନ କରାଯାଇଆସୁଥିବା ସ୍ଥାନୀୟ ପୁରୁଣାଗଡସ୍ଥ ପ୍ରଫୁଲ ପାଠାଗାରରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ଅତିଥିମାନେ ମତପୋଷଣ କରିଛନ୍ତି। ପାଠାଗାରର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ତଥା ଜାତୀୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇ ଚଳିତ ବର୍ଷର ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେବା ସହ ଲିଙ୍ଗଗତ ସମାନତା, ପରିବାର ନିୟୋଜନ ଓ ଜନସଚେତନତା ସୃଷ୍ଟି କରିବା ହେଉଛି ବିଶ୍ୱ ଜନସଂଖ୍ୟା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଜନସଂଖ୍ୟା ବୃଦ୍ଧିର କାରଣ, ପରିଣାମ ଓ ନିରାକରଣ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିବା ସହିତ ଏ ଦିଗରେ ବ୍ୟାପକ ସଚେତନତା ଲୋଡ଼ା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସତ୍ୟବାଦୀ ଦାସ, ସତ୍ୟବାଦୀ ସାହୁ, ଶ୍ରୁତକୀର୍ତ୍ତି ମିଶ୍ର, ପ୍ରତାପ ରାଉତରାୟ, ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଜୟ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ସୁରବାଳା ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କୁଜଙ୍ଗ,୧୧।୭ (ସମିସ): କୁଜଙ୍ଗ ବ୍ଲକ୍ ପାଟପୁର ପଞ୍ଚାୟତର ବଉଳାଙ୍ଗସ୍ଥ ସୁରବାଳା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରମୋଦ ସାମନ୍ତରାୟ ଓ କର୍ମଚାରୀ ନିତ୍ୟାନନ୍ଦ ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୌରାଙ୍ଗ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବର୍ଷିୟାନ ଶିକ୍ଷାବିତ୍ ନିଶାକର ମୁଦୁଲି, ମୁଖ୍ୟବକ୍ତା ରୂପେ ନାଟ୍ୟ ନିର୍ଦ୍ଦେଶକ ତଥା ମାର୍କଣ୍ଡ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ଦିଲୀପ ସ୍ୱାଇଁ, ସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ବଂଶୀଧର ନାୟକ, କେଶବ ଦାଶ, ଓଷ୍ଟା ସଂଘ ନେତା ସୁବାସ ଦାସ, କ୍ରୀଡ଼ା ଶିକ୍ଷକ ସଂଘ ସମ୍ପାଦକ ରଶ୍ମିକାନ୍ତ ଦାସ, ପ୍ରସନ୍ନ ପଟ୍ଟନାୟକ, ଜିଲାନାସୀ ହାଇସ୍କୁଲ ପ୍ରଧାନଶିକ୍ଷକ ଭଜନାନନ୍ଦ ବେହେରା, ପରିଚାଳନା ସମିତି ସଦସ୍ୟ ସୁକାନ୍ତ ନାୟକ, ପ୍ରିୟରାଜ ମହାନ୍ତି, ସାଗର ସ୍ୱାଇଁ, ବିଦ୍ୟାଳୟର ପ୍ରାକ୍ତନ ସଭାପତି ପ୍ରହଲ୍ଲାଦ ସ୍ୱାଇଁ, ବୈରାଗୀ ସ୍ୱାଇଁ, ଗୀତାଞ୍ଜଳି ତରାଇ ପ୍ରମୁଖ ଯୋଗଦେଇ ଦୁଇ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହିନ୍ଦୀ ଶିକ୍ଷକ ପ୍ରଦୀପ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜ୍ଞାନ ଶିକ୍ଷକ ନୃସିଂହ ଚରଣ ବହାଲିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଜନସଂଖ୍ୟା ସ୍ଥିରତା ପକ୍ଷ ସଚେତନତା ସଭା

ଜଗତସିଂହପୁର,୧୧।୭ (ସମିସ): ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ ଉପଲକ୍ଷେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜେନ୍ଦ୍ର ପାଣିଗ୍ରାହୀ ପରିବାର ନିୟୋଜନ ପାଇଁ ମନପସନ୍ଦର ପଦ୍ଧତି ବାସ୍କେଟକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ଓପିଡି ସମ୍ମୁଖରେ ଉନ୍ମୋଚନ କରିଥିଲେ। ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରତିବର୍ଷ ବିଶ୍ୱ ଜନସଂଖ୍ୟା ଦିବସର ଦୁଇଟି ପକ୍ଷ ଯଥା ବିଶ୍ୱ ଜନସଂଖ୍ୟା ସଚେତନତା ପକ୍ଷ ଜୁନ ୨୭ରୁ ଆରମ୍ଭ ହୋଇ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥାଏ। ଏଥିରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହୋଇଥାଏ। ହିତାଧିକାରୀଙ୍କ ସୁବିଧା ମୁତାବକ ସ୍ଥାୟୀ କିମ୍ବା ଅସ୍ଥାୟୀ ପଦ୍ଧତି ଗ୍ରହଣ କରିବାପାଇଁ ବୁଝାଯାଇଥାଏ। ସେହିପରି ଜୁଲାଇ ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ କରାଯାଏ।



ଏଥିରେ ଉଭୟ ପୁରୁଷ ଓ ମହିଳାଙ୍କ ଜନସଂଖ୍ୟା ସ୍ଥିରତାର ସ୍ଥାୟୀ ପଦ୍ଧତି ପାଇଁ ଅପରେସନ ପ୍ରୋଗ୍ରାମ କରାଯାଇଥାଏ। ସ୍ଥାୟୀ ପଦ୍ଧତି ପାଇଁ ଲାପ୍ରୋସ୍କୋପିକ ଓ ମିନିଲାପ (ମହିଳାଙ୍କ ପାଇଁ) ଓ ପୁରୁଷ ବନ୍ଧ୍ୟାକରଣ (ଏନଏସଭି) ବିନା ଛୁରୀରେ ଅପରେସନ କରାଯାଇଥାଏ। ଏହାଛଡ଼ା ନିଜ ପସନ୍ଦର ଅନେକ ଅସ୍ଥାୟୀ ପଦ୍ଧତି ନେବାର ବ୍ୟବସ୍ଥା କରାଯାଇଥଏ। ଏହି ସଭାରେ ଚଳିତ ବର୍ଷର ସ୍ଲୋଗାନ 'ମା ହେବାର ବୟସ ଠିକ୍ ଯେତେବେଳେ ଶରୀର ଓ ମନର ପ୍ରସ୍ତୁତି ସଠିକ' ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ ବାରିକ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ର ପାଲ, ଜିଲ୍ଲା ଆକାଉଣ୍ଟାଣ୍ଟ ମ୍ୟାନେଜର ନୀଳମାଧବ ରଥ, ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା, ଭାରପ୍ରାପ୍ତ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁବ୍ରତ ମହାପାତ୍ର, ହସ୍ପିଟାଲ ମ୍ୟାନେଜର ସସ୍ମିତା ସାହୁ, ଆରଏମଏନସିଏଚ କାଉନସେଲର ସୁସ୍ମିତା ରାଉତ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଗୋ-ଚାଷୀଙ୍କ ପରଲୋକ

କୁଜଙ୍ଗ,୧୧।୭ (ସମିସ): ପଙ୍କପାଳ ପଞ୍ଚାୟତର ପହଣା ଗ୍ରାମର ମୂଳନିବାସୀ ଅଧୁନା ବଣୀକୁନ୍ଦ ଗ୍ରାମର ଅଗ୍ରଣୀ ଗୋ-ଚାଷୀ ସୁବାସ ଚନ୍ଦ୍ର ନାୟକଙ୍କ ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ୩୦ ଊର୍ଦ୍ଧ୍ୱ ଗାଈ ସହ ବିରାଟ ଘାସ ଓ ଗାଈ ଫାର୍ମ କରିଥିବା ସୁବାସ ଜଣେ ଓମ୍ଫେଡ ଦୁଗ୍ଧ ସଂଗ୍ରହକାରୀ। ସେ ଜଗତସିହପୁରରେ ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ଯାଇଥିବାବେଳେ ମସ୍ତିଷ୍କାଘାତର ଶିକାର ହୋଇ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଜଗତସିଂପୁର ଜିଲ୍ଲା ମେଡିକାଲ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁଶଯ୍ୟାରେ ନିକଟରେ ପତ୍ନୀ ପୁଷ୍ପଲତା, ତିନି ଭାଇ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପରଲୋକରେ ଗ୍ରାମ ମୁରବି ବିଷ୍ଣୁଚରଣ ପଟ୍ଟନାୟକ, ରବୀନ୍ଦ୍ର ସାହାଣୀ, ଭଗବାନ ନାୟକ, ୱାର୍ଡସଭ୍ୟ ଅକ୍ଷୟ ଦାସ, ଅକ୍ଷୟ ସାହୁ, ତାପସ ସାହାଣୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## କଲେଜ ଅଧକ୍ଷାଙ୍କ ଅଶାଳୀନ ବ୍ୟବହାର ପ୍ରତିବାଦରେ କର୍ମଚାରୀ ସଂଘର ଧାରଣା

ଜଗତସିଂହପୁର,୧୧।୭ (ସମିସ): ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏସଭିଏମ୍ କଲେଜର ଜଣେ କର୍ମଚାରୀଙ୍କୁ ଅଧକ୍ଷାଙ୍କ ଅଶାଳୀନ ବ୍ୟବହାର ପ୍ରତିବାଦରେ କର୍ମଚାରୀ ସଙ୍ଘ ପକ୍ଷରୁ କଲେଜ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। କଲେଜର ଜଣେ କର୍ମଚାରୀଙ୍କୁ ଅଧକ୍ଷା ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସମ୍ପର୍କରେ ସମ୍ପୃକ୍ତ କର୍ମଚାରୀ ସଂଘ ନିକଟରେ ଲିଖିତ ଅଭିଯୋଗ କରିଥିଲେ।



ସଂଘର ନିଷ୍ପତ୍ତି କ୍ରମେ ଆଜି କଲେଜର ସମସ୍ତ କର୍ମଚାରୀ ଏକତ୍ରିତ ହୋଇ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ କଲେଜ ଅଧକ୍ଷା ଅଭିଯୋଗରେ ସତ୍ୟତା ନ ଥିବା କହିଛନ୍ତି। ଖବର ପାଇ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଗୁଆଳିପୁର ପଞ୍ଚାୟତରେ ଟ୍ରେଡିଂ ବିଜିନେସ ଆଳରେ ଲୁଟ୍

● ରଘୁନାଥପୁର ଥାନା ଘେରିଲେ ଶତାଧିକ ମହିଳା



ରଘୁନାଥପୁର,୧୧।୭ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅଧୀନ ଗୁଆଳିପୁର ପଞ୍ଚାୟତର ମହିଳା ଦଲାଲଙ୍କ ଦ୍ୱାରା ଲୁଟର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି ଲୁଟ୍‌ର ଶିକାର ହୋଇଥିବା ମହିଳା ରଘୁନାଥପୁର ଥାନା ଘେରଉ କରିଥିବା ଜଣାପଡ଼ିଛି। ୨୦୨୩ରେ ଉକ୍ତ ପଞ୍ଚାୟତର କିଛି ଦଲାଲ ବର୍ତ୍ତୀ, ରାଧାନଗର ପାଟେଣିଗାଁ, କୃର୍ତ୍ତାଙ୍ଗ ଗ୍ରାମର ମହିଳାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଟ୍ରେଡିଂ ବିଜିନେସ ଆଳରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଙ୍କୁ ଡକାଇ ମହିଳାଙ୍କ ନାମରେ ଋଣ କରାଇ ଟଙ୍କାକୁ ନେବା ସହିତ ମହିଳାଙ୍କ ସଞ୍ଚିତ ଟଙ୍କାକୁ ମଧ ଲୁଟିନେଇଛନ୍ତି। ମହିଳାମାନେ ପ୍ରଲୋଭନରେ ପଡି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଉକ୍ତ ମହିଳା କିଛିମାସ ପୂର୍ବରୁ ଥାନାର ଦ୍ୱାରସ୍ଥ ହୋଇଥିଲେ ହେଁ ଦେଇଥିବା ଟଙ୍କା ଫେରି ପାଇନାହାନ୍ତି। ଅପରପକ୍ଷେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କିସ୍ତି ପାଇଁ ମହିଳାଙ୍କ ଘରେ ପହଞ୍ଚି ଜୁଲମ କରୁଥିବାରୁ ପରିବାର ମଧ୍ୟରେ ଅଶାନ୍ତି ଲାଗି ରହୁଛି। ହତାଶ ହୋଇ ଶତାଧିକ ମହିଳା ଶୁକ୍ରବାର ରଘୁନାଥପୁର ଥାନାକୁ ଘେରିଥିବା ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ଜଣେ ଠିକାଦାର ଏହି ଲୁଟ୍‌ର ମୁଖ୍ୟ କାର୍ପଟଦାର। ସେ ଏହି ଅର୍ଥକୁ ଠିକା କାମରେ ଲଗାଇଥିବା ଚର୍ଚ୍ଚା ହେଉଛି। ରଘୁନାଥପୁର ଅଞ୍ଚଳରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଛତୁ ଫୁଟିଲା ପରି ମୁଣ୍ଡ ଟେକୁଥିବାରୁ ଗ୍ରାମାଞ୍ଚଳର ସାଧାରଣ ଗରିବ ଖଟିଖିଆ ପରିବାର ଏମାନଙ୍କ ଜାଲରେ ପଡି ଋଣ ଭାର ସମ୍ଭାଳି ନ ପାରି ସର୍ବସ୍ୱାନ୍ତ ହେଉଛନ୍ତି। ସରକାର ଏମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ମହାନଦୀରେ ବନ୍ୟା; ଚାଷଜମି ଜଳମଗ୍ନ

କୁଜଙ୍ଗ,୧୧।୭ (ସମିସ): ହୀରାକୁଦ ଜଳଭଣ୍ଡାର ଫାଟକ ଖୋଲିବା ପରେ ଚଳିତ ବର୍ଷ ପ୍ରଥମ କରି ବନ୍ୟା ଜଳ ପ୍ରବେଶ କରି ମହାନଦୀ ଫୁଲିବା ସହ କୂଳ ଲଂଘିବା ଆରମ୍ଭ କରିଛି।



ଯାହାକୁ ନେଇ ନଦୀକୂଳିଆ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ପରିବା ଚାଷୀ ଓ ଗୋପାଳକ ଆତଙ୍କିତ ହୋଇପଡିଛନ୍ତି। ୧୦ଟି ପଞ୍ଚାୟତ କାଠକୋଟ, ହଂସୁରା, ବଡବାଲିକଣି ଓ ଜିଲ୍ଲାନାଶି ପଞ୍ଚାୟତ ସମ୍ପୂର୍ଣ୍ଣ ଧୋଇଆ ଅଞ୍ଚଳ ହୋଇଥିବାବେଳେ ତାଳପଡା, ସାଇଲୋ, ମହ୍ଲାସାହି, କୁଜଙ୍ଗ, ଭୂତାମୁଣ୍ଡାଇ ଓ ନୂଆଗଡ ପଞ୍ଚାୟତ ଆଂଶିକ ବନ୍ୟା ପ୍ଳାବିତ ହୁଏ। ଯଦି ମହାନଦୀର ଜଳସ୍ତର ବୃଦ୍ଧି ପାଇ କ୍ଷେତରେ ପ୍ରବେଶ କରେ କୋଟି କୋଟି ଟଙ୍କାର ପରିବା ଚାଷ ନଷ୍ଟ ହେବା ସାଙ୍ଗକୁ ଗୃହପାଳିତ ପଶୁ ଚାରଣ ଭୂଇଁ ନ ପାଇ ହନ୍ତସନ୍ତ ହେବେ। ପଙ୍କପାଳରେ ଶିବ ସାହୁଙ୍କ ଅମୃତ ଭଣ୍ଡା ଉଜୁଡ଼ି ଯାଇଥିବାବେଳେ ବଡ଼ପାଳର କୁଞ୍ଜ ମଲ୍ଲ ଓ ଶତାଧିକ ଚାଷୀଙ୍କ ଏକର ଏକର ପରିବା ଫସଲ ଉଜୁଡୁ ଯାଉଛି।

## ବଳରାମପୁର ପଞ୍ଚାୟତରେ ବିଜେପିର କର୍ମୀ ସମ୍ମିଳନୀ

ଜଗତସିଂହପୁର,୧୧।୭ (ସମିସ): ବଳରାମପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଜେପିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଥିବାବେଳେ ଲିଙ୍ଗରାଜ ଲେଙ୍କା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସଭାପତି ସୁଧୀର ସ୍ୱାଇଁ, ବଳରାମପୁର ସରପଞ୍ଚ ଅଞ୍ଜନ ସାମଲ, ନିରୋଦ ସାହୁ, ଲିଙ୍ଗରାଜ ମହାନ୍ତି, ସମୀର ଲେଙ୍କା, ସମୀର ସାହାଣୀ, ତୋଫାନ ମହାନ୍ତି, ବିଷ୍ଣୁ ସେଠୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଏ ଅବସରରେ ଅନ୍ୟ ଦଳର ନେତା ବିଜେପିରେ ସାମିଲ ହୋଇଥିଲେ। ଜଗତସିଂହପୁର ବିଧାୟକ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।

● ଆଇଓସିଏଲରେ ଶ୍ରମିକଙ୍କ ମୃତ୍ୟୁ ଘଟଣା

## ଫାଟକ ସମ୍ମୁଖରେ ପରିବାର ଓ ଗ୍ରାମବାସୀଙ୍କ ଧାରଣା

ପାରାଦୀପ, ୧୧।୭ (ସମିସ): ଆଇଓସିଏଲ କାରଖାନା ମଧ୍ୟରୁ ଗତକାଲି ସନ୍ଧ୍ୟାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଥିଲା। ମୃତ ଯୁବକ କେନ୍ଦ୍ରାପଡ଼ା ଜିଲ୍ଲା ପାଟ୍ଟଳିପଙ୍କ ଗ୍ରାମର ଅକ୍ଷୟ ଦାସଙ୍କ ପୁଅ ଉଲ୍ଲାସ ଦାସ (୪୫)। ଏ ନେଇ ପରିବାର ଲୋକେ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। କ୍ଷତିପୂରଣ ଦାବିରେ ଆଜି ସକାଳ ୭ଟାରୁ ଆଇଓସିଏଲ ଫାଟକ ସମ୍ମୁଖରେ ପରିବାର, ଗ୍ରାମବାସୀ ଓ ସାଥି କର୍ମଚାରୀଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା। ଫଳରେ ଆଇଓସିଏଲର ୨ଟି ଗେଟ୍ ୬ ଘଣ୍ଟା ଧରି ବନ୍ଦ ହୋଇଯାଇଥିଲା। କମ୍ପାନୀ ଭିତରକୁ ଯାତାୟାତ ଠପ୍ ହୋଇଯାଇଥିଲା। ତେବେ କାରଖାନା ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମୃତ ଯୁବକ ଆଇଓସିଏଲ କମ୍ପାନୀର ଠିକା ସଂସ୍ଥା ଅପରେସନାଲ ଏନର୍ଜି ଗ୍ରୁପ ଇଣ୍ଡିଆ ଲିଃରେ ଇଲେକ୍ଟ୍ରି ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ସେ ଡ୍ୟୁଟିକୁ ଆସିଥିଲେ। ମାତ୍ର ରାତିରେ କାମ କରୁଥିବା ସାଇଡ୍‌ରେ ତାଙ୍କର ମୃତଦେହ ଝୁଲୁଥିବା ଦେଖି ଥାନାକୁ ଜଣାଇଥିଲେ।



### ହତ୍ୟା ଅଭିଯୋଗ ଆଣିଲେ ପରିବାର, ପ୍ରତିଶ୍ରୁତି ପରେ ହଟିଲା ଧାରଣା

ଅଭୟଚାନ୍ଦପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଆଜି ସକାଳୁ ପରିବାର ଲୋକେ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ଯେଉଁଠାରୁ ଉଲ୍ଲାସଙ୍କ ମୃତଦେହ ଠାବ କରାଯାଇଛି ସେଠାକୁ ଏକୁଟିଆ କେହି ଯାଆନ୍ତି ନାହିଁ। ତେଣୁ ତାଙ୍କର କରେଣ୍ଟ ଲାଗି ମୃତ୍ୟୁ ହୋଇଛି କିମ୍ବା ତାଙ୍କୁ ମାରି କେହି ଟାଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଆଇଓସିଏଲରେ ତାଙ୍କ ପତ୍ନୀଙ୍କୁ ଚାକିରି ଦାବି କରିଥିଲେ। ପାରାଦୀପ ଏଡିଏମ ନିରଞ୍ଜନ ବେହେରା, ଆଡିସିନାଲ ଏସପି ସ୍ମୃତିରଞ୍ଜନ କର, ଆଇଓସିଲ ଏଚଆର ମ୍ୟାନେଜର ଧର୍ମେଶ ଚୌଧୁରୀ ଓ ଅନ୍ୟ ଅଧିକାରୀ, ଅଭୟଚାନ୍ଦପୁର ଥାନା ଆଇଆଇସି ସମୀର ରାଉତ ପହଞ୍ଚି କ୍ଷତିପୂରଣ ବାବଦକୁ ୫ ଲକ୍ଷ, ସ୍ତ୍ରୀକୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଓ ଦୁଇ ପିଲାଙ୍କ ପାଠପଢ଼ାର ସମସ୍ତ ଖର୍ଚ୍ଚ ଆଇଓସିଏଲ କର୍ତ୍ତୃପକ୍ଷ ବହନ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ୪ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥାନ ନିରୂପଣ

ଜଗତସିଂହପୁର/ତିର୍ତ୍ତୋଲ,୧୧।୭ (ସମିସ): ଜଗତସିଂହପୁର ସହରରେ ପ୍ରତିଷ୍ଠା ହେବ ୩ ଜଣ ଦିବଙ୍ଗତ ରାଜନେତା ଓ ଏ ମାଟିର ଗୌରବ ସାରଳା ଦାସଙ୍କ ପ୍ରତିମୂର୍ତ୍ତି। ଏଥିପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଚୂଡ଼ାନ୍ତ କରାଯାଇଛି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀ, ଜଗତସିଂହପୁର ଜିଲ୍ଲା ପ୍ରତିଷ୍ଠାର ମୁଖ୍ୟ ବିନ୍ଧାଣି ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସ, କାଳଜୟୀ ସିଦ୍ଧ ସାଧକ ଆଦିକବି ସାରଳା ଦାସ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରଶାସନିକ ଜାଗା ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ସହିତ ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା, ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କାମଦେବ ଦାସ ଓ ସହକାରୀ ଯନ୍ତ୍ରୀ ଶୁଭ୍ରଜିତ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ଜାଗା ଚିହ୍ନଟ କରାଯାଇଛି। ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ଜଗତସିଂହପୁର ସଦର ମହାକୁମାର ଡାକବଙ୍ଗଳା ଛକ ନିକଟରେ ଥିବା ପାର୍କରେ ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତି, ବଙ୍ଗଳା ଛକ କେନାଲ ଉପରେ ନୂତନ ବକ୍ସ କଲଭର୍ଟ ନିର୍ମାଣ କରାଯାଇ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି, କଲେଜ ଛକରେ ଜଗତସିଂହପୁର ଜିଲ୍ଲା ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସଙ୍କ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଓ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏଥିସହିତ ୧୦ ନମ୍ବର ମୁଖ୍ୟ ରାସ୍ତା ଉପରେ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା ୱାଟର ରେଗୁଲେଟରକୁ ମୁଖ୍ୟ ରାସ୍ତାରୁ ସ୍ଥାନାନ୍ତର ପାଇଁ ଜଗତସିଂହପୁର ବିଧାୟକ ଶ୍ରୀ ଦାସ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପୌର ପରିଷଦ ପ୍ରତିନିଧି ସୁଶାନ୍ତ ରଞ୍ଜନ ସ୍ୱାଇଁ, ବରିଷ୍ଠ ବିଜେପି ନେତା ଶ୍ରୀକାନ୍ତ ଚୌଧୁରୀ, କାଉନସିଲର ଦେବାଶିଷ ସ୍ୱାଇଁ, ସମୀର ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।




### ପ୍ରତିଶ୍ରୁତି ପାଳନ କଲେନି ବ୍ଲକ୍ ଶିକ୍ଷାଧିକାରୀ

# କୂଳସାହି ପ୍ରାଥମିକ ବିଦ୍ୟାଳୟରେ ପୁଣି ପଡ଼ିଲା ତାଲା

ବାଲିକୁଦା,୧୧।୭ (ସମିସ)

ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତର କୂଳସାହି ପ୍ରାଥମିକ ବିଦ୍ୟାଳୟରେ ୨ଦିନ ଧରି ପୁଣି ତାଲା ପକାଇଛନ୍ତି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ। ଏପରିକି ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱମ୍ବର ମଲ୍ଲିକ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହେବାରୁ ଗ୍ରାମବାସୀ ଓ ପରିଚାଳନା କମିଟି ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ସପ୍ତାହେ ତଳେ ଉକ୍ତ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଶିକ୍ଷକ ମାନସ ଦାସଙ୍କୁ ବ୍ଲକ ଶିକ୍ଷାଧିକାରୀ ଅନ୍ୟତ୍ର ବଦଳି କରିଥିଲେ। ଏହାର କାରଣ ଦର୍ଶାଇବାକୁ ଯାଇ ବିଦ୍ୟାଳୟରେ ୨୪ ପିଲା ଥିବାରୁ ୩ ଜଣ ଶିକ୍ଷକଙ୍କ ଆବଶ୍ୟକ ନ ଥିବା ଦର୍ଶାଇଥିଲେ। ଏହି ବଦଳିକୁ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀ ବିରୋଧ କରିବା ସହ ଶିକ୍ଷକ ମାନସ ସାହୁଙ୍କ ପରିବର୍ତ୍ତେ ଅନ୍ୟ ଶିକ୍ଷକଙ୍କୁ ବଦଳି ଦାବିରେ ବିଦ୍ୟାଳୟରେ ତାଲା ପକାଇଥିଲେ। ଯାହାର ସମାଧାନ ପାଇଁ ବିଇଓ ଶ୍ରୀ ମଲ୍ଲିକ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସହ ଆଲୋଚନା କରିବା ସହ କେଉଁ ଶିକ୍ଷକଙ୍କୁ ବଦଳି କରାଯାଇ ମାନସ ଦାସଙ୍କୁ ଅଣାଯିବ ବୋଲି ଲିଖିତ ଆକାରରେ ପ୍ରଦାନ କଲେ ସେ ଏହାକୁ କାର୍ଯ୍ୟକାରୀ କରିବେ ବୋଲି କହିଥିଲେ। ସହକାରୀ ଶିକ୍ଷକ ଆଲୋକ ପାଲଙ୍କୁ ବଦଳି କରାଯାଇ ମାନସ ଦାସଙ୍କୁ ଫେରାଇ ଆଣିବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପାଇବା ପରେ ବିଇଓ ୩ ଦିନ ମଧ୍ୟରେ ଉକ୍ତ ଶିକ୍ଷକଙ୍କୁ ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ୩ ଦିନ ବିତିଯିବା ପରେ ବିଇଓ ସ୍ଥାନୀୟ ସରପଞ୍ଚ ଉର୍ମିଳା ସାହୁ କିମ୍ବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିଲମ ରାୟଙ୍କ ଫୋନ ଉଠାଇ ନ ଥିଲେ କିମ୍ବା କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏପରିକି ନିଜର ପତିକ୍ରିୟା ରଖି ସମସ୍ୟାର ସମାଧାନ ହୋଇଥିବା କହି ଏକ ବେଫିକର ଉତ୍ତର ଦେଇଥିଲେ। ୩ ଦିନ ବିତିଯିବା ପରେ କମିଟି ପକ୍ଷରୁ ପୁନର୍ବାର ବିଦ୍ୟାଳୟରେ ତାଲା ପଡ଼ିଥିବାବେଳେ ପୂର୍ବ ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଗ୍ରହଣ କରିବା ସହ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ। ଏପରିକି ଜିଲ୍ଲାପାଳଙ୍କୁ ଭେଟିବାକୁ ଯାଇଥିଲେ ମଧ୍ୟ କାର୍ଯ୍ୟାଳୟରେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ତାଙ୍କ କର୍ମଚାରୀଙ୍କୁ ଦାବିପତ୍ର ପ୍ରଦାନ କରି ଫେରିଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ। ଯେପର୍ଯ୍ୟନ୍ତ ଶିକ୍ଷକ ମାନସ ଦାସ ବିଦ୍ୟାଳୟକୁ ଫେରିନାହାନ୍ତି ସେ ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ପଡିବ ନହେଲେ ବିଦ୍ୟାଳୟରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଟିସି ନିଆଯାଇ ଅନ୍ୟତ୍ର ପଢ଼ାଯିବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

**ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟିଲେ ଗ୍ରାମବାସୀ**

# ୮୦୨.୯ କୋଟିର ରେଳ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୧୧।୭(ଏଜେନ୍ସି): ଓଡ଼ିଶାକୁ ମିଳିଛି ଆଉ ଏକ ନୂଆ ରେଳ ପ୍ରକଳ୍ପ। ଏଥିରେ କଟକ ଏବଂ ନିର୍ଗୁଣ୍ଡି ଷ୍ଟେସନ୍ ମଧ୍ୟରେ ନିର୍ମାଣ ହେବ ୧୫.୯୯ କିଲୋମିଟରର ଚତୁର୍ଥ ରେଳ ଲାଇନ୍। ଏହାଛଡା ନିର୍ଗୁଣ୍ଡିଠାରେ ଏକ ରେଳ ଫ୍ଲାଏଓଭର ମଧ୍ୟ ନିର୍ମାଣ କରାଯିବ। କଟକ-ଲାଇନ ଏବଂ ରେଳ ଫ୍ଲାଏଓଭରକୁ ମୁଖ୍ୟ ଲାଇନ୍ ରୁଟଗୁଡ଼ିକରୁ ପାରାଦୀପ ବନ୍ଦର ଯାଉଥିବା ଟ୍ରାଫିକକୁ ପୃଥକ କରି କରିଡରକୁ ଭିଡ଼ କମ କରିବା ପାଇଁ ଡିଜାଇନ୍ କରାଯାଇଛି, ବିଶେଷକରି କଟକ ଏବଂ ଢେଙ୍କାନାଳ ମଧ୍ୟରେ। ଏହି ପ୍ରକଳ୍ପ କଟକ ଏବଂ ଭୁବନେଶ୍ୱର ସେକ୍ସନରୁ ଆସୁଥିବା

## ନିର୍ମାଣ ହେବ କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ୍

## ନିର୍ଗୁଣ୍ଡିରେ ନୂଆ ରେଳ ଫ୍ଲାଏଓଭର

## ମହାନଦୀ, ବିରୂପାରେ ନିର୍ମାଣ ହେବ ଦୁଇଟି ରେଳ ପୋଲ



ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ୍ ପ୍ରକଳ୍ପରେ ମହାନଦୀ ଏବଂ ବିରୂପା ନଦୀରେ ଦୁଇଟି ସେତୁ ନିର୍ମାଣ କରାଯିବ। ଏ ସମସ୍ତ ପ୍ରକଳ୍ପ ପାଇଁ ରେଳବାଇ ୮୦୨.୯ କୋଟି ଟଙ୍କା ମଞ୍ଜୁରୀ ଦେଇଛି।

ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଲକ୍ଷ୍ୟ ହେଉଛି ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସେକ୍ସନ ଏବଂ କଟକ-ପାରାଦୀପ ସେକ୍ସନରେ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା। ଓଡିଶାକୁ ଆଉ ଏକ ଭିତ୍ତିଭୂମି ପ୍ରୋତ୍ସାହନ ସ୍ୱରୂପ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ୮୦୨.୯ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। କଟକ-ନିର୍ଗୁଣ୍ଡି ସେକ୍ସନ ହାଓଡ଼ା-ଚେନ୍ନାଇ ହାଇ-ଡେନ୍ସିଟି ନେଟୱାର୍କର ଏକ ଅଂଶ। ପାରାଦୀପ ବନ୍ଦରରୁ କଟକରେ ମୁଖ୍ୟ ଲାଇନକୁ କ୍ରସିଂ କରୁଥିବାରୁ ଏହି କରିଡରରେ ବର୍ତ୍ତମାନ ଅଧିକ ଭିଡ଼ ପରିଲକ୍ଷିତ ହେଉଛି। ତାଳଚେର ଯିବା ପାଇଁ କଟକରେ କୌଣସି ସିଧାସଳଖ ଜଙ୍କସନ ବ୍ୟବସ୍ଥା ନ ଥିବାରୁ, ପୃଷ୍ଠ-ସ୍ତର କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ ପ୍ରାୟତଃ ଦୀର୍ଘ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ଚତୁର୍ଥ ଏବଂ ଯାଉଥିବା ମୁଖ୍ୟ ଲାଇନ ସେକ୍ସନରେ ଯାତ୍ରୀ ଏବଂ ମେଲ ଏକ୍ସପ୍ରେସ ଟ୍ରେନଗୁଡ଼ିକର ଅଟକ ହ୍ରାସ କରିବାରେ ସାହାଯ୍ୟ କରିବ। ବର୍ତ୍ତମାନ ନିର୍ଗୁଣ୍ଡିଠାରେ ମେଲ ଏକ୍ସପ୍ରେସରେ କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ କେତେକ ସମୟରେ ପ୍ରତିବନ୍ଧକ ଯୋଗୁଁ ଅଟକ ରଖାଯାଏ। ଏହି ପ୍ରକଳ୍ପ କଟକଣାକୁ କମ କରିବ ଏବଂ ସେକ୍ସନରେ ଟ୍ରେନଗୁଡ଼ିକର ସମୟାନୁବର୍ତ୍ତୀତାକୁ ଉନ୍ନତ କରିବାରେ ଏବଂ ଅଧିକ କୋଚିଂ ଟ୍ରେନଗୁଡ଼ିକୁ ସୁଗମ ଭାବରେ ଚଳାଇବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ ଏହି ସେକ୍ସନରେ କୋଚିଂ ଏବଂ ମାଲବାହୀ ଟ୍ରେନଗୁଡ଼ିକୁ ପୃଥକ କରିବାରେ ମଧ୍ୟ ସାହାଯ୍ୟ କରିବ। ଏବଂ ମୁଖ୍ୟପଥ ବାଇପାସ୍ କରିବା ସମୟରେ ଟ୍ରେନଗୁଡ଼ିକ ବିଳମ୍ବ ହେବ ନାହିଁ। ଏହି ପ୍ରକଳ୍ପର ଅଂଶ ଭାବରେ ମହାନଦୀ ଏବଂ ବିରୂପାରେ ଦୁଇଟି ନଦୀ ସେତୁ ମଧ୍ୟ ନିର୍ମାଣ କରାଯିବ। ଫ୍ଲାଏଓଭର ସହିତ ଏହି ପ୍ରକଳ୍ପ ଲାଇନଟି କବଚ ସୁରକ୍ଷା ବୈଶିଷ୍ଟ୍ୟ ଏବଂ ୧୩୦ କିଲୋମିଟର ପ୍ରତି ଘଣ୍ଟା ବେଗ ସହିତ ୨*୨୫ କେଭି ବିଦ୍ୟୁତୀକରଣ ସିଷ୍ଟମ ସହିତ ଡିଜାଇନ୍ କରାଯାଇଛି।

## ବିଧାୟକ ସନ୍ତୋଷ ଖଟୁଆଙ୍କ ଗିରଫ ଦାବି

# ନୀଳଗିରିରେ ବିଜେଡିର ବିରାଟ ମହିଳା ସମାବେଶ

ନୀଳଗିରି,୧୧।୭(ସମିସ): କୁଳଡିହା ହାତୀ ମୃତ୍ୟୁ ଓ ତସ୍କରୀକୁ ନେଇ ରାଜ୍ୟ ରାଜନୀତି ସରଗରମ। ହାତୀ ଶିକାରୀଙ୍କୁ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ନିଜ ଫାର୍ମହାଉସରେ ସୁରକ୍ଷା ଦେଇଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର ପ୍ରକାଶ କରିବା ସହିତ ବିଧାୟକଙ୍କ ଏହି ଘଟଣାରେ ସଂପୃକ୍ତି ଥିବାନେଇ ଅଭିଯୋଗ କରିବା ପରେ ତାଙ୍କପ୍ରତି ବିଧାୟକ ଶ୍ରୀ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟ ରାଜ୍ୟ ରାଜନୀତିକୁ ସରଗରମ କରିଛି। ରାଜ୍ୟର ଭିନ୍ନଭିନ୍ନ ଥାନାରେ ଏନେଇ ବିଜେଡିର ମହିଳା ନେତ୍ରୀ ଓ କର୍ମୀମାନେ ବିଧାୟକଙ୍କ ନାମରେ ଏତଲାଦେବା ସହ ଗିରଫ ଦାବି କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଶୁକ୍ରବାର ନୀଳଗିରିରେ ବିଧାୟକଙ୍କ ଗିରଫ ଦାବି ନେଇ ବିଜୁ ଜନତା ଦଳ ତରଫରୁ ବିରାଟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଯୋଗଦେଇ ରାଜ୍ୟ ବିଜୁ ଜନତା ଦଳର ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ବିଜୁ ଜନତା ଦଳ ସର୍ବଦା ମହିଳାଙ୍କୁ ସମ୍ମାନ ଦେଉଥିବା ବେଳେ ବର୍ତ୍ତମାନର ବିଜେପି ସରକାରରେ ମହିଳା ଅସୁରକ୍ଷିତ। ବିଜେପି ମହିଳାଙ୍କୁ ସମ୍ମାନର






କଥା କହୁଥିବା ବେଳେ ଏଇଟା କଣ ବିଜେପିର ମାଆଙ୍କୁ ସମ୍ମାନ। ନୀଳଗିରିବାସୀ ଭୋଟଦେଇ ଜଣେ ଅସଭ୍ୟ ବ୍ୟକ୍ତିଙ୍କୁ ବାଛି ବିଧାନସଭାକୁ ପଠାଇଛନ୍ତି। ଏଭଳି ଅଶାଳୀନ ମନ୍ତବ୍ୟ ଦେବା ଏବଂ ତାଙ୍କୁ ରାଜ୍ୟ ତଥା କେନ୍ଦ୍ରର କୌଣସି ବିଜେପି ନେତୃବୃନ୍ଦ ନିନ୍ଦା ନ କରିବା ପଛରେ ବିଜେପିର ସମର୍ଥନ ଥିବା ସେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ସନ୍ତୋଷ ଖଟୁଆଙ୍କ ଗିରଫ ଓ ନିଲମ୍ବନ ଦାବି କରିଥିଲେ। ଜଣେ ମହିଳାର ଚରିତ୍ର ସଂହାର କରିଥିବା ବ୍ୟକ୍ତି ନାରୀ ସମାଜ ପାଖରେ କ୍ଷମାମାଗନ୍ତୁ ଏବଂ ରାଜ୍ୟ ସରକାର ତାଙ୍କୁ ଗିରଫ କରି ଦଳରୁ ବହିଷ୍କାର କରିବାକୁ ବହୁନେତା ଦାବି କରିଛନ୍ତି। ନହେଲେ ଆଗାମୀଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ବହୁ ବିଜେଡିନେତା ଚେତାବନୀ ଦେଇଛନ୍ତି। ସମାବେଶରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ମହିଳା ବିଜୁ ଜନତାଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ବିଜୁ ଯୁବଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟ, ବିଜେଡି ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତ ସିଂହାର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ରେମୁଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁଧାଂଶୁ ପରିଡା, ସୁକାନ୍ତ କୁମାର ନାୟକ, ରେମୁଣାର ବିଧାୟକ ପ୍ରାର୍ଥୀନୀ ବିଦୁସ୍ମିତା ମହାଳିକ, ବାଲେଶ୍ୱରର ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ଉର୍ମିଳତା ଦାସ, ରାଜ୍ୟ ମହିଳା ଉପ ସଭାନେତ୍ରି ମାନସୀ ହରିଚନ୍ଦନ, ନୀଳଗିରି ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ବିଭୁଦତ୍ତ ପରିଡ଼ା, ଯୁବନେତା ଶୁଭେନ୍ଦୁ ମଙ୍ଗରାଜ, ବାହାନଗା ବ୍ଲକର ପୂର୍ବତନ ଚେୟାରମ୍ୟାନ ଶରତ ଚନ୍ଦ୍ର ରାଜ, ପୂର୍ବତନ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡା, ଆଦିବାସୀ ନାରୀନେତ୍ରୀ ସୁନୀତି ସିଂ, ମିତିଆସେଲର ଧିରେନ୍ ନାୟକ, ଜିଲ୍ଲା ସମ୍ପାଦକ ମନୋଜ ରାଉତ, ଶ୍ରମିକନେତା ଅଭିଜିତ ଦାସ, ମଦନ ମାଝୀ, ନୀଳଗିରି ଏନ୍ଏସିର ପୂର୍ବତନ ଅଧ୍ୟକ୍ଷା ଅମ୍ବିକା ଦାସ ଓ କମଳାମଣି ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ।

# ମଝିଆର ତଣ୍ଟିକାଟି ହତ୍ୟାକଲା ବଡ଼ଭାଇ

ଭୋଗରାଇ,୧୧।୭(ସମିସ): ମଝିଆ ଭାଇକୁ ରାତି ଅଧରେ ଘରକୁ ଡାକିନେଇ ଧାରୁଆ ଅସ୍ତ୍ରରେ ଅତି ବିଭତ୍ସ ଭାବେ ତଣ୍ଟିକାଟି ହତ୍ୟାକରିଛି ବଡ଼ଭାଇ। ଏଭଳି ଅଭାବନୀୟ ଘଟଣା ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅନଳିଆ ପଞ୍ଚାୟତ ମାନକୁଣ୍ଡାରେ ଘଟିଛି। ଖବର ପାଇ ଶୁକ୍ରବାର ସକାଳେ ଘଟଣାସ୍ଥଳରେ ଜଳେଶ୍ୱର ଏସ୍ଡିପିଓ ମାନସ କୁମାର ଦେଓ, ଭୋଗରାଇ ଥାନା ଅଧିକାରୀଙ୍କ ସହ ପୁଲିସବାହିନୀ ଓ ବାଲେଶ୍ୱର ସାଇଣ୍ଟିଫିକ ଟିମ୍ ପହଞ୍ଚି ହତ୍ୟାକାରୀଙ୍କ ଘରେ ଛାନଭିନ କରିଥିଲେ। ଏଥିସହ ଜଣେ ମହିଳା ଓ ଆତ୍ମୀୟଙ୍କର ବୟାନକୁ ରେକର୍ଡ ମଧ୍ୟ କରିଛନ୍ତି।

ସୂଚନାନୁଯାୟୀ, ଗ୍ରାମର ନିଆସୀ ମଣ୍ଡଳ(୫୨)ଙ୍କ ୩ ଭାଇ ଅଲଗା ଘରକରି ରୁହନ୍ତି। ୩ ଭାଇଙ୍କ ବିବାହ ସରିଥିବା ବେଳେ ବଡ଼ଭାଇ ନିଆସୀଙ୍କ ଅତ୍ୟାଚାରରେ ପୁଅ ଓ ସ୍ତ୍ରୀ ଘରୁ ପଳାଇଯାଇ ଭିନ୍ନ ରାଜ୍ୟରେ ରହି କାମ କରୁଥିବାର ତାଙ୍କ ସାନଭାଇ ତପନ ମଣ୍ଡଳ କହିଛନ୍ତି। ହତ୍ୟାକାରୀ ନିଆସୀ ଗତ ୧୦ବର୍ଷ ପୂର୍ବେ ଗ୍ରାମର ଜନୈକ ମହିଳା ରାତିରେ ଶୋଇଥିବା ବେଳେ ଧାରୁଆ ଅସ୍ତ୍ରରେ ତାଙ୍କ ହାତର ୩ଆଙ୍ଗୁଳିକାଟି ୫ ବର୍ଷ ଜେଲଯାଇ ଫେରିଛନ୍ତି। ଏପରିକି ନିଆସୀଙ୍କ ନାମରେ ଭୋଗରାଇ ଥାନାରେ ଏକାଧିକ ମାମଲା ମଧ୍ୟ ରହିଛି। ଗତ ଗୁରୁବାର ବିଳମ୍ବିତ ରାତ୍ରିରେ ମଝିଆଁ ଭାଇ ନିମାଇଁ ମଣ୍ଡଳ(୪୫) ଘରେ ଖାଇବାକୁ ବସିଥିବା ବେଳେ ତାଙ୍କୁ ନିଆସୀ ଘରୁ ଡାକିନେଇ ଥିବାର ମୃତକଙ୍କ ସ୍ତ୍ରୀ ଗୁରୁବାରୀ ମଣ୍ଡଳ ଅଭିଯୋଗ କରିଛନ୍ତି। ସେ ରାତିରେ ଦେଢ଼ଶୁର ନିଆସୀଙ୍କୁ ପଚାରିବାରୁ ନିମାଇଁ ଘରକୁ ଚାଲି ଯାଇଛି ବୋଲି କହିବାପରେ ଅନ୍ୟ ୨ ଭାଇ ଖୋଜିଥିଲେ ବି ତାଙ୍କର ପତ୍ତା ମିଳିନଥିଲା। ସକାଳେ ଘର ସମ୍ମୁଖ ବାହାରିବା ରାସ୍ତା ପାଖରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଙ୍କ ମୃତଦେହ ପଡିଥିବାର ଦେଖି ଗାଁ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ଭୋଗରାଇ ପୁଲିସ ଅଭିଯୋଗ ମୂଳେ ଏହି ଘଟଣାରେ ହତ୍ୟାକାରୀଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁକରି ପ୍ରାଥମିକ ତଦନ୍ତ ଜାରି ରଖିଥିବା ବେଳେ ଆସାମୀଙ୍କୁ ଧରିବାରେ ତଲାସୀ ଜାରି ରଖିଛନ୍ତି। ମୃତଦେହକୁ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ଆତ୍ମୀୟଙ୍କୁ ହସ୍ତାନ୍ତର କରାଯାଇଛି।

# ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଆଡମିଟ କାର୍ଡ ୱେବ୍ସାଇଟରେ

କଟକ,୧୧।୭(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସଓଟିଇଟି) ପାଇଁ ଶନିବାର ବୋର୍ଡ ୱେବସାଇଟରେ ଆଡମିଟ କାର୍ଡ ଉପଲବ୍ଧ ହେବ ବୋଲି ଜଣାପଡିଛି। ଆସନ୍ତା ଜୁଲାଇ ୨୦ତାରିଖ ରବିବାର ଦୁଇଟି ସିଟିଂରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟର ୧୯୩ଟି କେନ୍ଦ୍ରରେ ୭୫ହଜାର ୪୦୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପେପର-୧ରେ ପରୀକ୍ଷା ସକାଳ ୯ଟାରୁ ଦିନ ସାଢେ଼୧୧ଟା ପର୍ଯ୍ୟନ୍ତ ଓ ପେପର-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ନ ୪ଟା୩୦ମିନିଟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପେପର-୧ରେ ମୋଟ୨୯୦୦୪ଜଣ ଓ ପେପର-୨ରେ ୪୬୩୯୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ।

■ ଡ୍ରାଇଭର ମହାସଂଘ ଆନ୍ଦୋଳନର ପ୍ରଭାବ

# ୪୦ କିମି ଚାଲିଲେ ଭିନ୍ନକ୍ଷମ

ଭଦ୍ରକ,୧୧।୭(ସମିସ): ରାଜ୍ୟବ୍ୟାପୀ ଡ୍ରାଇଭର ମହାସଂଘର ଆନ୍ଦୋଳନ ଆଜି ୪ର୍ଥ ଦିନରେ ପହଞ୍ଚିଛି। ବସ ଚଳାଚଳ ବନ୍ଦ ହେତୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଛନ୍ତି। ଆଉ ଏହି ଦୁର୍ଦ୍ଦଶାରେ ପଡି ବହୁ କଷ୍ଟକରି ଦୀର୍ଘ ୪୦କିମି ରାସ୍ତା ଅତି ଅତିକ୍ରମ କରିଛନ୍ତି ଚାନ୍ଦବାଲି ଅଂଚଳର ଜଣେ ଭିନ୍ନକ୍ଷମ। ସୂଚନାଯୋଗ୍ୟ ଯେ, ସେକ ସିରାଜ ନାମକ ଏହି ଭିନ୍ନକ୍ଷମ ବ୍ୟକ୍ତି ଯିଏ କି



କଲିକତାରୁ ଟ୍ରେନ ଯୋଗେ ଭଦ୍ରକରେ ପହଞ୍ଚି ନିଜ ଘର ଧାମରା ଅଞ୍ଚଳକୁ ବାହାରିଥିଲେ; ହେଲେ ଭଦ୍ରକକୁ କୌଣସି ବସ୍ ଚଳାଚଳ କରୁ ନ ଥିବାରୁ ସେ ଚାଲି ଚାଲି ଘରକୁ ଯାଉଛନ୍ତି। ଦୁଇଦିନ ହେଲା ୪୦ କିମି ଅତିକ୍ରମ କରି ସାରିଲେଣି; ହେଲେ ଘରେ ପହଞ୍ଚିବାକୁ ଆହୁରି ୨୦ କିମି ଚାଲିବାକୁ ପଡିବ।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ପରଜଙ୍ଗ,୧୧।୭(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଲୁ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଶୁକଦେବ ସାହୁଙ୍କ ପୁଅ ଜଳଧର ସାହୁ (୫୩)। ଜଳଧର ନିଜ ଘରେ ବିଦ୍ୟୁତ୍ ମରାମତି କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଆଜକୁ ୧୫ ଦିନ ତଳେ କୁଆଲୁ ଅଞ୍ଚଳରେ ବଜ୍ରପାତ ହୋଇଥିଲା। ଏହାର ପ୍ରଭାବରେ ଜଳଧରଙ୍କ ଘରେ ଲାଗିଥିବା ବିଦ୍ୟୁତ୍ ମିଟର ସମେତ ଅନ୍ୟାନ୍ୟ ସରଞ୍ଜାମ ପୋଡ଼ିଯାଇଥିଲା। ଏହାକୁ ସଜାଡ଼ିବା ପାଇଁ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଅବଗତ କରିଥିଲେ। ହେଲେ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ବିଦ୍ୟୁତ କର୍ମଚାରୀ ମରାମତି ନ କରିବାରୁ ଶୁକ୍ରବାର ଜଳଧର ନିଜେ ମରାମତି କରୁଥିବା ସମୟରେ ଏପରି ଘଟଣା ଘଟିଛି। ଜଳଧରଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ବିଦ୍ୟୁତ୍ ବିଭାଗକୁ ଦାୟୀ କରିଛନ୍ତି। ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

# ପିକ୍ଅପ୍ ଦୁର୍ଘଟଣା; ୨ ଜଣଙ୍କ ମୃତ୍ୟୁ

ତୁରୁମୁଙ୍ଗା/ ଚମ୍ପୁଆ, ୧୧।୭ (ସମିସ): କେନ୍ଦୁଝର ଜିଲ୍ଲା ବାରିଆ ଥାନା ଅନ୍ତର୍ଗତ ନନ୍ଦପୁର-ଜାଲି ରାସ୍ତାର ବରପଦା ଗ୍ରାମରେ ଭାରସାମ୍ୟ ହରାଇ ରାସ୍ତାକଡ଼ ପାଚେରି ଭାଙ୍ଗି ଘର ଭିତରକୁ ପିକଅପ ଭ୍ୟାନ୍ ପଶିଯିବାରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବରପଦା ଗ୍ରାମର ଯଶୋଦା ମହାନ୍ତ ଏବଂ ଗାଡ଼ିରେ ଶ୍ରମିକ ଭାବରେ କାମ କରୁଥିବା ନୀରାକାର ମୁଣ୍ଡା ଓରଫ ଘୁଡୁ। ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ଘଟିଥିବା ଏହି ଦୁର୍ଘଟଣାରେ ଯଶୋଦାଙ୍କୁ ଭଣ୍ଡା ମେଡିକାଲରେ ମୃତ ଘୋଷଣା କରାଯାଇଛି। ଘୁଡୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ବାରିଆ ପୁଲିସ ତଦନ୍ତ କରିଥିବା ବେଳେ କମଳ ଲୋଚନ ମହାନ୍ତଙ୍କ ଘର ଭାଙ୍ଗିଥିବା ଜଣାପଡ଼ିଛି।

# ବେଲୁଚିସ୍ତାନରେ ବସ୍ ଆକ୍ରମଣ; ୯ ମୃତ



କ୍ୱେଟା, ୧୧।୭ (ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ଗୁରୁବାର ରାତିରେ ଆଉ ଏକ ବଡ଼ ଧରଣର ଆକ୍ରମଣ ହୋଇଛି। କ୍ୱେଟାରୁ ଲାହୋର ଯାଉଥିବା ଏକ ଯାତ୍ରୀବାହି ବସ୍କୁ ଅଟକାଇ ଅସ୍ତ୍ରଶସ୍ତ୍ରଧାରୀ କେତେକ ଲୋକ ୯ ଜଣ ଯାତ୍ରୀଙ୍କୁ ନେବା ପରେ ସେମାନଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଏହି ଘଟଣା ଉତ୍ତର ବେଲୁଚିସ୍ତାନର ସର ଧକ୍କାର ଝୋବ୍ ଇଲାକାରେ ଘଟିଛି। ଏହି ଅଞ୍ଚଳ ଉଗ୍ରବାଦୀଙ୍କ ଚରାଭୂଇଁ ଭାବେ ପରିଚିତ। ଉଗ୍ରବାଦୀମାନେ ବସ୍ରୁ ଯାତ୍ରୀମାନଙ୍କୁ ଓହ୍ଲାଇବା ସହ ସେମାନଙ୍କର ପରିଚୟ ପାଇବା ପରେ ଏହି କାଣ୍ଡ ଘଟାଇଥିଲେ ବୋଲି ଝୋବ୍ର ଆସିଷ୍ଟାଣ୍ଟ କମିଶନନର ନବୀନ ଆଲମ କହିଛନ୍ତି। ମୃତଦେହଗୁଡିକୁ ବରଖାନ ଜିଲ୍ଲାର ରେଖନୀ ହସ୍ପିଟାଲକୁ ପଠାଯାଇଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସେ ସ୍ପଷ୍ଟ କରିଛନ୍ତି। ବେଲୁଚିସ୍ତାନ ସରକାର ଏହାକୁ ଭାରତ ସମର୍ଥିତ ଆକ୍ରମଣ ବୋଲି ଅବିହିତ କରିଛି। ପୂର୍ବରୁ ବେଲୁଚିସ୍ତାନର ସବୁ ବିଦ୍ରୋହୀ ସଂଗଠନଗୁଡିକୁ ପାକ୍ ସରକାର 'ଫିତନା ଅଲ ହିନ୍ଦୁସ୍ତାନ'ର ନାମ ଦେଇଛି। ଏଗୁଡିକ ମଧ୍ୟରୁ ବେଲୁଚିସ୍ତାନ ଲିବେରସନ ଆର୍ମି (ବିଏଲ୍ଏ) ହେଉଛି ସବୁଠାରୁ ବଡ଼ ସଂଗଠନ। ଗତ ମେ ମାସରେ ପାକିସ୍ତାନରେ ମୋଟ୍ ଉପରେ ୮୫ଟି ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିମଧ୍ୟରୁ କେବଳ ବେଲୁଚିସ୍ତାନରେ ୩୫ଟି ଆକ୍ରମଣ ହୋଇଛି ଓ ଏଥିରେ ୫୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି ବୋଲି ପାକିସ୍ତାନ ସରକାରଙ୍କ ତରଫରୁ କୁହାଯାଇଛି। ପୂର୍ବରୁ ଜାନୁଆରୀରେ ବେଲୁଚିସ୍ତାନର ତୁରବତ ସହରରେ ବିଏଲ୍ଏ ଏକ ବସ୍ରେ ବିସ୍ଫୋରଣ ଘଟାଇଥିଲେ ଓ ଏଥିରେ ୬ ଲୋକ ପ୍ରାଣ ହରାଇଥିଲେ।

# ଚରମପନ୍ଥୀ ଦଳକୁ ବାଂଲା ସେନାର ସମର୍ଥନ

ଢାକା, ୧୧।୭ (ଏଜେନ୍ସି): ବାଂଲାଦେଶରେ ଏବେ ରାଜନୈତିକ ଦୃଶ୍ୟପଟରେ ପରିବର୍ତ୍ତନ ହେବା ସମ୍ଭାବନା ସୃଷ୍ଟି ହୋଇଛି। ବାଂଲାଦେଶ ସେନା ମୁଖ୍ୟ ଜେନେରାଲ ୱାକର-ଉଜ-ଜମାନ ଦେଶରେ ଚରମପନ୍ଥୀ ଇସ୍ଲାମୀ ଦଳଗୁଡିକୁ ସମର୍ଥନ କରିଛନ୍ତି। ଏହି ଦଳଗୁଡିକ ମଧ୍ୟରେ ଜମାତ-ଏ-ଇସଲାମୀ, ଇସ୍ଲାମୀ ଆନ୍ଦୋଳନ ବାଂଲାଦେଶ, ଖିଲଫତ ମଜଲିସ୍, ମୁତାହିଦେ ମଜଲିସ୍-ଏ- ଅମଲ ଓ ତଞ୍ଜିମୂଲ ଉଲେମା ଭଳି ଦଳ ସାମିଲ ରହିଛି। ଏହି ଦଳଗୁଡିକ ଏକାଠି ହୋଇ ଏକ ଚରମପନ୍ଥୀ ଗଠବନ୍ଧନ ରୂପେ ଉଭା ହୋଇଛନ୍ତି। ଏହି ଦଳଗୁଡିକ ମିସି ପ୍ରପୋର୍ସନାଲ ରିପ୍ରେଜେଣ୍ଟେସନ ପ୍ରଣାଳୀ ପାଇଁ ଦାବି କରୁଛନ୍ତି। ଯଦି ଏହା ଦାବି ପୂରଣ ନ ହୁଏ ତେବେ ସବୁ ଦଳ ନିର୍ବାଚନ ବହିଷ୍କାର କରିବେ ବୋଲି କହିଛନ୍ତି। ଫଳରେ ସେନା ମୁଖ୍ୟ ଏହି ଦଳଗୁଡିକୁ ପ୍ରତି ନରମ ମନୋଭାବ ପୋଷଣ କରିଥିବା ଦେଖାଯାଇଛି। ଦେଶରୁ ମୁଖ୍ୟ ବିରୋଧୀ ପାର୍ଟି ବାଂଲାଦେଶ ନ୍ୟାସନାଲ ପାର୍ଟିରେ ଗୋଷ୍ଠୀ କନ୍ଦଳ ଯୋଗୁଁ ଏପର୍ଯ୍ୟନ୍ତ ପ୍ରାର୍ଥୀ ସ୍ଥିର କରାଯାଇପାରି ନାହିଁ।

## ରତ୍ନଭଣ୍ଡାର ଗଣତିମଣତି ପ୍ରସଙ୍ଗ

# ବିଜେପି ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି: ବିଜେଡି

ଭୁବନେଶ୍ୱର,୧୧।୭(ସମିସ): ରତ୍ନଭଣ୍ଡାର ଗଣତିମଣତିକୁ ନେଇ ଏକ ବର୍ଷ ହେଲା ରାଜ୍ୟ ବିଜେପି ସରକାର ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ଗତ ଏକ ବର୍ଷ ହେଲା ରତ୍ନଭଣ୍ଡାରର ଗଣତିମଣତିକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏପରିସ୍ଥଳେ ଗଣତିମଣତିକୁ ଆହୁରି ତିନି ମାସ ଲାଗିବ ବୋଲି ଆଇନ ମନ୍ତ୍ରୀ କହିବା ଦୁର୍ଭାଗ୍ୟଜନକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ରିଜର୍ଭ ବ୍ୟାଙ୍କ ସହାୟତା ଲୋଡ଼ାଯିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ

## ବର୍ଷ ହେଲା ଭଣ୍ଡାର ବାହାରେ ଠାକୁରଙ୍କ ମୂଲ୍ୟବାନ ରତ୍ନାଳଙ୍କାର



ଡଃ ମହାନ୍ତି କହିଛନ୍ତି ଯେ ଗଣତିମଣତି ପାଇଁ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ା ଯାଇଛି ବୋଲି ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟ ଗ୍ରହଣୀୟ ନୁହେଁ। ପୂର୍ବରୁ ଗଣତିମଣତି ସମୟରେ କେବେ ରିଜର୍ଭ ବ୍ୟାଙ୍କର ସହାୟତା ନିଆ ଯାଇଥିଲା କି ? ଶ୍ରୀଜଗନ୍ନାଥ ଟେମ୍ପୁଲ ଆକ୍ଟରେ ଗଣତିମଣତି ସମୟରେ ରିଜର୍ଭ ବ୍ୟାଙ୍କର ସହାୟତା ନେବା ବ୍ୟବସ୍ଥା ରହିଛି କି? ଯଦି ନାହିଁ, କେଉଁ କାରଣ ପାଇଁ ଏହାକୁ ରିଜର୍ଭ ବ୍ୟାଙ୍କ ନାମରେ ବିଳମ୍ବିତ କରିବାକୁ ଚେଷ୍ଟା କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ଡଃ ମହାନ୍ତି କହିଛନ୍ତି, ରତ୍ନଭଣ୍ଡାରର ଗଣତିମଣତି କରିବା ପରିବର୍ତ୍ତେ ଗତ ଏକ ବର୍ଷ ଧରି ଠାକୁରଙ୍କ ମୂଲ୍ୟବାନ ଅଳଙ୍କାରସମୂହ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏବେ ଅଳିଆ ଗଦା ମାଧ୍ୟମରେ ସୃଷ୍ଟି ହୋଇଥିବା ପଞ୍ଚମ ଦ୍ୱାର ଦେଇ କିଛି ଲୋକ ପ୍ରବେଶ କରୁଥିବା ଦୃଶ୍ୟ ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଏପରିସ୍ଥିତିରେ ରତ୍ନଭଣ୍ଡାର ବାହାରେ ଥିବା ଠାକୁରଙ୍କ ରତ୍ନ ସୁରକ୍ଷିତ ଅଛି କି ନାହିଁ, ସେନେଇ ଜଗନ୍ନାଥପ୍ରେମୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଲାଣି। ତେଣୁ ରାଜ୍ୟ ସରକାର ରତ୍ନଭଣ୍ଡାରର ଗଣତିମଣତିକୁ ନେଇ ଆଉ ଅଧିକ ରାଜନୀତି ନ କରି ଜନ ସାଧାରଣଙ୍କ ମନରୁ ସନ୍ଦେହ ଦୂର କରନ୍ତୁ ବୋଲି ଡଃ ମହାନ୍ତି କହିଛନ୍ତି।

# ଷଣ୍ଢ ଆକ୍ରମଣରେ ଜଣେ ମୃତ



ଭଦ୍ରକ/ବାସୁଦେବପୁର,୧୧।୭(ସମିସ): ମୃତ୍ୟୁ ଏମିତି ବି ଆସେ। ଠାକୁର ପୂଜା ପାଇଁ ଫୁଲ ତୋଳିବାକୁ ଯାଉଥିଲେ ନେପାଳି ଯେନା। ବାଟରେ ହଠାତ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବ୍ରାହ୍ମଣଗାଁ ପଞ୍ଚାୟତ ଚଣ୍ଡିଆ ଗାଁରେ। ସୂଚନା ଅନୁସାରେ, ଚଣ୍ଡିଆ ଗାଁର ନେପାଳି ଜେନା ଫୁଲ ତୋଳିବା ପାଇଁ ସକାଳୁ ସକାଳୁ ଘରୁ ବାହାରିଥିଲେ। ହଠାତ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। କିଛି ବୁଝିବା ଆଗରୁ ଶିଙ୍ଗରେ ଟେକି ଫିଙ୍ଗି ଦେଇଥିଲା ଷଣ୍ଢ। ନେପାଳି ନିଜକୁ ଆତ୍ମରକ୍ଷା କରିବା ପୂର୍ବରୁ ପୁନଶ୍ଚ ଆକ୍ରମଣ କରିଥିଲା ଷଣ୍ଢ। ତାଙ୍କ ପାଟି ଶୁଣି ପୁଅ ମାନସ ବାପାକୁ ରକ୍ଷାକରିବାକୁ ଯିବାରୁ ମାନସଙ୍କୁ ମଧ୍ୟ ଷଣ୍ଢଟି ଫିଙ୍ଗିଦେଇଥିଲା। ସଂଜ୍ଞାହୀନ ଅବସ୍ଥାରେ ନେପାଳିଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଷଣ୍ଢଟି ପାଢୀ ସାହିର ଗୀତାରାଣୀ ପାଢୀଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଜୀବନ କଳରେ ସେ ଘରେ ପଶି ଯାଇଥିଲେ। ପରେ ସେହି ଗ୍ରାମର ଦୀପକ ପାଢୀ, ପ୍ରମୋଦ ପାଢୀ ଷଣ୍ଢ ଆକ୍ରମଣରେ ଆହତ ହୋଇଛନ୍ତି। ଷଣ୍ଢ ଭୟରେ ସକାଳେ ସକାଳେ ଗାଁର ତାଟି କବାଟ ପଡିଯାଇଥିଲା। ଷଣ୍ଢଟି ଏକ ବାଇକ୍କୁ ମଧ୍ୟ ଚୁରମାର କରିଦେଇଛି। ଶେଷରେ ଷଣ୍ଢ ଏକ ଜାଲରେ ପଡିଯାଇଥିଲା। ପରେ ଷଣ୍ଢର ମୃତ୍ୟୁ ଘଟିଛି। ଷଣ୍ଢକୁ କୁକୁର କାମୁଡି ଥାଇପାରେ ବୋଲି ପ୍ରାଣୀ ଚିକିତ୍ସକ ଅନୁମାନ କରୁଛନ୍ତି।

**୪ ଆହତ**

**ଜାଲରେ ପଡ଼ି ଷଣ୍ଢ ମୃତ**



## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇ ପାରନ୍ତି। ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଆୟ ଓ ବ୍ୟୟ ସମାନ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ। ଆଇଟି କର୍ମଚାରୀଙ୍କ ପଦୋନ୍ନତି ହୋଇପାରେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ନିବେଶରୁ ଲାଭ ପାଇବେ। ମହିଳାମାନେ ଘରକାମରେ ବ୍ୟସ୍ତ ରହିପାରନ୍ତି।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚ ବଢ଼ିବ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ଅଫିସ୍ କାମ ପାଇଁ ଦୂରସ୍ଥାନ ଯାତ୍ରା କରିପାରନ୍ତି।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚକ୍ଷୁ ଜନିତ ସମସ୍ୟା ଦେଖାଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଯାନବାହନ କ୍ରୟ କରିପାରନ୍ତି।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ଅଯଥା ବିବାଦରେ ଛନ୍ଦି ହୋଇପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ମତଭେଦ ସୃଷ୍ଟି ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିପାରେ। ପରିବାର ଲୋକଙ୍କ ସହ ସମୟ ଅତିବାହିତ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଆୟ ଓ ବ୍ୟୟ ସମାନ ରହିବ।

**ମକର:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଦାନଧର୍ମ କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କୁମ୍ଭ:** ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ। ମହିଳାମାନେ ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତା ପ୍ରକାଶ କରିବେ।

**ମୀନ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଅସହାୟଙ୍କୁ ସାହାଯ୍ୟ କରିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ସୃଷ୍ଟି ହୋଇପାରେ।

- ୧୯୧୨- 'କ୍ୱିନ୍ ଏଲିଜାବେଥ୍' ଆମେରିକାରେ ପ୍ରଦର୍ଶନ କରାଯାଉଥିବା ପ୍ରଥମ ବିଦେଶୀ ଫିଲ୍ମ ହେଲା।
- ୧୯୬୦- ଭାଗଲପୁର ଓ ରାଞ୍ଚି ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୭୦- ଅଳକାନନ୍ଦା ନଦୀରେ ଭୀଷଣ ବନ୍ୟା ଯୋଗୁଁ ପାଖାପାଖି ୬୦୦ ଲୋକଙ୍କର ପ୍ରାଣହାନି।
- ୨୦୦୧- ଅଗରତାଲା ଓ ଢାକା ମଧ୍ୟରେ ମୈତ୍ରୀ ବସ୍ ସେବା ଆରମ୍ଭ ହେଲା।



# ବିଶ୍ୱ ପେପର୍ ବ୍ୟାଗ୍ ଦିବସ

ପ୍ଲାଷ୍ଟିକ୍ ବା ପଲିଥିନ୍ ବ୍ୟାଗ୍ ଏବେ ସାରା ବିଶ୍ୱ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପଲିଥିନ୍ ପରିବେଶ ପାଇଁ କ୍ଷତିକାରକ ହୋଇଥାଏ। ଏହାସହ ଏହା ମଣିଷ ଓ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ପାଇଁ ମଧ ବେଶ୍ ବିପଜ୍ଜନକ ହୋଇଥାଏ। ପ୍ଲାଷ୍ଟିକ୍ ବ୍ୟାଗ୍ ବଦଳରେ କାଗଜ ବା ପେପର୍ ବ୍ୟାଗ୍ ଉପଯୋଗ କରିବା ଦିଗରେ ଲୋକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୧୨ ତାରିଖକୁ 'ବିଶ୍ୱ ପେପର୍ ବ୍ୟାଗ୍ ଦିବସ' ଭାବେ ପାଳନ କରାଯାଉଛି। ଏହିଦିନ ପ୍ଲାଷ୍ଟିକ୍‌ର ଦୁଷ୍ପରିଣାମ ବାବଦରେ ବି ଲୋକଙ୍କୁ ସଚେତନ କରାଯାଏ। ଯଦିଓ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲାଗିଛି, ତଥାପି ଲୋକେ ସିଙ୍ଗଲ୍ ୟୁଜଡ୍ ପ୍ଲାଷ୍ଟିକ୍‌କୁ ବ୍ୟବହାର କରୁଛନ୍ତି। ପ୍ଲାଷ୍ଟିକ୍ ମାଟିରେ ସହଜରେ ବିଘଟନ ହେଉ ନ ଥିବା ବେଳେ କାଗଜ ବ୍ୟାଗ୍ ପରିବେଶ ପାଇଁ ଅନୁକୂଳ। ତା'ସହ ପ୍ଲାଷ୍ଟିକ୍ ବ୍ୟବହାର କମ୍ କରିବା ଦିଗରେ ପେପର୍ ବ୍ୟାଗ୍ ସାହାଯ୍ୟ କରିଥାଏ। ୧୮୫୨ରେ ଆମେରିକୀୟ ଆବିଷ୍କାରକ ଫ୍ରାସିସ୍ ୱଲେ ପ୍ରଥମଥର ପାଇଁ ପେପର୍ ବ୍ୟାଗ୍ ମେସିନ୍ ତିଆରି କରିଥିଲେ। ଏହାପରେ ୧୮୭୧ରେ ମାର୍ଗାରେଟ୍ ଏଲୋଏସ୍ ନାଇଟ୍ ଫ୍ଲାଟ୍ ବଟମ ପେପର୍ ବ୍ୟାଗ୍ ତିଆରି କରିବା ପାଇଁ ଆଉ ଏକ ମେସିନ୍ ବିକଶିତ କଲେ। ଯାହାକି 'ମଦର୍ ଅଫ୍ ଦ ଗ୍ରସରି ବ୍ୟାଗ୍' ଭାବେ ପ୍ରସିଦ୍ଧି ଲାଭ କଲା। ୧୯୧୨ ମସିହାରେ, ୱାଲ୍‌ଟର ଡୁବେନର୍ ଏକ ହ୍ୟାଣ୍ଡେଲ୍ ସହିତ କାଗଜ ବ୍ୟାଗ୍ ଡିଜାଇନ୍ କରିଥିଲେ। ସେହିଭଳି ୧୯୭୦ ଦଶକରେ ପ୍ଲାଷ୍ଟିକ୍ ବ୍ୟାଗ୍, କାଗଜ ବ୍ୟାଗ୍‌ର ଏକ ଶସ୍ତା ବିକଳ୍ପ ଭାବରେ ଉଭା ହେଲା। ହେଲେ ପ୍ଲାଷ୍ଟିକ୍ ବ୍ୟାଗ୍‌ଗୁଡ଼ିକ ନବୀକରଣ ଯୋଗ୍ୟ ନୁହେଁ କି ପୁନଃ ବ୍ୟବହାର ଯୋଗ୍ୟ ନୁହେଁ। ପ୍ଲାଷ୍ଟିକ୍ ସାମଗ୍ରୀଗୁଡିକ କ୍ଷୟ ହେବାକୁ ପ୍ରାୟ ହଜାରେ ବର୍ଷ ଲାଗେ, ତେଣୁ ସେଗୁଡିକ ପରିବେଶ ପାଇଁ କ୍ଷତିକାରକ। ବିଶ୍ୱ କାଗଜ ବ୍ୟାଗ୍ ଦିବସ ଇକୋ-ଫ୍ରେଣ୍ଡଲି ବା ପରିବେଶ ସହାୟକ, ନବୀକରଣ ଯୋଗ୍ୟ, ପୁନଃ ବ୍ୟବହାର ଯୋଗ୍ୟ କାଗଜ ବ୍ୟାଗ୍ ବ୍ୟବହାରକୁ ପ୍ରୋତ୍ସାହିତ କରେ। ଏହି ଦିନ କାଗଜ ବ୍ୟାଗ୍ ବ୍ୟବହାର କରି ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ଲୋକଙ୍କୁ ସଚେତନ କରାଯାଏ।

# ମଲାଲା ଦିବସ




୨୦୧୪ ମସିହାରୁ ପ୍ରତିବର୍ଷ ଜୁଲାଇ ୧୨ ତାରିଖକୁ 'ମଲାଲା ଦିବସ' ଭାବେ ପାଳନ କରାଯାଉଛି। ଏହି ଦିବସ ପାକିସ୍ତାନୀ ଶିଶୁ ମାନବାଧିକାର କର୍ମୀ ମଲାଲା ୟୁସୁଫଜାଇଙ୍କ ପାଇଁ ଉତ୍ସର୍ଗୀକୃତ। ୨୦୧୩ ଜୁଲାଇ ୧୨ରେ ଜାତିସଂଘ ମୁଖ୍ୟାଳୟରେ ୧୬ ବର୍ଷ ବୟସରେ ଶିକ୍ଷା ଉପରେ ସାରଗର୍ଭକ ଭାଷଣ ଦେଇ ସାରା ବିଶ୍ୱର ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲେ ମଲାଲା। ଲିଙ୍ଗଗତ ସମାନତା ଉପରେ ମଧ ସେ ଏଥିରେ ପ୍ରଶ୍ନ ଉଠାଇଥିଲେ। ମଲାଲାଙ୍କ ଭାଷଣରେ ଜାତିସଂଘର ସମସ୍ତ ସଦସ୍ୟ ଛିଡ଼ା ହୋଇ କରତାଳି ମାଧମରେ ପ୍ରଶଂସା କରିବା ସହ ସମ୍ମାନ ଜଣାଇଥିଲେ। ତାଙ୍କ ସମ୍ମାନରେ ଉକ୍ତ ଦିନକୁ ସଙ୍ଗେ ସଙ୍ଗେ ଜାତିସଙ୍ଘ ମଲାଲା ଦିବସ ରୂପେ ଘୋଷଣା କରିଥିଲା। ମଲାଲା କୁହନ୍ତି, ଏହି ଦିବସ କେବଳ ତାଙ୍କର ନୁହେଁ, ବରଂ ପ୍ରତିଟି ମହିଳା, ପୁରୁଷ, ଯୁବକ ଯୁବତୀଙ୍କର, ଯେଉଁମାନେ ନିଜ ଅଧିକାର ଲାଗି ସ୍ୱରୋତ୍ତୋଳନ କରିଛନ୍ତି। ସେହିପରି ଏହି ଦିନ ସମଗ୍ର ବିଶ୍ୱର ମହିଳା ଓ ଶିଶୁଙ୍କ ଅଧିକାରକୁ ସମ୍ମାନ ଦିଆଯାଏ। ଶିକ୍ଷାର ପ୍ରଚାର-ପ୍ରସାର ତଥା ଏ ବାବଦରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି 'ମଲାଲା ଦିବସ' ପାଳନର ଅନ୍ୟତମ ଉଦ୍ଦେଶ୍ୟ। ୧୯୯୭ ଜୁଲାଇ ୧୨ରେ ପାକିସ୍ତାନ ମିଙ୍ଗୋରାରେ ଜନ୍ମଗ୍ରହଣ କରିଥିଲେ ମଲାଲା। ୨୦୦୮ରୁ ମଲାଲା ନାରୀ ଶିକ୍ଷା ଅଭିଯାନ ସହ ସଂପୃକ୍ତ ଥିଲେ। ୨୦୧୨ରେ ତାଲିବାନୀମାନେ ଜୀବନରୁ ମାରିଦେବା ପାଇଁ ତାଙ୍କ ଉପରେ ଗୁଳି ଚଳାଇଥିଲେ। ତେବେ, ଠିକ୍ ସମୟରେ ଚିକିତ୍ସା ଦ୍ୱାରା ତାଙ୍କର ଜୀବନ ରକ୍ଷା କରାଯାଇ ପାରିଥିଲା। ଇଂଲଣ୍ଡରେ ଚିକିତ୍ସିତ ହୋଇ ସେ ସୁସ୍ଥ ହୋଇଥିଲେ। ସେତେବେଳେ ସାରା ବିଶ୍ୱ ତାଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିଥିଲା। ଆଉ ଏହି ଘଟଣା ପରେ ସେ ହେଇ ଯାଇଥିଲେ ଅନ୍ତର୍ଜାତୀୟ ବ୍ୟକ୍ତିତ୍ୱ। ଏହି ଘଟଣାରେ ସେ ଭୟଭୀତ ନ ହୋଇ କିମ୍ବା ହାର୍ ନ ମାନି 'ମଲାଲା ଫଣ୍ଡ' ମାଧମରେ ନାରୀ ଶିକ୍ଷା ଦିଗରେ କାମ ଜାରି ରଖିଲେ। ନାରୀ ଶିକ୍ଷାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମଲାଲାଙ୍କୁ ୧୪ ବର୍ଷ ବୟସରେ ପାକିସ୍ତାନ ସରକାରଙ୍କ ପକ୍ଷରୁ ଯୁବ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୪ରେ ମାତ୍ର ୧୭ ବର୍ଷ ବୟସରେ ସେ ପାଇଥିଲେ 'ନୋବେଲ୍ ଶାନ୍ତି ପୁରସ୍କାର'। ଏହି ପୁରସ୍କାର ଲାଭ କରିବାରେ ସେ ବିଶ୍ୱରେ ଅଦ୍ୟାବଧି ସର୍ବ-କନିଷ୍ଠ।



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ବିଜୟ ଦେବରକୋଣ୍ଡା ପୁଣିଥରେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଅନେକ ଦିନରୁ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ସହ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଏନେଇ ବିଜୟ କି ରଶ୍ମିକା ବିଧିବଦ୍ଧ ଭାବେ କିଛି କହି ନ ଥିଲେ। ନିକଟରେ ବିଜୟ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷତକାରରେ ବିଜୟ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ମୁହଁ ଖୋଲିଛନ୍ତି। ବିଜୟ ଏହି ସାକ୍ଷାତକାରରେ ସେ ସିଙ୍ଗଲ ନାହାନ୍ତି ବୋଲି କହିଥିଲେ। ଯେତେବେଳେ ବିଜୟଙ୍କୁ ସେ ଏବେ ବି ସିଙ୍ଗଲ ଅଛନ୍ତି କି ବୋଲି ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ କହିଥିଲେ- 'ମୋତେ ଏବେ ୩୫ ବର୍ଷ। ମୁଁ ଏବେ ସିଙ୍ଗିଲ ନାହିଁ।' ସେ ଆହୁରି ମଧ କହିଥିଲେ- 'ଯେତେବେଳେ ଆପଣ ଜଣଙ୍କୁ ପ୍ରେମ କରୁଛନ୍ତି, ତାଙ୍କୁ ଗଣମାଧ୍ୟମରୁ ନିଶ୍ଚୟ ଦୂରେଇ ରଖିବାକୁ ଚାହିଁବେ। ମୁଁ ଚାହୁଁଛି ମୋର ସେହି ଦିଗଟି ସୁରକ୍ଷିତ ରହୁ ଓ ଅନାଧିକାର ଚର୍ଚ୍ଚାର ପ୍ରସଙ୍ଗ ନ ହେଉ।' ଯଦିଓ ଏହି ସମୟରେ ବିଜୟ ରଶ୍ମିକାଙ୍କ ନାଁ ନେଇ ନଥିଲେ। କିନ୍ତୁ ସେ ପ୍ରେମ ସମ୍ପର୍କରେ ଥିବା ଓ ସେହି ସମ୍ପର୍କକୁ ନେଇ ବେଶ୍ ସିରିୟସ୍ ଥିବା ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ତେବେ ବିଜୟ ଓ ରଶ୍ମିକାଙ୍କ ଅନ୍ ସ୍କ୍ରିନ୍ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରନ୍ତି। ଏହି ଯୋଡ଼ିକୁ ଦର୍ଶକେ ଅଫ୍‌ସ୍କ୍ରିନ୍‌ରେ ମଧ ପସନ୍ଦ କରୁଛନ୍ତି। ତେବେ ଏହି ଯୋଡ଼ି କେବେ ବିଧିବଦ୍ଧ ଭାବେ ସେମାନଙ୍କ ପ୍ରେମ ସମ୍ପର୍କରେ ଥିବା କଥାକୁ ସ୍ୱୀକାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



## ପତ୍ରିକା ପରିଚୟ



### ମୋ ଆଶା

**ସଂପାଦକ: ସୁମନ୍ତ ମହାରଣା**
**ଲିଟିଲ୍ ଷ୍ଟାର୍ ଗ୍ରୁପ୍**
**ପାଟପୁର, ନିମାପଡ଼ା, ପୁରୀ**
**ମୂଲ୍ୟ: ୨୦ ଟଙ୍କା**

ତ୍ରୟମାସିକ ଶିଶୁକିଶୋର ପତ୍ରିକା 'ମୋ ଆଶା'ର ଜୁଲାଇ-ସେପ୍ଟେମ୍ବର-୨୦୨୫ ବର୍ଷା ସଂଖ୍ୟା ଆମର ହସ୍ତଗତ ହୋଇଛି। ସୁମନ୍ତ ମହାରଣାଙ୍କ ସଂପାଦନାରେ ପ୍ରକାଶିତ 'ମୋ ଆଶା'ର ଅନ୍ୟ ସଂଖ୍ୟା ପରି ଏହି ସଂଖ୍ୟାଟି ମଧ ବେଶ୍ ଆକର୍ଷଣୀୟ ହୋଇଛି। କବିତା ବିଭାଗରେ ଅରୁଣ ଚନ୍ଦ୍ର ମହାନ୍ତିଙ୍କ 'ରଘୁ ଯାଉଥିଲା ଯାତକୁ', ରାମଚନ୍ଦ୍ର ପ୍ରଧାନଙ୍କ 'କାମ କରିଯିବା ମିଶି', ଡକ୍ଟର ସୁଷମା ମିଶ୍ରଙ୍କ 'ସାଧବ ବହୂ', ଡ.ସନ୍ତୋଷ କୁମାର ପଣ୍ଡାଙ୍କ 'ଦାରୁ ଦେବତା', କୁଞ୍ଜ ବିହାରୀ ସାହୁଙ୍କ 'ଜହ୍ନରାଇଜ ବୁଲା' ଓ ଇଂ ପ୍ରମୋଦ କୁମାର ନନ୍ଦଙ୍କ 'ସଂରକ୍ଷିତ ମସ୍ତିଷ୍କରେ' ଆଦି ବେଶ୍ ମନଛୁଆଁ ହୋଇଛି। ସେହିଭଳି କାଳିକିଙ୍କରଙ୍କ 'ଦେବଦେବୀ', ସମ୍ବେଦନା ମିଶ୍ରଙ୍କ 'ରାଜା ଓ ସ୍ୱର୍ଣ୍ଣମୁଦ୍ରା', ସୁଶାନ୍ତ କୁମାର ସେନାପତି 'ଯଦୁମଣି ବାଛିଲେ ରାଜାଙ୍କ ଦୋଷ', ଡ. ରବି ନାରାୟଣ ସାହୁଙ୍କ 'ଦୁଇ ସାଙ୍ଗ', ନଗେନ୍ଦ୍ର ନାଥ ପଟ୍ଟନାୟକଙ୍କ 'କଥାକୁହା କ୍ୟାଲେଣ୍ଡର', ସମୀର ଗାଙ୍ଗୁଲିଙ୍କ ହିନ୍ଦୀ ଗଳ୍ପର ଓଡ଼ିଆ ଅନୁବାଦ 'ସିଂହଟିଏ ଲୋଡ଼ା', ବସନ୍ତ ସ୍ୱାଇଁଙ୍କ 'ପ୍ରାଚୀନ ଗଣିତଜ୍ଞ ବ୍ରହ୍ମଗୁପ୍ତ', ଇଂ ମାୟାଧର ସ୍ୱାଇଁଙ୍କ 'ନିଜ ଶରୀର ଉପରେ ବିପଜ୍ଜନକ ପରୀକ୍ଷା' ଆଦି ଗପଗୁଡ଼ିକ ବେଶ୍ ଶିକ୍ଷଣୀୟ ହୋଇଛି। ସେହିଭଳି ଆଧ୍ୟାତ୍ମିକଭିତ୍ତିକ ଗପ ପ୍ରିୟଦର୍ଶିନୀ ମହାନ୍ତିଙ୍କ 'କାଞ୍ଚି ଅଭିଯାନ', ପୂଜାରାଣୀ ପାଣିଙ୍କ 'ଭକ୍ତ ଝୋଲିଆ କବୀର', ସାଇ ସମୀକ୍ଷା ସ୍ୱାଇଁଙ୍କ 'ଆସ ଅଳାର ଖାଅ ଖୀରି' ଆଦି ବେଶ୍ ମନଛୁଆଁ ହୋଇଛି। ଯାତ୍ରା ଜଗତର ଆଗଧାଡ଼ିର କଳାକାର ରତି ଓ ମିଟୁନାଙ୍କ ପିଲାବେଳର କଥା ମଧ ବେଶ୍ ମନଲୋଭା ହୋଇଛି। ସେହିଭଳି ଆମ ପ୍ରତିଭା, କୁନି ମଡେଲ୍, ଆମ ହାତ ଅଙ୍କା ଛବି, ଚିତ୍ର ଦୁଇଟିରେ ଫରକ ବାଛ ଆଦି ନିୟମିତ ବିଭାଗ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଛି। 'ମୋ ଆଶା'ର ଏହି ସଂଖ୍ୟାଟି ପାଠକ ମହଲରେ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ।

### ଜୀବ ଜଗତର ସାଥୀ



ନିରାକାର ଚଇନି

ଡହ ଡହ ଖରା ଗଲାଣି କେବେଠୁ
ଦିନ ତା' ଯାଇଛି ସରି
ଟପ ଟପ ହୋଇ ମେଘ ରାଇଜରୁ
ବରଷା ପଡ଼ିଲା ଝରି।
ନଦୀ ନାଳ ଆଉ ପୋଖରୀ ଗାଡ଼ିଆ
ଜଳରେ ଉଠିଲେ ପୂରି
ସାରୁ ବୁଦା ମୂଳେ ବେଙ୍ଗ ବେଙ୍ଗୁଲିଏ
ବଜେଇଲେ ଭେରି ତୂରୀ।
ଶାଗୁଆ ରଙ୍ଗରେ ସଜେଇ ନିଜକୁ
ପଡ଼ିଆ ଦିଶିଲା ଶୋଭା
ନାଲି ଗୁଲୁ ଗୁଲୁ ସାଧବ ବୋହୂର
ଚାଲି କେଡ଼େ ମନଲୋଭା।
ଗାଆଁ ଦାଣ୍ଡେ ଅତି ବେଗରେ ଛୁଟିଲା
ବରଷା ପାଣିର ସୁଅ
କାଗଜର ଡଙ୍ଗା ଭସେଇ ଦେଲେ ତ
କୁନି କୁନି ପୁଅ ଝିଅ।
ମନ ମତାଣିଆ ଗୀତ ଗାଇ ଗାଇ
ବେଉଷଣ କଲା ଚାଷୀ
କ୍ଷେତରେ ଫଳେଇ ସୁନାର ଫସଲ
ଭୋକ ଦାଉ ଦେବ ନାଶି।
ବରଷା କାଳଟି ଅଟଇ ସତରେ
ଜୀବ ଜଗତର ସାଥୀ
ଟିକେ ସାବଧାନ ହୋଇଲେ ବିତିବ
ସୁଖେ ଆମ ଦିନ ରାତି।

ସୁବୁଦ୍ଧିସାହି, ତେଲକୋଇ
ମୋ-୮୨୪୯୩୮୭୯୭୩

## ପୁପୁନ୍‌ର ରଙ୍ଗୀନ ଛତା



ସୁବ୍ରତ ଦାସ

ସେଦିନ ସନ୍ଧ୍ୟାରେ ସିପୁନ୍‌ର ଜନ୍ମଦିନ ପାଳନ ହେଉଥାଏ। ସିପୁନ୍‌ର ସବୁ ସାଙ୍ଗମାନେ ଖୁବ୍ ମଜା କରୁଥାନ୍ତି। କିଏ ବେଲୁନ୍ ଫୁଙ୍କୁ ଥାଏ ତ କିଏ ଗୀତର ତାଳରେ ନାଚୁଥାଏ। ସବୁ ସାଙ୍ଗମାନଙ୍କ ମଧ୍ୟରେ ସିପୁନ୍‌ର ସବୁଠାରୁ ଭଲ ସାଙ୍ଗ ହେଉଛି ପୁପୁନ୍। ସିପୁନ୍, ପୁପୁନ୍‌କୁ ନ ଦେଖି ଖୁବ୍ ବ୍ୟସ୍ତ ହୋଇପଡ଼ିଲା। ସେ ସଙ୍ଗେସଙ୍ଗେ ମା'ଙ୍କୁ କହିଲା, ପୁପୁନ୍ କାହିଁକି ଆସିନାହିଁ? ମା' କହିଲେ ମୁଁ ଜାଣି ନାହିଁ। ମନ ଭଲ ନ ଲାଗିବାରୁ ସିପୁନ୍ ଓ ତାର ମା' ପୁପୁନ୍ ଘରକୁ ଗଲେ। ହେଲେ ପୁପୁନ୍‌ର ଶରୀର ଅସୁସ୍ଥ ଦେଖି ଆଶ୍ଚର୍ଯ୍ୟ ହେଲେ। ପୁପୁନ୍ ଚୁପ୍‌ଚାପ୍ ଘୋଡ଼େଇ ହୋଇ ଘରେ ଶୋଇଥାଏ। ପୁପୁନ୍‌ର ମା' ମନ ଦୁଃଖରେ ତା'ର ମୁଣ୍ଡ ପାଖରେ ବସି ଓଦା ପଟି ଦେଉଥାନ୍ତି। ସିପୁନ୍ ପଚାରିଲା, ପୁପୁନ୍‌ର କ'ଣ ହୋଇଛି? ମା କହିଲେ, ସନ୍ଧ୍ୟାରେ ତାକୁ ଜ୍ୱର ଆସିଲା। ଦେହ ହାତ ଖଇ ଫୁଟିଲା ପରି ତାତିଛି। ପୁପୁନ୍‌ର ବାପାଙ୍କୁ ଫୋନ୍ କରିଛି ଡାକ୍ତରଙ୍କୁ ସାଙ୍ଗରେ ନେଇ ଆସିବେ। ସକାଳେ ସ୍କୁଲ୍ ଯାଇଥିଲା। ହେଲେ ସ୍କୁଲ୍‌ରୁ ଫେରି କେଉଁଆଡ଼େ ନ ଯାଇ ଚୁପଚାପ୍ ଘରେ ଶୋଇଛି। ପଚାରିବାରୁ ଦେହ ଭଲ ଲାଗୁନି କହୁଛି। ହେଲେ ଦେହରେ ତାତି ଅସମ୍ଭାଳ। କିଛି ସମୟ ପରେ ଡାକ୍ତରଙ୍କୁ ନେଇ ପୁପୁନ୍‌ର ବାପା ଘରେ ପହଞ୍ଚିଲେ। ଡାକ୍ତର ସଙ୍ଗେସଙ୍ଗେ ଥର୍ମୋମିଟର ପାଟିରେ ଦେଇ ଦେଖିଲେ ଜ୍ୱର ବଢ଼ି ଯାଇଛି। ପରୀକ୍ଷା କରି ଜାଣିଲେ ଥଣ୍ଡା ସହ ଜ୍ୱର ହୋଇଛି। ବର୍ଷାରେ ଭିଜିବା, ଓଦା ହେବା, ଖାଇବା ପିଇବା ଠିକ୍ ସମୟରେ ନ କରିବା ପାଇଁ ଶରୀର ସଂକ୍ରମିତ ହେବା ସହ ଜ୍ୱର ହୋଇଛି। ତେଣୁ ପୁପୁନ୍‌କୁ ଡାକ୍ତର ପରାମର୍ଶ ଦେଲେ, ତୁମେ ଦେହର ଯତ୍ନ ନିଅ। ନହେଲେ ପାଠ ପଢ଼ିବ କେମିତି! ଏମିତି ଚଗଲାମି କଲେ ଶରୀର କେତେ ଯନ୍ତ୍ରଣା ପାଉଛି, ଜାଣିଛ! ଏହାଦ୍ୱାରା ତମର ପାଠପଢ଼ା କ୍ଷତି ହେବ। ଆମ ଶରୀର ସବୁଠୁ ମୂଲ୍ୟବାନ। ବଡ଼ ଲୋକଙ୍କର ଉପଦେଶ ନ ମାନିଲେ ଏମିତି ଅସମୟରେ ପିଲାମାନେ ହଇରାଣ ହୁଅନ୍ତି। ଫଳରେ ପିତାମାତାମାନେ ଦୁଃଖ ପାଇଥାନ୍ତି। ଏହି ସମୟରେ ପାଖରେ ଛିଡ଼ା ହୋଇ ସିପୁନ୍‌ର ମା' ଡାକ୍ତରଙ୍କ କଥାରେ ସହମତି ଜଣାଇ କହିଲେ, ଠିକ୍ କଥା ପିଲାମାନେ ଏକ ଜିଦିଆ ଆଉ ଅଝଟ ହୋଇ ଏମିତି ନିଜ ଶରୀରକୁ ପୀଡ଼ା ଦେଉଛନ୍ତି। ଆଜି ସିପୁନ୍‌ର ଜନ୍ମଦିନରେ ପୁପୁନ୍ ଉପସ୍ଥିତ ରହି ପାରିଲା ନାହିଁ। ସବୁଦିନ ବର୍ଷାରେ ଭିଜିବା ପାଇଁ ପୁପୁନ୍‌କୁ ବହୁତ ଖୁସି ଲାଗେ। ସିପୁନ୍ ଛତା ନେଇ ସ୍କୁଲକୁ ଯାଏ, ମାତ୍ର ପୁପୁନ୍ କଥା ନ ମାନି ଛତା ନ ନେଇ ସ୍କୁଲ ଯାଏ। ବର୍ଷାରେ ଭିଜି ଓଦା ସରସର ହୋଇ ଘରକୁ ସନ୍ଧ୍ୟାରେ ଫେରେ। ପଚାରିଲେ କହେ, ମୋର ଛତା ନାହିଁ। କିଛି ସମୟ ପରେ ଔଷଧ ଖାଇବା ପରେ ପୁପୁନ୍‌କୁ ଟିକେ ଭଲ ଲାଗିଲା। ସେ ବିଛଣାରୁ ଉଠି ମା'ଙ୍କୁ ପଚାରିଲା, ସିପୁନ୍‌ର ଜନ୍ମଦିନ ଥିଲା। ମୁଁ ଯାଇ ପାରିଲି ନାହିଁ। ମା' ବୁଝାଇ ଦେଲେ ହଁ, ସିପୁନ୍ ଓ ତାର ମା' ଆସିଥିଲେ। ତୁ ଶୋଇଥିଲୁ, ହେଲେ ମନ ଦୁଃଖ କର ନାହିଁ। ତୁ ଭଲ ହୋଇଗଲେ ଆମ ଘରେ ଆଉ ଥରେ ଜନ୍ମଦିନ ପାଳନ କରିବା। ସେଦିନ ରାତିସାରା ପୁପୁନ୍ ଶୋଇ ପାରିଲା ନାହିଁ। ମନ ଭିତରେ ତା'ର ସବୁ ଦୁଷ୍ଟାମି ଆସୁଥାଏ। ସାଙ୍ଗମାନଙ୍କ ସହ ମିଶି ପାଣି ଖାଲରେ ପଶି କାଦୁଆ ହେବା, ଛତା ନ ନେଇ ଓଦା ହୋଇ ସ୍କୁଲ ଯିବା, ଆହୁରି କେତେ କଥା। ଏମିତି ଭାବୁ ଭାବୁ ସେ ଶୋଇ ପଡ଼ିଥାଏ। ସକାଳ ହେଲା, ଶରୀର ଦୁର୍ବଳ ଲାଗୁଥାଏ। ଆଉ ସେଦିନ ବି ସେ ସ୍କୁଲ ଗଲା ନାହିଁ। ଲଗାତାର ତିନିଦିନ ଯାଏ ସେ ସ୍କୁଲ ଯାଇ ପାରିଲା ନାହିଁ। ଘରେ ଶୋଇ ଶୋଇ ଚିଡ଼ା ଲାଗୁଥାଏ। କିଛି ଦିନ ପରେ ଦେହ ଟିକେ ଭଲ ଲାଗିବାରୁ ପୁପୁନ୍ ବାହାରିଲା ସ୍କୁଲ ଯିବା ପାଇଁ। କିନ୍ତୁ ବର୍ଷା ପାଗ ଦେଖି କୁଣ୍ଠା ହେଉଥାଏ। ମା' ତା ମୁଣ୍ଡରେ ହାତ ମାରି କହିଲେ, ଦେଖିଲୁ ବାବା ବାପା ତୋ ପାଇଁ କ'ଣ ଆଣିଛନ୍ତି। ପୁପୁନ୍ ଆଶ୍ଚର୍ଯ୍ୟ ହେଲା, ମା' ତା' ହାତକୁ ଗୋଟିଏ ସୁନ୍ଦର ଫୁଲ ପକା ରଙ୍ଗୀନ ଛତା ଟିଏ ବଢାଇ ଦେଲେ। ରଙ୍ଗୀନ ଫୁଲ ପକା ଛତା ଦେଖି ପୁପୁନ୍ ଭାରି ଖୁସି ହୋଇଗଲା। ମା' କହିଲେ, ଏହି ଛତା ଆମକୁ ଖରା ଆଉ ବର୍ଷାରୁ ରକ୍ଷା କରିଥାଏ। ଅଧିକାଂଶ ସାଙ୍ଗ ପିଲା ରଙ୍ଗୀନ ଛତା ନେଇ ଆସୁଥିବାର ସେ ଦେଖିଛି। ଆଜି ତାର ମଧ ରଙ୍ଗୀନ ଛତା ଦେଖି ପୁପୁନ୍ ଖୁସି ହୋଇଗଲା। ଆଉ ଆଗଭଳି ସେ ଦୁଷ୍ଟାମୀ କରିବ ନାହିଁ ବୋଲି ମନେ ମନେ ସ୍ଥିର କଲା। ଭାରି ମନ ଖୁସିରେ ରଙ୍ଗୀନ ଛତା ଧରି ସ୍କୁଲ ବାହାରି ଗଲା।



ରାଜେନ୍ଦ୍ରପୁର, ଭଦ୍ରକ
ମୋ- ୯୪୩୭୭୩୧୯୦୩


### ମାଟି ସ୍ଲେଟ

ମାଟିରେ ତିଆରି ସିଲଟ ମୁହିଁ
କାଲି ଥିଲି ପ୍ରିୟ ସବୁରି ପାଇଁ।
ଲେଖୁଥିଲେ ସର୍ବେ ଖଡ଼ିକୁ ଧରି
ବ୍ରହ୍ମା ବିଷ୍ଣୁ ମହେଶ୍ୱରଙ୍କୁ ସ୍ମରି।
ଗୁରୁ ଲେଖୁଥିଲେ ସ୍ୱର ବ୍ୟଞ୍ଜନ
ମଡ଼ାଇଲେ ଚାଟ ଦେଇ ଧିଆନ।
ଗୁରୁ ଶିଖାଇଲେ ସଂଶ୍ଳେଷଣ
ପଣିକିଆ ସାଥେ ବିଶ୍ଳେଷଣ।
ମିଶାଣ ଫେଡ଼ାଣ ଗୁଣନ ହରଣ
କଷୁଥିଲେ ଚାଟ ଦେଇ ଧିଆନ।
ଆଉ ନାହିଁ ସେହି ବେଳ ମୋହର
କାଗଜକୁ ସର୍ବେ କଲେ ଆଦର।
କିଏ ବା ବୁଝିବ ମୋର ମନକୁ
ବିଦାୟ ନେଉଛି କାଳ କାଳକୁ।

ଇନ୍ଦିପୁର, ଚନ୍ଦନ ମଣ୍ଡପ ସାହି,
ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬




ପ୍ରଶାନ୍ତ କୁମାର ସାହୁ







ଅଂଶୁମାନ ସାହୁ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର
ଓଡ଼ାପଡ଼ା
ଢେଙ୍କାନାଳ






କ୍ରିଷ୍ଟାଲ ପଣ୍ଡା
ଦ୍ୱିତୀୟ ଶ୍ରେଣୀ
ବ୍ରିଜୱେଲ ଗ୍ଲୋବାଲ ସ୍କୁଲ
ସରକଣା
ଖୋର୍ଦ୍ଧା





ରାଜନନ୍ଦିନୀ ସିଂ
ଅଷ୍ଟମ ଶ୍ରେଣୀ
ଶ୍ରୀଦାମ ଚନ୍ଦ୍ରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ
ଉଦଳା, ମୟୂରଭଞ୍ଜ





ସ୍ୱର୍ଣ୍ଣ ସ୍ନିଗ୍ଧା ମହାନ୍ତି
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା

## କପିଳଙ୍କ ରେକର୍ଡ ଭାଙ୍ଗିଲେ ବୁମ୍‌ରା

ଲର୍ଡ୍ସ, ୧୧।୭ (ଏଜେନ୍ସି): ଏଠାରେ ଚାଲିଥିବା ତୃତୀୟ ଟେଷ୍ଟରେ ଭାରତ ଯଶପ୍ରୀତ୍ ବୁମ୍‌ରା ପ୍ରତିପକ୍ଷ ଇଂଲଣ୍ଡ ପ୍ରଥମ ଇନିଂସରେ ୫ ୱିକେଟ ସଫଳତା ପାଇଛନ୍ତି। ଏହା ଫଳରେ ବିଦେଶରେ ସେ ୧୩ଥର ଲାଗି ଗୋଟିଏ ଟେଷ୍ଟ ଇନିଂସରେ ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ କପିଳ ଦେବଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି। ବିଦେଶ ମାଟିରେ କପିଳ ୬୬ଟି ଇନିଂସରେ ୧୨ଥର ୫ ୱିକେଟ ସଫଳତା ପାଇଥିଲେ। ବୁମ୍‌ରା ମାତ୍ର ୩୫ଟି ଟେଷ୍ଟ ଖେଳି ଏହି ସଫଳତା ପାଇଛନ୍ତି।

**୫ମରେ ରୁଟ୍** : ଅନ୍ୟପକ୍ଷରେ ଇଂଲଣ୍ଡର ବରିଷ୍ଠ ବ୍ୟାଟର ଜୋ ରୁଟ୍ ଏହି ମ୍ୟାଚ୍‌ରେ ୧୦୪ ରନ୍ କରିଛନ୍ତି। ଏହା ତାଙ୍କ ଟେଷ୍ଟ ଜୀବନର ୩୭ତମ ଶତକ। ସର୍ବାଧିକ ଟେଷ୍ଟ ଶତକ ହାସଲ ତାଲିକାରେ ରୁଟ୍ ୫ମ ସ୍ଥାନକୁ ଉଠିଛନ୍ତି। ୧୫୬ତମ ଟେଷ୍ଟରେ ରୁଟଙ୍କୁ ଏହି ସଫଳତା ମିଳିଛି। ଟେଷ୍ଟ କ୍ରିକେଟରେ ସର୍ବାଧିକ ଶତକ ଭାରତର ସଚିନ ତେନ୍ଦୁଲକରଙ୍କ ନାମରେ ରହିଛି। ସେ ୨୦୦ ଟେଷ୍ଟରେ ୫୧ ଶତକ ହାସଲ କରିଥିଲେ। ତାଙ୍କ ପଛକୁ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ୍ ୧୬୬ ଟେଷ୍ଟରୁ ୪୫ଟି, ଅଷ୍ଟ୍ରେଲିଆର ରିକି ପଣ୍ଟିଂ ୧୬୮ ଟେଷ୍ଟରେ ୪୧ ଓ ଶ୍ରୀଲଙ୍କାର କୁମାର ସାଙ୍ଗକାରା ୧୩୪ ଟେଷ୍ଟରେ ୩୮ଟି ଶତକ ହାସଲ କରି ରୁଟ୍‌ଙ୍କ ଉପରେ ରହିଛନ୍ତି।

## ଦ୍ୱିତୀୟ ଦିନ ବ୍ୟାଟିଂ କଲେ ପନ୍ତ୍

ପ୍ରଥମ ଦିନ ବୁମ୍‌ରାଙ୍କ ବଲ ଅଟକାଇବାକୁ ଯାଇ ଆହତ ହୋଇଥିବା ଭାରତର ୱିକେଟ ରକ୍ଷକ ଋଷଭ ପନ୍ତ୍ ଭାରତୀୟ ଇନିଂସରେ ବ୍ୟାଟିଂ କରିବାକୁ ଆସିଥିଲେ। ପୂର୍ବରୁ ଇଂଲଣ୍ଡର ଅସମାପ୍ତ ପ୍ରଥମ ଇନିଂସରେ ସେ ୱିକେଟ କିପିଂ କରିବାକୁ ଆଦୌ



ଆସି ନ ଥିଲେ। କିନ୍ତୁ ଆଜି ସେ ପଡ଼ିଆକୁ ଆସି ଗୋଟିଏ ହାତରେ ବ୍ୟାଟିଂ ଅଭ୍ୟାସ କରିଥିଲେ ମଧ୍ୟ ଆଦୌ ସହଜ ଅନୁଭବ କରି ନ ଥିଲେ। କିନ୍ତୁ ଭାରତ ଇନିଂସରେ ଅଧିନାୟକ ଶୁବମନ ଗିଲ୍ ଆଉଟ ହେବା ପରେ ପନ୍ତ୍ ପୂର୍ବପରି ତାଙ୍କ ନଂ-୫ ପୋଜିସନରେ ବ୍ୟାଟିଂ କରିଥିଲେ। ତାଙ୍କ ଆହତ ସମସ୍ୟାରୁ ଫାଇଦା ନେବା ଲାଗି ଇଂଲଣ୍ଡ ସମସ୍ତ ପ୍ରକାର ଉଦ୍ୟମ କରିଥିଲା। ଚଳିତ ସିରିଜ୍‌ରେ ପନ୍ତ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଛି। ସେ ୨ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିସାରିଛନ୍ତି।

### ଲର୍ଡ୍ସରେ ରୁଟ୍‌ଙ୍କ ଶତକ, ବୁମ୍‌ରାଙ୍କୁ ୫ ୱିକେଟ ସଫଳତା

# ଇଂଲଣ୍ଡ ୩୮୭ ଜବାବରେ ଭାରତ ୧୪୫/୩

ଲର୍ଡ୍ସ, ୧୧।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ତୃତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷରେ ଉଭୟ ଦଳ ସମାନ ସ୍ଥିତିରେ ରହିଛନ୍ତି। ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ୫ ୱିକେଟ ନେବା ଫଳରେ ଇଂଲଣ୍ଡର ପ୍ରଥମ ଇନିଂସ ୩୮୭ ରନ୍‌ରେ ସୀମିତ ରହିଥିଲା। ଜବାବରେ ଭାରତ ବ୍ୟାଟିଂ କରି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଲୋକେଶ ରାହୁଲଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ପ୍ରଥମ ଇନିଂସରେ ୩ ୱିକେଟ ହରାଇ ୧୪୫ ରନ୍ ଭରଣା କରିନେଇଛି। ଦଳ ଏବେ ସୁଦ୍ଧା ୨୪୨ ରନ୍‌ରେ ପଛୁଆ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ରାହୁଲ ୫୩ ଓ ପନ୍ତ୍ ୧୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ କରୁନ ନାୟାର ୪୦, ଅଧିନାୟକ ଶୁବମନ ଗିଲ୍ ୧୬ ଓ ଯଶସ୍ୱୀ ଜୟସ୍ୱାଲ ୧୩ ରନ୍‌ରେ ଆଉଟ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସ, ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ଭାରତର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ପୂର୍ବରୁ ଇଂଲଣ୍ଡ ୪ ୱିକେଟରେ ୨୫୧ ରନ୍‌ରୁ ଖେଳ ଆରମ୍ଭ କରି ଦଳ ଜୋ ରୁଟ୍‌ଙ୍କ ୱିକେଟ ହରାଇଥିଲା। ରୁଟ ଏହି ଟେଷ୍ଟରେ ୩୭ତମ ଶତକ ସହ ୧୦୪ ରନ୍ କରିଥିଲେ। କିନ୍ତୁ ଜେମି ସ୍ମିଥ୍ (୫୧) ଓ ବ୍ରାଇଡନ କାର୍ସ (୫୬)ଙ୍କ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ସମ୍ମାନଜନକ ସ୍କୋର କରିଥିଲା। ଭାରତ ପକ୍ଷରୁ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଦ୍ୱିତୀୟ ଦିନରେ ଚମତ୍କାର ବୋଲିଂ କରି ଆଉ ୪ଟି ୱିକେଟ ପାଇଥିଲେ। ଏହା ଫଳରେ ସେ ମ୍ୟାଚ୍‌ରେ ୭୪ ରନ୍ ଦେଇ ମୋଟ ୫ ୱିକେଟ ସଫଳତା ପାଇଥିଲେ।





### ସମ୍ମାନ ରଖିଲେ ସ୍ମିଥ୍ ଓ କାର୍ସ

ଏହି ମ୍ୟାଚ୍‌ର ପ୍ରଥମ ଦିନରେ ଜୋ ରୁଟ୍, ଓଲି ପୋପ୍ (୪୪) ଓ ବେନ୍ ଷ୍ଟୋକ୍ସ ଲଢୁଆ ଖେଳିଥିଲେ। କିନ୍ତୁ ୯୯ ରନ୍‌ରେ ଅପରାଜିତ ଥିବା ରୁଟ ନିଜ ଟେଷ୍ଟ ଜୀବନର ୩୭ତମ ଶତକ ହାସଲ କରିବା ପରେ ୧୦୪ ରନ୍‌ରେ ଆଉଟ ହୋଇଥିଲେ। ସେହିପରି ୩୯ ରନ୍‌ରେ ଅପରାଜିତ ଅଧିନାୟକ ଷ୍ଟୋକ୍ସଙ୍କ ବ୍ୟାଟରୁ ମୋଟରେ ୪୪ ରନ୍ ମିଳିଥିଲା। ଏହା ସାଙ୍ଗକୁ କ୍ରିସ ଓକ୍ସ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଏ ସମସ୍ତ ଖେଳାଳିଙ୍କୁ ଆଉଟ କରି ବୁମ୍‌ରା କିଛି ସମୟ ଆତଙ୍କ ଖେଳାଇଦେଇଥିଲେ। ଘରୋଇ ଦଳ ୧୧ ରନ୍ ବ୍ୟବଧାନରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଦଳ ଗତକାଲି ୪ ୱିକେଟରେ ୨୫୧ ରନ୍ କରିଥିଲାବେଳେ ଦ୍ୱିତୀୟ ଦିନ ସକାଳେ ନୂଆ ବଲ୍‌ରେ ବୁମ୍‌ରାଙ୍କ ବୋଲିଂ ଘାତକ ସାବ୍ୟସ୍ତ ହୋଇଥିଲା। ଯାହା ଫଳରେ ଇଂଲଣ୍ଡ ୨୭୧ ରନ୍‌ରେ ୭ମ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଚଳିତ ସିରିଜ୍‌ରେ ଦମ୍‌ଦାର ପ୍ରଦର୍ଶନ କରୁଥିବା ଜେମି ସ୍ମିଥ ଓ ବ୍ରାଇଡନ କାର୍ସ ଚମତ୍କାର ବ୍ୟାଟ୍ ଚାଳନା କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲ। ସ୍ମିଥ୍ ୫୬ ବଲ୍‌ରେ ୬ ଚୌକା ସହ ୫୧ ଓ କାର୍ସ ୮୩ ବଲ୍‌ରେ ୬ ଚୌକା ଓ ୧ଛକା ସହ ୫୬ ରନ୍‌ରେ ଆଉଟ ହୋଇଥିଲେ। ସେମାନେ ମିଳିତଭାବେ ୧୧୪ ବଲ୍‌ର ସାମନା କରି ୮୪ ରନ୍ କରିଥିଲେ। ଏହି ପାର୍ଟନରସିପ୍ ଇଂଲଣ୍ଡର ସମ୍ମାନ ରକ୍ଷା କରିବାରେ ସହାୟ ହୋଇଥିଲା।

ଭାରତ ପକ୍ଷରୁ ବୁମ୍‌ରା ଆଜି ଘାତକ ବୋଲିଂ କରିଥିଲେ। ତାଙ୍କୁ ସର୍ବାଧିକ ୫ଟି ୱିକେଟ ମିଳିଥିଲା। ଏହା ଫଳରେ ଟେଷ୍ଟ କ୍ରିକେଟରେ ଗୋଟିଏ ଇନିଂସରେ ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସେ ୧୫ଥର ସଫଳ ହୋଇଛନ୍ତି। ଏହା ମଧ୍ୟରୁ ବିଦେଶରେ ୧୩ଥର ୫ ୱିକେଟ ସଫଳତା ପାଇଛନ୍ତି। ମହମ୍ମଦ ସିରାଜ ଓ ନୀତୀଶ କୁମାର ରେଡ୍ଡି ୨ଜଣ ଲେଖାଏଁ ଖେଳାଳିଙ୍କୁ ପାଭିଲିୟନ ପଠାଇବାରେ ସମର୍ଥ ହୋଇଥିଲେ। ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ୱିକେଟ ମିଳିଥିଲାବେଳେ ଦ୍ୱିତୀୟ ଟେଷ୍ଟରେ ୧୦ଟି ୱିକେଟ ନେଇଥିବା ଆକାଶ ଦୀପ୍‌ଙ୍କୁ ଇଂଲଣ୍ଡ ପ୍ରଥମ ଇନିଂରେ ଗୋଟିଏ ହେଲେ ୱିକେଟ ମିଳି ନ ଥିଲା।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭/୧୦, ୧୧୨.୩ ଓଭର**

(ରୁଟ୍- ୧୦୪, କାର୍ସ-୫୮, ସ୍ମିଥ-୫୧, କାର୍ସ-୫୭, ଷ୍ଟୋକ୍ସ- ୪୪, ପୋପ୍-୪୪, ବୁମ୍‌ରା-୫/୭୪, ଜାଡେଜା-୬୨, ରେଡ୍ଡୀ-୨/୮୫)।

**ଭାରତ ପ୍ରଥମ ଇନିଂସ : ୧୪୫/୩, ୪୩ ଓଭର**


(ରାହୁଲ-ବ୍ୟାଟିଂ-୫୩, ପନ୍ତ୍-ବ୍ୟାଟିଂ-୧୯, ନାୟାର-୪୦, ଗିଲ-୧୬, ଜୟସ୍ୱାଲ-୧୩, ଷ୍ଟୋକ୍ସ-୧/୧୬, ଆର୍ଚର-୧/୨୨, ଓକ୍ସ-୧/୫୬)।

## ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଫାଇନାଲ ଆଜି

ଭୁବନେଶ୍ୱର, ୧୧।୭ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଚାମ୍ପିଅନସିପ୍ ୫ମ ସଂସ୍କରଣର ଫାଇନାଲ ମୁକାବିଲା ଶନିବାର ଅନୁଷ୍ଠିତ ହେବ। ବାଳକ ବିଭାଗରେ ନୂଆଗାଁ ଓ କଉରାମୁଣ୍ଡା ଏଚ୍‌ଟିସି ଟାଇଟଲ୍ ପାଇଁ ଲଢ଼େଇ କରିବେ। ସେହିଭଳି ବାଳିକାରେ ଲାଠିକଟା ଓ ଗୁରୁଣ୍ଡିଆ ଏଚ୍‌ଟିସି ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ବାଳକ ସେମିଫାଇନାଲରେ ନୂଆଗାଁ ସୁଟ୍‌ଆଉଟ୍‌ରେ ୪-୧ (୩-୩) ଗୋଲ୍‌ରେ ରାଜଗାଙ୍ଗପୁର ଏଚ୍‌ଟିସିକୁ ପରାସ୍ତ କରିଥିଲା। ସେହିଭଳି ଅନ୍ୟ ଏକ ସେମିରେ କଉରାମୁଣ୍ଡା ୨-୧ ଗୋଲ୍‌ରେ ସଉନାମରା ଏଚ୍‌ଟିସିକୁ ହରାଇଥିଲା। ଅପରପକ୍ଷରେ ବାଳିକା ସେମିଫାଇନାଲରେ ଲାଠିକଟା ୩-୦ ଗୋଲ୍‌ରେ ବଡ଼ଗାଁ ଏଚ୍‌ଟିସିକୁ ଏବଂ ଗୁରୁଣ୍ଡିଆ ୪-୧ ଗୋଲ୍‌ରେ ବମ୍ରା ଏଚ୍‌ଟିସିକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟରେ ଥିବା ୩୩ ହକି ଟ୍ରେନିଂ ସେଣ୍ଟର (ଏଚ୍‌ଟିସି)ର ଶ୍ରେଷ୍ଠ-୮ଟି ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିଛନ୍ତି।

## ଶତକ ସତ୍ତ୍ୱେ 'ଲର୍ଡ୍ସ ଅନର୍ସ ବୋର୍ଡ'ରେ ନାହାନ୍ତି ସଚିନ

ଲଣ୍ଡନ, ୧୧।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଟେଷ୍ଟ ସିରିଜର ୩ୟ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ସମ୍ମାନିତ କରାଯାଇଥିଲା। ଲର୍ଡ୍ସ ଗ୍ରାଉଣ୍ଡ ଭିତରରେ ଥିବା ମେରିଲବୋନ୍ କ୍ରିକେଟ୍ କ୍ଲବ (ଏମ୍‌ସିସି) ସଂଗ୍ରାହଳୟରେ ସଚିନ ପେଣ୍ଟିଂ ହୋଇଥିବା ନିଜର ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ସେହିଭଳି ପାରମ୍ପରିକ ଭାବେ ଘଣ୍ଟି ବଜାଇ ସଚିନ ଲର୍ଡ୍ସ ଟେଷ୍ଟକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ତେବେ ଦୀର୍ଘ ଅଢ଼େଇ ଦଶନ୍ଧିର କ୍ୟାରିୟରରେ ସଚିନ ୧୦୦ ଅନ୍ତର୍ଜାତୀୟ ଶତକ ସହ ୩୪ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲେ ମଧ୍ୟ ତାଙ୍କ ନାମ ସମ୍ମାନଜନକ 'ଲର୍ଡ୍ସ ଅନର୍ସ ବୋର୍ଡ'ରେ ଲିପିବଦ୍ଧ ହୋଇନାହିଁ। ସାଧାରଣତଃ କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଲର୍ଡ୍ସରେ ଯେଉଁ ଖେଳାଳି ଶତକ କିମ୍ବା ୫ ୱିକେଟ ସଫଳତା ପାଇଥାନ୍ତି ତାଙ୍କ ନାମ ଲର୍ଡ୍ସ ଅନର୍ସ ବୋର୍ଡରେ ଲେଖାଯାଇଥାଏ।



ଏହାକୁ ନେଇ ଏମ୍‌ସିସିର ସଭାପତି ମାର୍କ ନିକୋଲସ ମଜାଳିଆ ଢଙ୍ଗରେ ସଚିନଙ୍କୁ କହିଥିଲେ, 'ତୁମେ ଲର୍ଡ୍ସ ଅନର୍ ବୋର୍ଡରେ ସ୍ଥାନ ପାଇଲ ନାହିଁ। କ'ଣ ହେଲା ? ମୁଁ ଭାବୁଛି ଇଂଲଣ୍ଡର ଉଚ୍ଚମାନର ବୋଲିଂ ଲାଗି'। ତେବେ ନିକୋଲସଙ୍କ ଦ୍ୱାରା ପଚରାଯାଇଥିବା ଏହି ତ୍ରୁଟିପୂର୍ଣ୍ଣ ପ୍ରଶ୍ନକୁ ସଚିନ ହସି ହସି ସଂଶୋଧନ କରିଥିଲେ। ସଚିନ କହିଥିଲେ, 'ମୁଁ ଭାବୁଛି ଏହା ୧୯୯୮ ମସିହା ଥିଲା ଯେତେବେଳେ ଆମେ ଲର୍ଡ୍ସରେ ଏକ ମେମୋରିଆଲ୍ ମ୍ୟାଚ୍ ଖେଳିଥିଲୁ ଏବଂ ମୁଁ ସେଥିରେ ଅବଶିଷ୍ଟ ବିଶ୍ୱ ଏକାଦଶର ନେତୃତ୍ୱ ନେଇ ୧୨୫ ରନର ଶତକୀୟ ପାଳି ଖେଳିଥିଲି। ପ୍ରତିପକ୍ଷ ମେରିଲବୋନ କ୍ରିକେଟ୍ କ୍ଲବ (ଏମ୍‌ସିସି) ଦଳରେ ଗ୍ଲେନ ମ୍ୟାକ୍‌ଗ୍ରା, ଆଲାନ ଡୋନାଲ୍ଡ, ଜାଭାଗଲ ଶ୍ରୀନାଥ, ଅନିଲ କୁମ୍ବଲେ ଓ ବ୍ରାଏନ ମ୍ୟାକ୍‌ମିଲାନଙ୍କ ପରି ଦକ୍ଷ ବୋଲର୍ ରହିଥିଲେ।' ଉଲ୍ଲେଖଯୋଗ୍ୟ, ଏମ୍‌ସିସି ଓ ବିଶ୍ୱ ଏକାଦଶ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍‌ଟି ଏକ ଚ୍ୟାରିଟି ମୁକାବିଲା ଥିଲା। ତେଣୁ ସଚିନ ଏଥିରେ ମାରିଥିବା ଶତକଟି ଅନର୍ ବୋର୍ଡରେ ସ୍ଥାନ ପାଇ ନ ଥିଲା। ଲର୍ଡ୍ସ ଅନର୍ ବୋର୍ଡ କେବଳ ଅଫିସିଆଲ୍ ମ୍ୟାଚ୍‌ର ରେକର୍ଡ ପାଇଁ ଉପଲବ୍ଧ ରହିଛି।

## ଶ୍ରଦ୍ଧାଞ୍ଜଳିଙ୍କୁ ଏଏଫ୍‌ସି 'ଏ' କୋଚିଂ ଲାଇସେନ୍ସ


ଭୁବନେଶ୍ୱର,୧୧।୭ (ସମିସ): ଓଡ଼ିଶାର ସୁନାମଧନ୍ୟ ମହିଳା ଫୁଟବଲ ଖେଳାଳି ତଥା କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଏଏଫ୍‌ସି-ଏ'



କୋଚିଂ ଲାଇସେନ୍ସ ମିଳିଛି। ଏସୀୟ ଫୁଟବଲ ମହାସଂଘ ପକ୍ଷରୁ ଅନୁଷ୍ଠିତ ଏ ଲାଇସେନ୍ସ ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଛନ୍ତି। ଏହା ଫଳରେ ସେ ବରିଷ୍ଠ ଜାତୀୟ ତଥା ଗ୍ରେଡ୍-ଏ ଟିମ୍‌ର କୋଚ୍ ହେବାକୁ ଲାଇସେନ୍ସ ପ୍ରାପ୍ତ ହୋଇଛନ୍ତି। ପୂର୍ବରୁ ସେ ସମସ୍ତ ପ୍ରକାର ଭାରତୀୟ ଦଳର କୋଚ୍ ହୋଇସାରିଛନ୍ତି। ଏହି ସଫଳତା ଲାଗି ଶ୍ରଦ୍ଧାଞ୍ଜଳିଙ୍କୁ ଫାଓ ସଭାପତି ଟଙ୍କଧର ତ୍ରିପାଠୀ ଓ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

## ଆଲ୍‌କାରାଜ୍-ସିନ୍ନର ଫାଇନାଲ

ଲଣ୍ଡନ,୧୧।୭ (ଏଜେନ୍ସି): ଉଦୀୟମାନ ଯୁବ ଖେଳାଳି ତଥା ଗତ ଦୁଇଥରର ବିଜେତା ସ୍ପେନ୍‌ର କାର୍ଲୋସ ଆଲକାରାଜ୍ ଓ ବିଶ୍ୱର ନଂ-୧ ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କ ମଧ୍ୟରେ ଚଳିତବର୍ଷର ୱିମ୍ବଲଡନ ଗ୍ରାଣ୍ଡସ୍ଲାମ୍ ପୁରୁଷ ଏକକ ଫାଇନାଲ ଖେଳାଯିବ।



ୱିମ୍ବଲଡନ ଗ୍ରାଣ୍ଡସ୍ଲାମ୍

ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆଲକାରାଜ ୩-୦ ସେଟ୍‌ରେ ୫ମ ସିଡ୍ ଆମେରିକାର ଟେଲର ଫ୍ରିଜ୍‌କୁ ପରାସ୍ତ କରିଥିଲେ। ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରିଥିବା ନମ୍ବର ୨ ସିଡ୍ ଆଲକାରାଜ ଏହି ମ୍ୟାଚ୍‌କୁ ୬-୪, ୫-୭, ୬-୩ ଓ ୭-୬ (୮/୬) ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ଏକତରଫା ଦ୍ୱିତୀୟ ସେମିଫାଇନାଲରେ ସିନ୍ନର ୬-୩, ୬-୩, ୬-୪ ସିଧାସଳଖ ସେଟ୍‌ରେ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ। ଏହା ଫଳରେ ଜୋକୋଭିଚ୍‌ଙ୍କ ରେକର୍ଡ କରିବା ସ୍ୱପ୍ନରେ ପୁଣିଥରେ ବ୍ରେକ୍ ଲାଗିଛି।

ଆସନ୍ତାକାଲି ମହିଳା ଏକକ ଫାଇନାଲ ଖେଳାଯିବ। ଏଥିରେ ପୋଲାଣ୍ଡର ଇଗା ସ୍ୱିଆଟେକଙ୍କ ସହ ଆମାଣ୍ଡା ସିନିଆକୋଭଙ୍କର ମୁକାବିଲା ହେବ। ଗତକାଲି ଖେଳାଯାଇଥିବା ସେମିଫାଇନାଲରେ ଟପ୍ ସିଡ୍ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ୨-୧ରେ ଆନିସିମୋଭା ଓ ବେଲିଣ୍ଡା ବେଙ୍କିକ୍‌କୁ ୨-୦ରେ ପରାସ୍ତ କରି ସ୍ୱିଆଟେକ ଫାଇନାଲରେ ପ୍ରବେଶ କରିଥିଲେ।

### ସିନିଆକୋଭା-ଭର୍ବିକ ମିଶ୍ରିତ ଯୁଗଳ ଚାମ୍ପିଅନ

ଚେକ୍ ପ୍ରଜାତନ୍ତ୍ରର କାଟେରିଆ ସିନିଆକୋଭା ଓ ନେଦରଲାଣ୍ଡର ସେମ ଭର୍ବିକ ଚଳିତବର୍ଷ ୱିମ୍ବଲଡନ ମିଶ୍ରିତ ଯୁଗଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ଫାଇନାଲରେ ସିନିଆକୋଭା-ଭର୍ବିକଙ୍କ ଯୋଡି ୭-୬, ୭-୬ ସିଧାସଳଖ ଟାଇବ୍ରେକର ସେଟ୍‌ରେ ବ୍ରିଟେନର ଜୋ ସାଲିସ୍‌ବରୀ ଓ ବ୍ରାଜିଲ୍‌ର ଲୁଇସା ଷ୍ଟେଫାନିଙ୍କୁ ପରାସ୍ତ କରିଥିଲେ।

## ଜାତୀୟ ସବ୍‌ଜୁନିଅର ବାଳିକା ହକି ସେମିରେ ଓଡ଼ିଶା

ଭୁବନେଶ୍ୱର, ୧୧।୭ (ସମିସ): ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକିର ୧୫ତମ ସଂସ୍କରଣ ସେମିଫାଇନାଲରେ ଓଡ଼ିଶା ଦଳ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ବାଳିକା ଦଳ ୫-୦ ଗୋଲ୍‌ରେ ବିହାରକୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ଆଶିକା ସମାଦ, ପ୍ରିୟଙ୍କା





ମିଞ୍ଜ, ଏଲିନା ବୁର୍, ସ୍ୱିଟି କୁଜୁର ଓ ଗୀତା ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଶନିବାର ପ୍ରଥମ ସେମିଫାଇନାଲରେ ହରିୟାଣା ସହ ଓଡ଼ିଶାର ମୁକାବିଲା ହେବ। କ୍ୱାର୍ଟର ଫାଇନାଲରେ ହରିୟାଣା ୧-୦ ଗୋଲ୍‌ରେ ଉତ୍ତର ପ୍ରଦେଶକୁ ହରାଇଥିଲା। ସେହିଭଳି ଆୟୋଜକ ଝାଡ଼ଖଣ୍ଡ ଓ ମିଜୋରାମ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।

## ୮ ବର୍ଷ ପରେ କଳିଙ୍ଗକୁ ଫେରିଲା ଅନ୍ତର୍ଜାତୀୟ ଦୌଡ଼କୁଦ

ଭୁବନେଶ୍ୱର, ୧୧।୭ (ସମିସ)

ଦୀର୍ଘ ୮ ବର୍ଷ ପରେ ଆଇକନିକ କଳିଙ୍ଗ ଷ୍ଟାଡିୟମକୁ ଫେରିଛି ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା। ଅଗଷ୍ଟ ୧୦ରେ କଳିଙ୍ଗ ଷ୍ଟାଡିୟମର ମୁଖ୍ୟ ଫିଲ୍ଡରେ ଆୟୋଜିତ ହେବ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ୍ ମିଟ୍। ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ), ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ମେଗା ଇଭେଣ୍ଟରେ ଆୟୋଜକ ଭାରତ ସମେତ ୧୦ଟି ଦେଶର କ୍ରୀଡ଼ାବିତ୍ ଯୋଗଦେବେ। ଶେଷ ଓ ପ୍ରଥମଥର ଲାଗି ୨୦୧୭ରେ କଳିଙ୍ଗ ଷ୍ଟାଡିୟମରେ ଏସିଆନ୍ ଆଥ୍‌ଲେଟିକ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା। ସେତେବେଳେ ଅନୁଷ୍ଠିତ ଏହି ଏଲିଟ୍ ଲେଭଲ୍ ପ୍ରତିଯୋଗିତାରେ ୪୧ ରାଷ୍ଟ୍ରର ପାଖାପାଖି ୬୦୦ ଆଥ୍‌ଲେଟ୍ ଭାଗନେଇଥିଲେ।

**ଅଗଷ୍ଟ ୧୦ରେ ହେବ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍**



ଅଗଷ୍ଟ ୧୦ରେ ଆୟୋଜିତ ହେବାକୁ ଥିବା ଏହି ଏକଦିବସୀୟ ପ୍ରତିଯୋଗିତାରେ ତୁର୍କମେନିସ୍ତାନ, ଭୁଟାନ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ, ଭିଏତ୍‌ନାମ, କାମେରୁନ, ଶ୍ରୀଲଙ୍କା, ଇରାନ, ଫିଲିପାଇନ୍ସ, ମାଳଦୀପରୁ ପାଖାପାଖି ୫୦ ବିଦେଶୀ କ୍ରୀଡ଼ାବିତ୍ ଭାଗନେବେ। ସେହିଭଳି ଘରୋଇ ଭାରତର ୧୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍‌ଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଏଥିସହ ସେପ୍ଟେମ୍ବରରେ ଟୋକିଓରେ ହେବାକୁ ଥିବା ୨୦ତମ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଲାଗି ଏହା ଯୋଗ୍ୟତା ଅର୍ଜନକାରୀ ଇଭେଣ୍ଟ ହେବ ବୋଲି ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଏଫ୍‌ଆଇ ସାଧାରଣ ସମ୍ପାଦକ ସନ୍ଦୀପ ମେହତା ସୂଚନା ଦେଇଛନ୍ତି। ଏହି ଏକଦିବସୀୟ ପ୍ରତିଯୋଗିତାରେ ପୁରୁଷ, ମହିଳା ଓ ମିକ୍ସଡ୍ ବର୍ଗରେ ମୋଟ୍ ୨୦ଟି ଇଭେଣ୍ଟ ଅନୁଷ୍ଠିତ ହେବ। ପୁରୁଷ ବିଭାଗରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୫୦୦୦ ମିଟର ଦୌଡ଼ ସହ ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ଜାଭେଲିନ୍ ଥ୍ରୋ, ୪ ଗୁଣା ୪୦୦ମି ରିଲେ, ମହିଳାରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୧୦୦ ମିଟର ହର୍ଡଲ୍ସ, ଲଙ୍ଗ ଜମ୍ପ, ଜାଭେଲିନ ଥ୍ରୋ, ଓ ୪ ଗୁଣା ୪୦୦ ମିଟର ରିଲେ ଅନୁଷ୍ଠିତ ହେବ। ସେହିଭଳି ମିକ୍ସଡରେ କେବଳ ୪ ଗୁଣା ୪୦୦ ମିଟର ରିଲେ ହେବ ବୋଲି ଏଏଫ୍‌ଆଇ କୋଷାଧ୍ୟକ୍ଷ ବି.ଇ. ସେନଲି ଜୋନ୍ସ ଏହି ଅବସରରେ କହିଥିଲେ। ଡବ୍ଲ୍ୟୁଏ ଓ ଏଏଫ୍‌ଆଇ ବୈଷୟିକ ଦଳ କଳିଙ୍ଗ ଷ୍ଟାଡିୟମ ପରିଭ୍ରମଣ କରି ଭିତ୍ତିଭୂମି ଯାଞ୍ଚ କରିବା ସହ ଏହି ମେଗା ପ୍ରତିଯୋଗିତା ପୂର୍ବରୁ କିଛି ଟେକ୍‌ନିକାଲ ପରିବର୍ତ୍ତନ କରିବା ନେଇ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଉପସ୍ଥିତ ରହିଥିଲେ।

ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
|---|---|
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499
HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS